READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୧୦ ସଂଖ୍ୟା-୧୦ ୧୬ ମାର୍ଚ୍ଚ - ୨୨ ମାର୍ଚ୍ଚ, ୨୦୨୬ ଭୁବନେଶ୍ୱର Monday Weekly VOL-10 ISSUE-10 16th MARCH - 22nd MARCH, 2026 BHUBANESWAR ₹ 5/- (8 Pages)

### ଦୁଇ ତୃତୀୟାଂଶ ଶିଶୁ ଡିଜିଟାଲ ନିଶାରେ !

## ବିଧାନସଭାରେ ଉଠିଲା ପ୍ରସଙ୍ଗ



**ଭୁବନେଶ୍ୱର :** ଓଡ଼ିଶାରେ ବ୍ୟାନ୍ ହେବ କି ସୋସିଆଲ ମିଡିଆ। ଓଡ଼ିଶା ଆପଣାଇବ କି କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶର ମଡେଲ। ଶିଶୁମାନଙ୍କ ପାଇଁ ବ୍ୟାନ୍ ହେବ କି ସୋସିଆଲ ମିଡିଆ। ଏ କଥା ଆମେ କହୁ ନାହୁଁ ବରଂ ବିଧାନସଭାରେ ଉଠିଛି ଏହି ପ୍ରସଙ୍ଗ। ୨୦୨୫-୨୬ ଅର୍ଥନୈତିକ ସର୍ଭେରୁ ଜଣାପଡ଼ିଛି ଯେ ଓଡ଼ିଶାର ଦୁଇ ତୃତୀୟାଂଶ ଶିଶୁ ଏବେ ଡିଜିଟାଲ ନିଶାର ଶିକାର ହେଉଛନ୍ତି। ଏନେଇ ଗୃହରେ ଉଦବେଗ ପ୍ରକାଶ କରିବା ସହ କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶ ପରି ଶିଶୁଙ୍କ ପାଇଁ ଡିଜିଟାଲ ବ୍ୟାନ୍ ପାଇଁ ଦାବି ଉଠାଇଛନ୍ତି ବିଜେଡି ବିଧାୟିକା ସୁବାସିନୀ ଜେନା। ତେବେ ସୁବାସିନୀ ଜେନାଙ୍କ ଏହି ପ୍ରଶ୍ନକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହାକୁ ସ୍ୱୀକାର କରିବା ସହ ଆଗାମୀ ଦିନରେ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ଗୃହରେ ଉତ୍ତର ରଖିଛନ୍ତି। ତେବେ ନିକଟରେ କର୍ଣ୍ଣାଟକ ସରକାର ସୋସିଆଲ ମିଡିଆ ବ୍ୟବହାରକୁ ନେଇ ବଡ଼ ନିଷ୍ପତ୍ତି ନେଇଛନ୍ତି। କର୍ଣ୍ଣାଟକରେ ୧୬ ବର୍ଷରୁ କମ୍ ବୟସ୍କ ଛୁଆ ସୋସିଆଲ୍ ମିଡିଆର ବ୍ୟବହାର କରିବା ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଏନେଇ କର୍ଣ୍ଣାଟକ ସରକାର ଘୋଷଣା କରିଛନ୍ତି। ବିଧାନସଭାର ବଜେଟ୍ ଅଧିବେଶନରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା କହିଥିଲେ, ➤ ପୃ-୬

## ଚାଷୀ ଆମ ଅର୍ଥନୀତିର ମେରୁଦଣ୍ଡ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ଚାଷୀ ହେଉଛନ୍ତି ଆମ ସମାଜର ମେରୁଦଣ୍ଡ ଏବଂ ଆମ ଅର୍ଥନୀତିର ପ୍ରକୃତ ସାରଥି। 'ଜୟ କିଷାନ'ର ନାରାକୁ ସାର୍ଥକ କରିବା ପାଇଁ କେନ୍ଦ୍ର ସରକାର ଓ ଆମ ସରକାର ସଦାସର୍ବଦା ଚେଷ୍ଟିତ। ଚାଷୀମାନଙ୍କର ଉନ୍ନତି ବିନା ଦେଶ କିମ୍ବା ରାଜ୍ୟର ବିକାଶ ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୨ ତମ ପିଏମ୍ କିଷାନ ଉତ୍ସବ ଦିବସରେ କୃଷକ ସମ୍ମାନ ନିଧି ପ୍ରଦାନ କାର୍ଯ୍ୟକ୍ରମ ଅବସରରେ ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ କୃଷକମାନଙ୍କୁ ଉଦ୍ବୋଧନ ଦେଇ କହିଛନ୍ତି। ଆସାମର ଗୌହାଟୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍ କିଷାନ ସମ୍ମାନ ନିଧିର ୨୨ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି। ୨୨ତମ କିସ୍ତିରେ ଦେଶର ୯. ୩୨ କୋଟି କୃଷକଙ୍କୁ ପ୍ରାୟ ୧୯ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ସବୁ ରାଜ୍ୟର ଜିଲ୍ଲା, ବ୍ଲକ, ପଞ୍ଚାୟତ, ପ୍ୟାକ୍ସ ଓ ମଣ୍ଡିରେ ଆୟୋଜନ କରାଯାଇଛି। ପ୍ରଧାନମନ୍ତ୍ରୀ ଏହି ଅବସରରେ ଦେଶର କୃଷକମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ କୃଷକ ମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ପିଏମ-କିଷାନ ଯୋଜନା ଚାଷୀଙ୍କୁ ବିହନ, ସାର ଏବଂ ଅନ୍ୟାନ୍ୟ କୃଷି ଉପକରଣ କିଣିବାରେ ସାହାଯ୍ୟ କରୁଛି। ଏହି ୨୦୦୦ ଟଙ୍କାର କିସ୍ତି ଏବଂ ତିନୋଟି କିସ୍ତିରେ ବର୍ଷକୁ ସର୍ବମୋଟ ୬ ହଜାର ଟଙ୍କା ହୁଏତ ସାଧାରଣ ଲୋକଙ୍କ ପାଇଁ ଏକ ସାମାନ୍ୟ ଅର୍ଥ ହୋଇପାରେ, କିନ୍ତୁ ଜଣେ କ୍ଷୁଦ୍ର ଚାଷୀ ପାଇଁ ଏହା ତାର ପରିଶ୍ରମର ଏକ ବଡ଼ ସମ୍ମାନ। ଆଜିର ଦିନକୁ, ସାରା ଦେଶ ତଥା ରାଜ୍ୟରେ ପି.ଏମ୍ କିଷାନ ଉତ୍ସବ ଦିବସ ଭାବରେ ପାଳନ କରୁଛି। ଏଥି ସହିତ ଏହାକୁ ରାଜ୍ୟର ସମସ୍ତ ଜିଲ୍ଲା, ବ୍ଲକ, ପଞ୍ଚାୟତ, ପ୍ୟାକ୍ସ ଓ ମଣ୍ଡିରେ ମଧ୍ୟ ପାଳନ କରାଯାଉଛି। ଏହି ଅବସରରେ କୃଷକମାନଙ୍କ ମଧ୍ୟରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଆବଶ୍ୟକୀୟ ଯୋଗ୍ୟତା ମାନଦଣ୍ଡ ବିଷୟରେ ମଧ୍ୟ ସଚେତନତା ସୃଷ୍ଟି କରାଯାଉଛି । ଆମ ରାଜ୍ୟରେ, ୩୪ ଲକ୍ଷ ୨୪ ହଜାରରୁ ଉର୍ଦ୍ଧ୍ୱ ଯୋଗ୍ୟ ଚାଷୀ ଭାଇଭଉଣୀମାନଙ୍କୁ, ୨୨ତମ କିସ୍ତି ବାବଦକୁ ୨ ହଜାର ଟଙ୍କା ହିସାବରେ ସମୁଦାୟ ୬୮୪ କୋଟି ଟଙ୍କାର ଆର୍ଥିକ ➤ ପୃ-୬

### ରବୀନ୍ଦ୍ରଙ୍କୁ ଆଶ୍ୱସ୍ତି

## ଅନ୍ତରୀଣ ସୁରକ୍ଷା ବଳବତ୍ତର



**ଭୁବନେଶ୍ୱର :** ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କୁ ହାଇକୋର୍ଟରୁ ମିଳିଛି ସାମୟିକ ଆଶ୍ୱସ୍ତି। ବହୁଚର୍ଚ୍ଚିତ ସି-ସୋର୍ ଚିଟ୍‌ଫଣ୍ଡ ଘୋଟାଲା ମାମଲାରେ ତାଙ୍କୁ ପୂର୍ବରୁ ମିଳିଥିବା 'ଅନ୍ତରୀଣ ସୁରକ୍ଷା' ଅବଧିକୁ ଆସନ୍ତା ଏପ୍ରିଲ ୧୩ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ହାଇକୋର୍ଟ। ଅନ୍ୟପଟେ ତାଙ୍କଠାରୁ ଜବତ କରାଯାଇଥିବା ଦଲିଲ ଓ ଦସ୍ତାବିଜର ଚିଠା ବା ତାଲିକା ଯୋଗାଇଦେବାକୁ କୋର୍ଟ କହିଛନ୍ତି। ଭୁବନେଶ୍ୱର ସିବିଆଇ ଅଦାଲତରେ ଚାଲିଥିବା ସି-ସୋର୍ ଚିଟ୍‌ଫଣ୍ଡ ଘୋଟାଲା ମାମଲାରୁ ତାଙ୍କୁ ବାଦ ଦେବା ଲାଗି ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରାରମ୍ଭିକ ଶୁଣାଣିରେ ହାଇକୋର୍ଟ ରବୀନ୍ଦ୍ରଙ୍କ ଆବଦେନକୁ ଗ୍ରହଣ କରିବା ସହ ତାଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଉପରେ ଅନ୍ତରୀଣ ଅଙ୍କୁଶ ଲଗାଇଥିଲେ। ସର୍ତ୍ତ ସ୍ୱରୂପ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହେବା ସହ ତଦନ୍ତରେ ସହଯୋଗ କରିବାକୁ ହାଇକୋର୍ଟ ସର୍ତ୍ତ ରଖିଥିଲେ। ତେବେ ଗତ ଶୁଣାଣି ସମୟରେ ତାଙ୍କଠାରୁ ଜବତ କରାଯାଇ ଅବ୍ୟବହୃତ ସମସ୍ତ ଦଲିଲକୁ ଫେରାଇ ଦେବାକୁ ସେ କୋର୍ଟରେ ଦରଖାସ୍ତ କରିଥିଲେ। ତାଙ୍କଠାରୁ କ'ଣ କ'ଣ ଦଲିଲ ଦସ୍ତାବିଜ ଜବତ କରାଯାଇଛି, ସେ ସବୁର ଏକ ତାଲିକା ଦାଖଲ ହୋଇଛି ବୋଲି ସିବିଆଇ ପକ୍ଷରୁ କୁହାଯାଇଛି। ➤ ପୃ-୬

### ବିଦେଶକୁ ରପ୍ତାନୀ ହେଉଛି ଓଡ଼ିଶା ବାଲି

## ନିଲାମ ହୋଇପାରୁନି ବାଲିଘାଟ



**ଭୁବନେଶ୍ୱର :** ଗତ ଦୁଇ ବର୍ଷ ହେଲା ଓଡ଼ିଶାରୁ କେତେକ ପଡ଼ୋଶୀ ରାଜ୍ୟ ଓ ବିଦେଶକୁ ବି ବାଲି ରପ୍ତାନି ହେଉଛି। ସରକାର ରାଜସ୍ୱ ପାଉଛନ୍ତି। ହେଲେ ଅଧିକ ଚଢ଼ାଉ ସତ୍ତ୍ୱେ ଚୋରା ବାଲି କାରବାର ବଢ଼ିଛି। ଏବେ ବି ଚିହ୍ନଟ ସତ୍ତ୍ୱେ ଅନେକ ବାଲିଘାଟର ନିଲାମ ହୋଇପାରୁନାହିଁ। ବିଧାନସଭାରେ ବିଭିନ୍ନ ବିଧାୟକଙ୍କ ପ୍ରଶ୍ନର ଉତ୍ତର ଦେଖିଲେ ଏଭଳି ଜଣାପଡୁଛି। ବିଧାୟକ ଅମରେନ୍ଦ୍ର ଦାସଙ୍କ ପ୍ରଶ୍ନର ଉତ୍ତର ଦେଇ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି- ୨୦୨୩-୨୪ ଓ ୨୦୨୪-୨୫ରେ କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଢେଙ୍କାନାଳରୁ ଆଣ୍ଡାମାନ ନିକୋବର ଦ୍ୱୀପ ପୁଞ୍ଜକୁ ବାଲି ରପ୍ତାନି କରାଯାଇଛି ଓ ରାଜ୍ୟ ସରକାର ରାଜସ୍ୱ ପାଇଛନ୍ତି। ସେହିଭଳି ଗଜପତି, ରାୟଗଡ଼ାରୁ ଆନ୍ଧ୍ରପ୍ରଦେଶକୁ ବାଲି ରପ୍ତାନୀ କରାଯାଇଥିବାବେଳେ ଯାଜପୁରରୁ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡକୁ ବାଲି ରପ୍ତାନୀ ହୋଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏବେ ୯୯୪ଟି କାର୍ଯ୍ୟକ୍ଷମ ବାଲିଘାଟ ନିଲାମ ହୋଇଥିବାବେଳେ ଶତାଧିକ ବାଲି ଘାଟ ନିଲାମ ହୋଇପାରିନି। ଉଦାହରଣସ୍ୱରୂପ ବଲାଙ୍ଗୀରରେ ୨୦୨୪-୨୫ରେ ୫୦ଟି ବାଲିଘାଟ ନିଲାମ କରାଯିବା ପାଇଁ ସର୍ଭେ ଓ ଚିହ୍ନଟ ହୋଇଥିବାବେଳେ ଗୋଟିଏ ବି ନିଲାମ ହୋଇପାରିନି। ତେବେ ଲଘୁଜ ଚୋରା ଚାଲାଣ ପାଇଁ ➤ ପୃ-୬

## ମଧୁବାବୁ ଭତ୍ତା ଅପେକ୍ଷାରେ ୬.୩୬ ଲକ୍ଷ ଆବେଦନକାରୀ



**ଭୁବନେଶ୍ୱର :** ରାଜ୍ୟରେ ସାମାଜିକ ସୁରକ୍ଷା ପେନସନ୍ (ମାସିକ ଭତ୍ତା) ପାଇବା ନିମନ୍ତେ ଲକ୍ଷ ଲକ୍ଷ ଗରିବ ଆବେଦନକାରୀ ଏବେବି ସରକାରୀ ଅନୁମୋଦନ ଅପେକ୍ଷାରେ ରହିଛନ୍ତି। ରାଜ୍ୟର ମୋଟ ୬ଲକ୍ଷ ୩୬ହଜାର ୮୫୮ଜଣ ବ୍ୟକ୍ତି ମଧୁବାବୁ ପେନସନ୍ ଯୋଜନାରେ ଭତ୍ତା ପାଇବା ପାଇଁ ଆବେଦନ କରି ଅପେକ୍ଷା ତାଲିକାରେ ରହିଥିବା ଖୋଦ୍ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ଓଡ଼ିଶା ବିଧାନସଭାରେ ବିଧାୟକ ଟଙ୍କଧର ତ୍ରିପାଠୀ ଓ ମାନସ ଦତ୍ତଙ୍କ ଭିନ୍ନ ଭିନ୍ନ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ଯେ, ରାଜ୍ୟରେ ଏବେ ମୋଟ ୬,୩୬,୮୫୮ ଜଣ ବ୍ୟକ୍ତି ମଧୁବାବୁ ପେନସନ ଯୋଜନାରେ ଭତ୍ତା ପାଇବା ନିମନ୍ତେ ଆବେଦନ କରି ଅପେକ୍ଷା ତାଲିକାରେ ଅଛନ୍ତି। ଏହି ଅପେକ୍ଷାରତ ତାଲିକାରେ ୮୦ ବର୍ଷରୁ ଅଧିକ ବୟସର ପ୍ରାୟ ୩୬୯୨ ଜଣ ବ୍ୟକ୍ତି ଓ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ଥିବା ୫୯୮୧ ଜଣ ବ୍ୟକ୍ତି ସାମିଲ ଅଛନ୍ତି। ସେହିପରି ବିଗତ ଦୁଇବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୪ ଏପ୍ରିଲ ପହିଲାରୁ ୨୦୨୬ ମାର୍ଚ୍ଚ ୧୦ ତାରିଖ ମଧ୍ୟରେ ରାଜ୍ୟରେ ବିଭିନ୍ନ ଜିଲ୍ଲାରୁ ମୋଟ ୯ ଲକ୍ଷ ୯୮ହଜାର ➤ ପୃ-୬

### ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି ଉଚ୍ଚସ୍ତରୀୟ କମିଟିର ବୈଠକ

## ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର :** ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି (ଆରଆଇଡିଏଫ୍) ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସଂପର୍କରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଆରଆଇଡିଏଫ୍ ଉଚ୍ଚସ୍ତରୀୟ କମିଟିର ତୃତୀୟ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଆରଆଇଡିଏଫ୍ ପ୍ରକଳ୍ପଗୁଡ଼ିକର ସଫଳତା ସମୀକ୍ଷା କରି ଉନ୍ନୟନ କମିଶନର, ସଂପୃକ୍ତ ବିଭାଗୀୟ ସଚିବମାନଙ୍କ ଠାରୁ ମତାମତ ଓ ପ୍ରସ୍ତାବ ଆହ୍ୱାନ କରିବା ସହିତ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକରେ ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି ଉପଯୋଗରେ ଓଡ଼ିଶା ରାଜ୍ୟର ଉଲ୍ଲେଖନୀୟ ପ୍ରଦର୍ଶନକୁ ବିଚାର କରି, ୨୦୨୫-୨୬ ଆର୍ଥିକ ବର୍ଷରେ ଆରଆଇଡିଏଫ୍ ଅଧୀନରେ ଓଡ଼ିଶାକୁ ଅଧିକ ପ୍ରକଳ୍ପ ମଞ୍ଜୁର କରିବାକୁ ନାବାର୍ଡକୁ ଅନୁରୋଧ କରାଯାଇଛି। ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ବିଭାଗମାନଙ୍କୁ କାର୍ଯ୍ୟ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଖର୍ଚ୍ଚ ଭରଣା (ପ୍ରତିପ୍ରଦାନ) ଦାବି ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି। ତତ୍ ସହିତ କୃଷି ଓ କୃଷକ ସଶକ୍ତିକରଣ ବିଭାଗକୁ ଅଣୁ ଜଳ ସେଚନ ପାଣ୍ଠି, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗକୁ ମତ୍ସ୍ୟ ଓ ଜଳଚାଷ ଭିତ୍ତିଭୂମି ବିକାଶ ଅଧୀନରେ ନୂଆ ନୂଆ ପ୍ରକଳ୍ପ ପ୍ରସ୍ତାବ ଦେବାକୁ ପରାମର୍ଶ ଦିଆଯାଇଛି। ସେହିପରି ଏମଏସଏମଇ ବିଭାଗକୁ ମଧ୍ୟ ନୂଆ ପ୍ରକଳ୍ପ ପ୍ରସ୍ତାବ ଦେବାକୁ ପରାମର୍ଶ ଦିଆଯାଇଛି। ➤ ପୃ-୬

## ଆଣ୍ଠେଇ ପଡ଼ିଲାଣି ମେଗା ପାନୀୟ ଜଳ ପ୍ରକଳ୍ପ



**ନବରଙ୍ଗପୁର :** ଡାବୁଗାଁ ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ କାମ ଅଧାପନ୍ତରିଆ ପଡ଼ି ରହିଛି। ଅବଧି ସରିବାକୁ ବସୁଲାଣି ପଚାଶ ପ୍ରତିଶତ କାମ ସରିଥିବାରୁ ପ୍ରକଳ୍ପ ସଂପୂର୍ଣ୍ଣକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଯାହାଫଳରେ ଡାବୁଗାଁ ବ୍ଲକବାସୀ ସ୍ୱଚ୍ଛ ପାନୀୟ ଜଳ ପାଇବା ପାଇଁ ଯେଉଁ ଆଶା ବାନ୍ଧିଛନ୍ତି ତାହା ଚଳିତ ଗ୍ରୀଷ୍ମ ଋତୁ ପୂର୍ବରୁ ପାଇବା ଆଶା କ୍ଷୀଣ ପାଲଟିଛି। ଡାବୁଗାଁ ବ୍ଲକର ୧୨ଟି ଗ୍ରାମ ପଞ୍ଚାୟତ ସହ ଝରିଗାଁ ବ୍ଲକର ୧୨ଟି ପଞ୍ଚାୟତରେ ମେଗା ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଭୂତଳ ପାଇପ୍ ବିଛାଯାଇ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଏଲଆଣ୍ଡଟି ଠିକା କମ୍ପାନି କାର୍ଯ୍ୟ ହାତକୁ ନେଇଛି। ଇନ୍ଦ୍ରାବତୀ ନଦୀର ଟିକିରାଛୁଆଁରେ ଇନଟେକ୍ ୱେଲ୍ କରି ଡାବୁଗାଁ ବ୍ଲକର ୧୩୫ ଗାଁ ତଥା ପାଖାପାଖି ୪ ହଜାର ଘରକୁ ପାଣି ଯୋଗାଣ ଯୋଜନା ରହିଥିଲା। ଏଥିପାଇଁ ରାଜ୍ୟ ସରକାରଙ୍କ ୨୬୧କୋଟି ୨୭ଲକ୍ଷ ବ୍ୟୟ ହେବାର ସୂଚନା ରହଇଛି। ଏଲଆଣ୍ଡଟି କମ୍ପାନି ୭ ବର୍ଷ ହେଲା ଏହି ମେଗା ପ୍ରକଳ୍ପ କାର୍ଯ୍ୟ କରୁଥିବା ବେଳେ ୨୦୨୫ ମଇ ମାସରେ ନିର୍ମାଣ ଅବଧି ଶେଷ ହୋଇଯାଇଥିଲା। ମାତ୍ର ୫୦ ପ୍ରତିଶତ କାର୍ଯ୍ୟ ସାରିଛି। ଏହାକୁ ନେଇ ତତ୍କାଳୀନ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏଲଆଣ୍ଡଟି କମ୍ପାନି ଉପରେ ➤ ପୃ-୬

### ବକ୍ରବାଣୀ



ଟ୍ରମ୍ପ ଯୁଝୁଛି ଇରାନ ସାଥେ
ଭାରତ ଚାଲିଛି ଟ୍ରମ୍ପ ପଥେ
ଟ୍ରମ୍ପ ଆମର ପରମ ବନ୍ଧୁ
ବିରୁଡି ପରିକା ଯେତେବା ବିନ୍ଧୁ
ବନ୍ଧୁ ପାଇଁ ଆମେ ସବୁ ସହିବା
ନୀତି ଅନୀତିକୁ ପଛେ ଥୋଇବା
ବନ୍ଧୁ ଯଦି କିଛି କରେ ଅନୀତି
କହି ଚାଲିଥିବା 'ସବୁ ସୁନୀତି'
ଘରେ ପଛେ ଆମ ନଜଲୁ ଚୂଲୀ
ବନ୍ଧୁ ପାଇଁ ଯିବା ଚୂଲୀକୁ ଭୁଲି।

—— ଟୁଟୁ

### ରାଜ୍ୟ ଅଗ୍ନିଶମ ଓ ଜରୁରୀକାଳୀନ ସେବା, ହୋମ ଗାର୍ଡ ଏବଂ ନାଗରିକ ସୁରକ୍ଷା କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

## ଅଗ୍ନିଶମରେ ନିଯୁକ୍ତି ପାଇବେ ମହିଳା



**ଭୁବନେଶ୍ୱର :** ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅଗ୍ନିଶମ ଓ ଜରୁରୀକାଳୀନ ସେବା, ହୋମଗାର୍ଡ ଏବଂ ନାଗରିକ ସୁରକ୍ଷା କାର୍ଯ୍ୟ ସଂପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ (ଅଗ୍ନିଶମ ସେବା) ଡଃ. ସୁଧାଂଶୁ ଷଡ଼ଙ୍ଗୀ ଓଡ଼ିଶା ଅଗ୍ନିଶମ ସେବା ସଂପର୍କିତ କାର୍ଯ୍ୟରେ କ୍ଷମତା ବୃଦ୍ଧି ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ଆଗାମୀ ରଣନୀତି ସଂପର୍କରେ ଉପସ୍ଥାପନ କରିଥିଲେ। ବୈଠକରେ ସୂଚନା ଦେଇ ଅଗ୍ନିଶମ ସେବା ଡିଜି ଡଃ. ଷଡ଼ଙ୍ଗୀ କହିଥିଲେ ଯେ, ବିପର୍ଯ୍ୟୟ ପରିଚାଳନା ଆଇନ୍ ଅନୁସାରେ ଓଡ଼ିଶା ଅଗ୍ନିଶମ ସେବା ଅଗ୍ନିକାଣ୍ଡ, ସଡ଼କ ଦୁର୍ଘଟଣା, ରେଳ ଦୁର୍ଘଟଣା, କୋଠା ଭୁଷୁଡ଼ିବା, ପାଣିରେ ବୁଡ଼ିଯିବା ଘଟଣା ଓ ଅନ୍ୟାନ୍ୟ ବିପଦ ସମୟରେ ପ୍ରଥମେ ପହଞ୍ଚି ଉଦ୍ଧାର କାର୍ଯ୍ୟ ସଂପାଦନ କରୁଛନ୍ତି। ପ୍ରତିଦିନ ସାଧାରଣତଃ ୨୦୦ରୁ ଅଧିକ ଆପାତକାଳୀନ ଘଟଣାରେ ଅଗ୍ନିଶମ କର୍ମଚାରୀମାନେ ସେବା ଯୋଗାଇ ଦେଉଛନ୍ତି। ସେମାନେ ଜୀବନ-ଜୀବିକା ରକ୍ଷା ପାଇଁ ମନୁଷ୍ୟ ସହିତ ପ୍ରାଣୀମାନଙ୍କୁ ମଧ୍ୟ ଉଦ୍ଧାର କରି ସାମାଜିକ ସେବାର ଏକ ଉଦାହରଣ ସୃଷ୍ଟି କରିଛନ୍ତି। ରାଜ୍ୟରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଥିବା ୩୪୬ଟି ଦମକଳ କେନ୍ଦ୍ର ମାଧ୍ୟମରେ ଅବିଳମ୍ବେ ସେବା ପ୍ରଦାନକୁ ଗୁରୁତ୍ୱ ଦିଆଯାଉଛି। ୨୦୨୫ ବର୍ଷରେ ଅଗ୍ନିଶମ ସେବା ତରଫରୁ ପ୍ରାୟ ୨୦,୯୯୧ଟି ଅଗ୍ନିକାଣ୍ଡ ଜନିତ କଲ୍ ଗ୍ରହଣ କରାଯାଇ ତୁରନ୍ତ ସହାୟତା ପ୍ରଦାନ ଫଳରେ ପ୍ରାୟ ୫୯୮ କୋଟି ଟଙ୍କାର ସମ୍ପତ୍ତି ଓ ଶତାଧିକ ଲୋକଙ୍କୁ ଉଦ୍ଧାର କରାଯାଇପାରିଛି। ତତ୍ ସହିତ ବିଭିନ୍ନ ଦୁର୍ଘଟଣାରେ ୯,୫୪୭ ଜଣ ବ୍ୟକ୍ତି ଏବଂ ୧୬,୩୯୯ ପଶୁଙ୍କୁ ସଫଳତାର ସହ ଉଦ୍ଧାର କରାଯାଇପାରିଛି। ଅଗ୍ନିଶମ ଓ ଜରୁରୀକାଳୀନ ସେବାକୁ ଅଧିକ ଦକ୍ଷ ଓ ସୁଦୃଢ଼ କରିବା ପାଇଁ ନିଆଯାଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ' ମଧ୍ୟରେ ଭୁବନେଶ୍ୱର ବରମୁଣ୍ଡାଠାରେ ଚବିଶ ଘଣ୍ଟିଆ କାର୍ଯ୍ୟକ୍ଷମ 'ରାଜ୍ୟ କମାଣ୍ଡ ସେଣ୍ଟର' ପ୍ରତିଷ୍ଠା କରାଯାଇଛି, ଯାହା ଫଳରେ ଆପାତକାଳୀନ ସ୍ଥିତିରେ ଖୁବ୍ କମ ସମୟ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ଏବଂ ସମ୍ପୃକ୍ତ ସମସ୍ତଙ୍କ ସହ ସମନ୍ୱୟ ରଖି ତ୍ୱରିତ ମନିଟରିଂ କରାଯାଇପାରୁଛି। ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ସ୍ୱାସ୍ଥ୍ୟରେ ଉନ୍ନତି ହେବ। କୌଣସି ଗୁରୁତ୍ୱପୂର୍ଣ୍ଣ ବସ୍ତୁ ଚୋରି ହୋଇପାରେ। ଲୋକପ୍ରିୟତା ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ସ୍ଥିତି ଉତ୍ତମ ରହିବ। ଘରକୁ ଅତିଥି ଆସିପାରନ୍ତି। ଛାତ୍ରଛାତ୍ରୀମାନେ ପାଠପଢ଼ାରୁ ମନ ହଟାନ୍ତୁ ନାହିଁ।

**ବୃଷ** ସକାରାତ୍ମକ ଶକ୍ତିକୁ ନିଜର ଶାରୀରିକ ଅବକାଶରେ ଲଗାନ୍ତୁ। ଅଟକିଥିବା ଆର୍ଥିକ ମାମଲାର ସମାଧାନ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହନ୍ତୁ। ଅତିଥିଙ୍କୁ ଅଯଥା ନିଜ ଜୀବନଚର୍ଯ୍ୟାରେ ସାମିଲ କରନ୍ତୁ ନାହିଁ। କ୍ଷତି ସହିବେ।

**ମିଥୁନ** କାର୍ଯ୍ୟକ୍ଷେତ୍ରରେ ସମ୍ମାନିତ ଓ ପୁରସ୍କୃତ ହୋଇପାରନ୍ତି। ପରିବାରରେ ଶାନ୍ତି ରହିବ। ବ୍ୟବସାୟରେ ବିରୋଧର ସମ୍ମୁଖୀନ କରିବେ। ଉଚ୍ଚଶିକ୍ଷା ମାର୍ଗରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେବ। ପାଠ ପାଇଁ ମାର୍ଗ ଚୟନ କରିବେ।

**କର୍କଟ** ମାନସିକ ଅଶାନ୍ତି ରହିବ। ଆବଶ୍ୟକ ଅନୁଯାୟୀ ଧନ ନଥିବାରୁ ଘରେ କଳହ ସୃଷ୍ଟି ହୋଇପାରେ। କ୍ରୋଧ ଉପରେ ନିୟନ୍ତ୍ରଣ କରନ୍ତୁ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ।

**ସିଂହ** ଡାକ୍ତରଖାନା ଯାଇପାରନ୍ତି। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ବଡ ନିବେଶରୁ ଦୂରେଇ ରହନ୍ତୁ। ନୂଆ ବନ୍ଧୁ ହୋଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ସମ୍ମାନିତ ହେବେ। ଛାତ୍ରମାନେ ସଫଳ ହେବେ।

**କନ୍ୟା** ଖର୍ଚ୍ଚରେ ବୃଦ୍ଧି ହେବ କିନ୍ତୁ ଆୟ କମିବ ନାହିଁ। ଘରେ ସମସ୍ତଙ୍କ ମଧ୍ୟରେ ପ୍ରତିଷ୍ଠା ପ୍ରାପ୍ତି ହେବେ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ଛାତ୍ରମାନେ ପାଠପଢ଼ାରେ ମନଦେବେ। ପ୍ରେମିକଙ୍କ ସହ ପାଟିତୁଣ୍ଡ ହୋଇପାରେ।

**ତୁଳା** ଆରାମ ପାଇଁ ସମୟ ପାଇବେ। ଛୋଟ ବ୍ୟବସାୟରୁ ଅଧିକ ଲାଭ ହେବ। ବଡମାନଙ୍କ ଠାରୁ ସହଯୋଗ ମିଳିବ। ଛାତ୍ରମାନେ ସଫଳତା ପାଇବେ। ଦମ୍ପତିମାନେ ସୁଖରେ ସମୟ କଟାଇବେ।

**ବିଛା** ଶାରୀରିକ ଓ ମାନସିକ ବ୍ୟସ୍ତତା ରହିବ। ପଇସା ଉଧାର ନେଇପାରନ୍ତି। ଧନପ୍ରାପ୍ତି ହେବ। କାର୍ଯ୍ୟକ୍ଷେତ୍ରରେ ଅନ୍ୟ ଶଙ୍କା ଦୃଷ୍ଟିରେ ଦେଖି ପାରନ୍ତି, ଛାତ୍ରମାନେ ଜଗିରଖି ଆଗାନ୍ତୁ।

**ଧନୁ** ମନ ଚଞ୍ଚଳ ରହିବ। ଅର୍ଥପ୍ରାପ୍ତି ଯୋଗ ଅଛି। ପୁରୁଣା କଥାକୁ ନେଇ ଚିନ୍ତିତ ହେବେ। ଯୋଜନାର ପୁନଃବିଚାର କରନ୍ତୁ। ଯୋଜନାବଦ୍ଧ ଭାବରେ ଛାତ୍ରମାନେ ନିଷ୍ପତ୍ତି ନିଅନ୍ତୁ। ପ୍ରେମୀଙ୍କୁ ବିବାହ ପ୍ରସ୍ତାବ ଦେଇପାରନ୍ତି।

**ମକର** ମନ ଅସ୍ଥିର ରହିବ। ବୁଝିବିଚାରି ନିଷ୍ପତ୍ତି ନିଅନ୍ତୁ। ବଡଙ୍କ ସହଯୋଗ ନିଅନ୍ତୁ। ପରିବାର ସହ ସମୟ କଟାଇବେ। ଚାକିରିରେ ପରିବର୍ତ୍ତନ ହୋଇପାରେ। ଛାତ୍ରମାନେ ଆବଶ୍ୟକଠାରୁ ଅଧିକ ଆଶା ରଖିବେ।

**କୁମ୍ଭ** ଆଖିର ସମସ୍ୟା ଦୂର ହେବ। ରାଜସିକ ସୁବିଧା ପାଇବେ। ପରିବାର ସହ ଧାର୍ମିକ ଯାତ୍ରା କରିପାରନ୍ତି। ବାପା ମା' ଖୁସିହେବେ। ନୂଆ ବ୍ୟବସାୟ କରିବେ। ଛାତ୍ରମାନେ ପାଠରେ ରୁଚି ରଖିବେ। ପ୍ରିୟତମଙ୍କୁ ଖରାପ କଥା କୁହନ୍ତୁ ନାହିଁ।

**ମୀନ** ଅନେକ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣୟ ନେବେ। ସେଥିପାଇଁ ମନଚଞ୍ଚଳ ଓ ଅସ୍ଥିର ରହିବ। ଦୂର ଯାତ୍ରା କରିପାରନ୍ତି। ମନସ୍ଥିର ରଖନ୍ତୁ। ଆବଶ୍ୟକ ସ୍ଥଳେ ବନ୍ଧୁଙ୍କ ପରାମର୍ଶ ନିଅନ୍ତୁ। ପରିବାର ସହ ସମୟ କଟେଇବେ। ଆତ୍ମବିଶ୍ୱାସ ବଢ଼ିବ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ରେଳଭଡାରେ କୌଣସି ବ୍ୟବସାୟିକ ଗୋପନୀୟତା ନାହିଁ : ଅଶ୍ୱିନୀ

**ନୂଆଦିଲ୍ଲୀ,(ପିଆଇବି) :** ରେଳ ମନ୍ତ୍ରଣାଳୟ ଟିକେଟ୍ ଭଡ଼ା ଏକ 'ବ୍ୟବସାୟିକ ଗୋପନୀୟତା' ଭାବରେ ବିବେଚନା କରେ ନାହିଁ। ସମସ୍ତ ବର୍ଗର ଯାତ୍ରୀ ସେବା ପାଇଁ ଭଡ଼ା ସମ୍ବନ୍ଧୀୟ ସୂଚନା ସାର୍ବଜନୀନ ଡୋମେନରେ ଉପଲବ୍ଧ ଏକ ବ୍ୟାପକ ପ୍ରକାଶିତ ସୂଚନା। ଭାରତୀୟ ରେଳବାଇ ୨୦୨୪-୨୫ରେ ଯାତ୍ରୀ ଟିକେଟ୍ ଉପରେ ୬୦,୨୩୯ କୋଟି ଟଙ୍କାର ସବସିଡି ପ୍ରଦାନ କରିଛି। ଏହା ରେଳବାଇରେ ଯାତ୍ରା କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ହାରାହାରି ୪୩% ରିହାତି ଅଟେ। ଅନ୍ୟ ଅର୍ଥରେ, ଯଦି ସେବା ପ୍ରଦାନ କରିବାର ମୂଲ୍ୟ ୧୦୦ ଟଙ୍କା, ତେବେ ଟିକେଟର ମୂଲ୍ୟ କେବଳ ୫୭ ଟଙ୍କା। ସମସ୍ତ ଯାତ୍ରୀଙ୍କ ପାଇଁ ଏହି ସବସିଡି ଜାରି ରହିଛି। ଆହୁରି, ଏହି ସବସିଡି ରାଶିଠାରୁ ଅଧିକ ରିହାତି ଅନେକ ବର୍ଗ ପାଇଁ ଜାରି



ରହିଛି, ଯେପରିକି ୪ଟି ବର୍ଗର ଭିନ୍ନକ୍ଷମ (ଦିବ୍ୟାଙ୍ଗଜନ), ୧୧ଟି ବର୍ଗର ରୋଗୀ ଏବଂ ୪ଟି ବର୍ଗର ଛାତ୍ରଛାତ୍ରୀ। ସର୍ବାଧିକ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ, ଯାତ୍ରୀ ଭଡ଼ା (ମୂଳ ଭଡ଼ା, ସଂରକ୍ଷଣ ଶୁଳ୍କ, ସୁପରଫାଷ୍ଟ ଶୁଳ୍କ, ଜିଏସଟି, ଇତ୍ୟାଦି) ର ବିଭିନ୍ନ ଉପାଦାନର ବିବରଣୀ ଯାତ୍ରୀ ଟିକେଟରେ ପ୍ରଦର୍ଶିତ ହୁଏ, ଭୌତିକ ଏବଂ ଡିଜିଟାଲ୍ ଫର୍ମରେ ଭଡ଼ା ଟେବୁଲ ଭାବରେ ପ୍ରକାଶିତ ହୁଏ, କମ୍ପ୍ୟୁଟରୀକୃତ ଟିକେଟ୍ ସିଷ୍ଟମରେ ଉପଲବ୍ଧ/ପ୍ରଦର୍ଶିତ ହୁଏ (ଯାତ୍ରୀ ସଂରକ୍ଷଣ ବ୍ୟବସ୍ଥା, ଅଣସଂରକ୍ଷିତ ଟିକେଟ୍ ବ୍ୟବସ୍ଥା), ମୋବାଇଲ୍ ଆପ୍ଲିକେସନ୍ (ରେଲୱାନ୍) ଇତ୍ୟାଦି। ଏହାବ୍ୟତୀତ, ସମୟ ସମୟରେ ନିଆଯାଇଥିବା ଯାତ୍ରୀ ଭଡ଼ା ଯୁକ୍ତିସଙ୍ଗତକରଣ, ସଂଶୋଧନ ଆଦିରେ କୌଣସି ପରିବର୍ତ୍ତନ ସମ୍ବନ୍ଧୀୟ ସୂଚନା ମଧ୍ୟ ବ୍ୟାପକ ଭାବେ ପ୍ରକାଶିତ ହୋଇଥାଏ। ଏକ ସାର୍ବଜନୀନ ଉଦ୍ୟୋଗ ଭାବେ ଭାରତୀୟ ରେଳବାଇ ଆର୍ଥିକ ଭାବେ ଦୀର୍ଘସ୍ଥାୟୀ ଭାବେ ସେବା ପ୍ରଦାନ କରିବା ଲାଗି ଜନସାଧାରଣ ଏବଂ ସଂସଦ ନିକଟରେ ସମ୍ପୂର୍ଣ୍ଣ ଭାବେ ଉତ୍ତରଦାୟୀ। ଯାତ୍ରୀ ଭଡ଼ା ସେବାର ମୂଲ୍ୟ, ପରିବହନର ଅନ୍ୟ ମାଧ୍ୟମରୁ ପ୍ରତିଯୋଗିତା, ସାମର୍ଥ୍ୟ ଇତ୍ୟାଦି ବିଚାରକୁ ନେଇ ସ୍ଥିର କରାଯାଏ।

### ଧର୍ମ ନାମରେ ବଳି

# କେନ୍ଦ୍ରଠାରୁ ଜବାବ ଲୋଡ଼ିଲେ ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ :** ଧର୍ମ ନାମରେ ବଳି ଉପରେ ରୋକ ଲଗାଇବା ପାଇଁ ହୋଇଥିବା ଏକ ଜନସ୍ୱାର୍ଥ ମାମଲାର ଆବେଦନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କଠାରୁ ଜବାବ ଲୋଡ଼ିଛନ୍ତି। ବିଚାରପତି ବିକ୍ରମ ନାଥ ଏବଂ ବିଚାରପତି ସନ୍ଦୀପ ମେହେଟାଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରି ଚାରି ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆବେଦନ ଓକିଲ ଶ୍ରୁତି ବିଷ୍ଟ ଦାଖଲ କରିଛନ୍ତି। ଆବେଦନରେ ଅଭିଯୋଗ କରାଯାଇଛି , ମନ୍ଦିରରେ ଏବଂ ଧାର୍ମିକ ରୀତିନୀତି ସମୟରେ ବଳି ଦେବା ମାମଲାରେ ସରକାରୀ ସ୍ତରରେ ପର୍ଯ୍ୟାପ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଆବେଦନରେ ପ୍ରାଣୀମାନଙ୍କ ପ୍ରତି ନିଷ୍ଠୁରତା ନିବାରଣ ଆଇନର ଧାରା ୨୮ ରେ ସଂଶୋଧନ ପାଇଁ ଦାବି କରାଯାଇଛି। ଏହି ବ୍ୟବସ୍ଥା କୌଣସି ଧାର୍ମିକ ପ୍ରଥା ସହିତ ସୁସଙ୍ଗତ ଭାବରେ ପ୍ରାଣୀ ହତ୍ୟାକୁ ଅପରାଧୀ ବିବେଚନା କରେ ନାହିଁ। ଆବେଦନକାରୀଙ୍କ ଯୁକ୍ତି ହେଉଛି, ଏହି ବ୍ୟବସ୍ଥା ପ୍ରାଣୀ ସୁରକ୍ଷାର ଉଦ୍ଦେଶ୍ୟର ବିରୁଦ୍ଧାଚରଣ କରୁଛି ଏବଂ ସରକାରୀ ରାଜକୋଷ ତଥା ପ୍ରାଣୀ ଅଧିକାରକୁ କ୍ଷତି ପହଞ୍ଚାଉଛି। ଆବେଦନରେ ଧାର୍ମିକ ରୀତିନୀତି ସମୟରେ ବଳି ନିଷେଧ କରିବା ପାଇଁ କଠୋର ଆଇନ, ଜନସଚେତନତା ବୃଦ୍ଧି ଏବଂ ଅଣ-ସରକାରୀ ସଂଗଠନ ସହିତ ସହଯୋଗ ପାଇଁ ଦାବି କରାଯାଇଛି। ଆବେଦନରେ ଏହା ମଧ୍ୟ କୁହାଯାଇଛି, ସୁପ୍ରିମକୋର୍ଟ ପୂର୍ବରୁ ଅନେକ ମାମଲାରେ କହିସାରିଛନ୍ତି ଯେ, ପ୍ରତ୍ୟେକ ଜୀବର ନିଜ ଜୀବନ ବଞ୍ଚିବାର ଅଧିକାର ଅଛି। ପ୍ରାଣୀଙ୍କ ଜୀବନର ସୁରକ୍ଷା ମଧ୍ୟ ସମ୍ବିଧାନର ଧାରା ୨୧ର ବ୍ୟାପକ ପରିସର ମଧ୍ୟରେ ଅନ୍ତର୍ଭୁକ୍ତ। କୋର୍ଟ ଚାରି ସପ୍ତାହ ପରେ ପୁଣି ଥରେ ମାମଲାର ଶୁଣାଣି କରିବେ।

## ମହଙ୍ଗା ହୋଇଯିବ ଇଲେକ୍ଟ୍ରୋନିକ୍ ଜିନିଷ

**ନୂଆଦିଲ୍ଲୀ :** ମଧ୍ୟପ୍ରାଚ୍ୟରେ ବୃଦ୍ଧି ପାଉଥିବା ସଂଘର୍ଷ କେବଳ ତେଲ ଏବଂ ଗ୍ୟାସ ମୂଲ୍ୟକୁ ପ୍ରଭାବିତ କରିବ ତାହା ନୁହେଁ। ଏହାର ପ୍ରଭାବ ସୁଦୂରପ୍ରସାରୀ ହେବ ବୋଲି ଆଶା କରାଯାଉଛି। ଏହା ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟେକ୍ନୋଲୋଜି କ୍ଷେତ୍ର ସେମିକଣ୍ଡକ୍ଟର ପର୍ଯ୍ୟନ୍ତ ମଧ୍ୟ ବ୍ୟାପିପାରେ। ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ, ଯଦି ଏହି ସଂଘର୍ଷ ଲମ୍ବିଯାଏ, ତେବେ ଚିପ ନିର୍ମାଣରେ ବ୍ୟବହୃତ ଏକ ଗୁରୁତ୍ୱପୂର୍ଣ୍ଣ ଗ୍ୟାସ ହିଲିୟମର ଯୋଗାଣ ବାଧାପ୍ରାପ୍ତ ହୋଇପାରେ। ଏହା ସମ୍ଭାବ୍ୟ ଭାବରେ ସେମିକଣ୍ଡକ୍ଟରଗୁଡ଼ିକର ମୂଲ୍ୟକୁ ବୃଦ୍ଧି କରିପାରେ। ଚିପ୍ସଗୁଡ଼ିକ ଆଜିର ସ୍ମାର୍ଟଫୋନ, କାର, କମ୍ପ୍ୟୁଟର ଏବଂ ଅନ୍ୟାନ୍ୟ ଅନେକ ଆଧୁନିକ ମେଶିନର ମେରୁଦଣ୍ଡ ଭାବରେ କାର୍ଯ୍ୟ କରେ। ଯଦି ଏହି ସଂଘର୍ଷ ତିନି ମାସ ପର୍ଯ୍ୟନ୍ତ ଜାରି ରହେ, ତେବେ ଏହାର ପ୍ରଭାବ ତୀବ୍ର ଭାବରେ ଅନୁଭୂତ ହେବ। ବିଶ୍ୱର ପ୍ରାୟ ଏକ-ତୃତୀୟାଂଶ ହିଲିୟମ ଯୋଗାଣ କତାରରୁ ଉତ୍ପନ୍ନ ହୁଏ। ଗତ ସପ୍ତାହରେ କତାର ଏନର୍ଜି ଏହାର ପ୍ରାକୃତିକ ଗ୍ୟାସ ଉତ୍ପାଦନ ଏବଂ ରପ୍ତାନିକୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖିବା ଘୋଷଣା କରିଥିଲା। କମ୍ପାନୀ ହେଉଛି ବିଶ୍ୱର ଦ୍ୱିତୀୟ ବୃହତ୍ତମ ତରଳ ପ୍ରାକୃତିକ ଗ୍ୟାସ (ଏଲ୍‌ଏନ୍‌ଜି) ରପ୍ତାନିକାରୀ। କମ୍ପାନୀ ସୂଚିତ କରିଛି ଯେ, ସ୍ୱାଭାବିକ ଉତ୍ପାଦନ ସ୍ତରକୁ ସମ୍ପୂର୍ଣ୍ଣ ପୁନଃସ୍ଥାପିତ କରିବାକୁ ଅତି କମରେ ଗୋଟିଏ ମାସ ଲାଗିପାରେ।

### ସୁପ୍ରିମ୍‌କୋର୍ଟଙ୍କ ଐତିହାସିକ ରାୟ

# ୧୩ ବର୍ଷ ପରେ ହରିଶ ରାଣାଙ୍କୁ ମିଳିଲା ଇଚ୍ଛାମୃତ୍ୟୁ

**ନୂଆଦିଲ୍ଲୀ :** ଇଚ୍ଛାମୃତ୍ୟୁ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ବଡ଼ ରାୟ। ଦୀର୍ଘ ୧୩ ବର୍ଷ ହେଲା ସଂପୂର୍ଣ୍ଣ ଭାବେ ନିସ୍ତେଜ ହୋଇ ରହିଥିବା ୩୨ ବର୍ଷୀୟ ହରିଶ ରାଣାଙ୍କ ଇଚ୍ଛାମୃତ୍ୟୁ ପ୍ରସଙ୍ଗରେ ଆଜି ସୁପ୍ରିମକୋର୍ଟ ଦେଇଛନ୍ତି ଐତିହାସିକ ରାୟ। ୧୩ ବର୍ଷ ହେଲା କୋମାରେ ରହିଥିବା ୩୨ ବର୍ଷୀୟ ହରିଶ ରାଣାଙ୍କ ଇଚ୍ଛାମୃତ୍ୟୁକୁ ଅନୁମତି ଦେଇଛନ୍ତି ସୁପ୍ରିମକୋର୍ଟ। ପ୍ରଥମଥର ପାଇଁ ସୁପ୍ରିମକୋର୍ଟ ଦେଶରେ କୌଣସି ରୋଗୀଙ୍କ ପରିବାର ପକ୍ଷରୁ ଏପରି ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ଆବେଦନ ଉପରେ ମୋହର ମାରିଛନ୍ତି। ୨୦୧୮ରେ ନିଷ୍କ୍ରୀୟ ଇଚ୍ଛାମୃତ୍ୟୁର ଆଇନଗତ ବୈଧତାକୁ ନେଇ ସୁପ୍ରିମକୋର୍ଟ ଦେଇଥିବା ରାୟର ଏକାଧିକ ବିଷୟବସ୍ତୁ ଉପରେ ମଧ୍ୟ ଆଜି ସ୍ପଷ୍ଟତା ଆସିଛି। ଏହା ଉପରେ ସ୍ପଷ୍ଟୀକରଣ ଦେବା ସହ ଜଷ୍ଟିସ ଜେବି ପାର୍ଡିୱାଲା ଓ ଜଷ୍ଟିସ କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠ ବେଶ ଭାବବିହ୍ୱଳ ହୋଇଥିଲେ। ଏହାପରେ ହରିଶ ରାଣାଙ୍କୁ ଇଚ୍ଛାମୃତ୍ୟୁ ଆବେଦନ ଉପରେ ମୋହର ମାରିଛନ୍ତି। ଆଜିର ରାୟ ଐତିହାସିକ। କାରଣ ୨୦୧୮ରେ ନିଷ୍କ୍ରିୟ ଇଚ୍ଛାମୃତ୍ୟୁକୁ ନେଇ ସୁପ୍ରିମକୋର୍ଟ ଜାରି କରିଥିବା ଗାଇଡଲାଇନକୁ ଏହା ଆଗକୁ



ନେବାରେ ସହାୟକ ହେବ। କେମିତି ଖାଦ୍ୟ ନଳୀ ବା ଫିଡିଂ ଟ୍ୟୁବ୍ ଦ୍ୱାରା ଜୀବନ ବିତାଉଥିବା ଜଣେ ରୋଗୀଙ୍କ କ୍ଷେତ୍ରରେ ପାସିଭ ବା ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ଲାଗୁ ହେବ, ସେକଥା ହରିଶ ରାଣାଙ୍କ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ରାୟରେ ସ୍ପଷ୍ଟ ହୋଇଛି। ପୂର୍ବ ରାୟରେ ଏହି ପ୍ରସଙ୍ଗରେ ସ୍ପଷ୍ଟତା ନଥିଲା। ହରିଶ ରାଣା ମାମଲା ସଂପୂର୍ଣ୍ଣ ଭାବେ ବିରଳ। କାରଣ ଚିକିତ୍ସା ବିଶେଷଜ୍ଞଙ୍କ ମତରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ପରିବର୍ତ୍ତନ ଅପରିହାର୍ଯ୍ୟ। କିନ୍ତୁ ତାଙ୍କ ଜୀବନ ମେଡିକାଲ ଟ୍ୟୁବ୍ ଦ୍ୱାରା ଦିଆଯାଉଥିବା ଖାଦ୍ୟ ଉପରେ ନିର୍ଭରଶୀଳ ରହିଥିଲା। ୨୦୧୮ରେ ସୁପ୍ରିମକୋର୍ଟ ଦେଇଥିବା ରାୟରେ ଏହାକୁ ବିଚାରକୁ ନିଆଯାଇ ନଥିଲା। ଫଳରେ ଜୀବନ ରକ୍ଷାକାରୀ ମେସିନ ଯଥା ଭେଣ୍ଟିଲେଟର ପ୍ରତ୍ୟାହାର କରି ହରିଶ ରାଣାଙ୍କୁ ଇଚ୍ଛାମୃତ୍ୟୁ ଦେବାରେ ହସ୍ପିଟାଲକୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲେ। ଖାସ ଏହି କାରଣ ପାଇଁ ହରିଶ ରାଣାଙ୍କ ପରିବାର ଲୋକ କୋର୍ଟ ଯାଇଥିଲେ। ବାପା ମା'ଙ୍କ ଅସହାୟତାକୁ ଶୁଣିବା ପରେ ସୁପ୍ରିମକୋର୍ଟ ହରିଶ ରାଣାଙ୍କ ହସ୍ପିଟାଲରେ ଚିକିତ୍ସା ଉପଚାର ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି। ଚିକିତ୍ସା ବନ୍ଦ ହେବା ପରେ ୩୨ ବର୍ଷୀୟ ହରିଶ ରାଣା ସମ୍ମାନଜନକ ମୃତ୍ୟୁ ପାଇବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ନିଜ ରାୟରେ ଖଣ୍ଡପୀଠ ଜୀବନ ଓ ମୃତ୍ୟୁର ଜଟିଳତାକୁ ଉଲ୍ଲେଖ କରିଛନ୍ତି। ଖଣ୍ଡପୀଠ ଆମେରିକୀୟ ଧର୍ମପ୍ରଚାରକ ହେନରୀ ୱାର୍ଡ ବିଚରଙ୍କ ଶବ୍ଦର ଉଦାହରଣ ଦେଇ କହିଛନ୍ତି ଯେ "ଭଗବାନ କେବେ ହେଲେ ବି କାହାକୁ ସେ ଜୀବନ ସ୍ୱୀକାର କରିବ କି ନାହିଁ ପଚାରନ୍ତି ନାହିଁ। ଏହା କୌଣସି ବିକଳ୍ପ ବା ପସନ୍ଦ ନୁହେଁ।

## ଖାଦ୍ୟ ଶସ୍ୟ ଉତ୍ପାଦନରେ ରେକର୍ଡ

# ଚୀନ୍‌କୁ ପଛରେ ପକାଇଲା ଭାରତ



**ନୂଆଦିଲ୍ଲୀ :** ଭାରତରେ ବିଭିନ୍ନ ଖାଦ୍ୟ ଶସ୍ୟ ଉତ୍ପାଦନ ଏବେ ରେକର୍ଡ ସ୍ତରରେ ରହିଛି। ବିଶେଷକରି ଧାନ ଓ ଗହମ କ୍ଷେତ୍ରରେ ଦେଶରେ ବଳକା ସ୍ଥିତି ରହିଛି। ଭାରତ ସରକାର କୃଷକମାନଙ୍କ ସ୍ଥିତିରେ ଉନ୍ନତି ଆଣିବା ସହ କୃଷି କ୍ଷେତ୍ରକୁ ମଜବୁତ କରିବା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଥିବା କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ଚୌହାନ ପ୍ରକାଶ କରିଛନ୍ତି। ଭାରତ ଖାଦ୍ୟ ଶସ୍ୟ ଉତ୍ପାଦନରେ ବଳକା ହେବା ସହ ସମଗ୍ର ବିଶ୍ୱର ଖାଦ୍ୟଶସ୍ୟ ଚାହିଦା ପୂରଣ କରି ପାରିବ ବୋଲି ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି। କୃଷକମାନଙ୍କ ଆୟ ବୃଦ୍ଧି କରିବା ଓ ଦେଶରେ କୃଷି ଭିତ୍ତିଭୂମିକୁ ଦୃଢ଼ କରିବା ଦିଗରେ ସରକାର ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଚୌହ୍ୱାନ ଦୃଢ଼ୋକ୍ତି କରିଛନ୍ତି। ତେବେ ପଶ୍ଚିମବଙ୍ଗ ଭଳି ରାଜ୍ୟରେ କେତେକ କେନ୍ଦ୍ରୀୟ ଯୋଜନା ଲାଗୁ କରାଯାଉ ନଥିବାରୁ ଏହି ସବୁ ଯୋଜନାର ସୁଫଳ ସେଠାକାର ଚାଷୀମାନେ ପାଇ ପାରୁ ନାହାନ୍ତି ବୋଲି ଶ୍ରୀ ଚୌହ୍ୱାନ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କୃଷି ଉତ୍ପାଦନକୁ ନେଇ ଆନ୍ତର୍ଜାତିକ ସ୍ତରରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାସଲ କରି ପାରିଛି। ଚାଉଳ ଉତ୍ପାଦନ କ୍ଷେତ୍ରରେ ଭାରତ ଏବେ ଚୀନ୍‌କୁ ଅତିକ୍ରମ କରି ସାରିଛି। ସେହିପରି ଗହମ ଉତ୍ପାଦନରେ ମଧ୍ୟ ରେକର୍ଡ ହୋଇଛି। ତୈଳବୀଜ, ଫଳ ଓ ପନିପରିବା ଉତ୍ପାଦନ ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ଉପରେ ମନ୍ତ୍ରଣାଳୟ ଗୁରୁତ୍ୱ ଦେଉଥିବା ଶ୍ରୀ ଚୈହାନ କହିଛନ୍ତି।

# ବଢ଼ିଲା ଖୁଚୁରା ମୁଦ୍ରାସ୍ଫୀତି, ହେବ ମହଙ୍ଗା ମାଡ଼ !

**ନୂଆଦିଲ୍ଲୀ :** ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ଫେବୃଆରୀ ମାସରେ ସାମାନ୍ୟ ବୃଦ୍ଧି ପାଇଛି। ଏହାର ଅର୍ଥ ଲୋକଙ୍କୁ ପୁଣି ମହଙ୍ଗା ମାଡ଼ର ସାମ୍ନା କରିବାକୁ ପଡ଼ିପାରେ। ଜାନୁଆରୀ ତୁଳନାରେ ଭାରତର ମୁଦ୍ରାସ୍ଫୀତି ଫେବୃଆରୀରେ ବୃଦ୍ଧି ପାଇ ୩.୨୧%ରେ ପହଞ୍ଚି ଯାଇଛି। ଜାନୁଆରୀରେ ଏହା ୨.୭୫% ଥିଲା। ଏନେଇ କେନ୍ଦ୍ର ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଖୁଚୁରା ମୁଦ୍ରାସ୍ଫୀତି ବଢ଼ିଥିଲେ ହେଁ ଏହା ଆରବିଆଇ ଦ୍ୱାରା ଧାର୍ଯ୍ୟ ସୀମା ରେଖା ମଧ୍ୟରେ ରହିଛି। ସିପିଆଇ (ଗ୍ରାହକ ଦର



ସୂଚକାଙ୍କ) ମୁଦ୍ରାସ୍ଫୀତି ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ସବୁବେଳେ ୨ରୁ ୬% ରଖିବା ଉପରେ ଗୁରୁତ୍ୱ ଦେଇଥାଏ। ଏହାଦ୍ୱାରା ଅର୍ଥନୀତି ଉପରେ ଦରଦାମର ବୃଦ୍ଧିର ପ୍ରଭାବ କମ ହୁଏ। ଫେବୃଆରୀରେ ଖୁଚୁରା ମୁଦ୍ରାସ୍ଫୀତି ବଢ଼ିଥିଲେ ହେଁ ଏହା ୬% ସୀମା ଠାରୁ ଯଥେଷ୍ଟ ଦୂରରେ ରହିଛି। ଖାଦ୍ୟ ସାମଗ୍ରୀ ଦରଦାମ ବୃଦ୍ଧି ଯୋଗୁ ମୁଦ୍ରାସ୍ଫୀତି ସାମାନ୍ୟ ବଢ଼ିଛି। କାରଣ ସିପିଆଇ ବାସ୍କେଟ ଉପରେ ପ୍ରଭାବ ପକାଇଥାଏ। ଫେବୃଆରୀରେ ଖାଦ୍ୟ ମୁଦ୍ରାସ୍ଫୀତି ୩.୭୫% ରହିଛି। ସେହିପରି ସହରାଞ୍ଚଳ ମୁଦ୍ରାସ୍ଫୀତି ୩.୩୨% ଓ ଗ୍ରାମାଞ୍ଚଳ ମୁଦ୍ରାସ୍ଫୀତି ୩.୦୭% ରେକର୍ଡ କରାଯାଇଛି। ଏହାର ଅର୍ଥ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଦରଦାମର ଚାପର ପ୍ରଭାବ ଅଧିକ ଦେଖିବାକୁ ମିଳିଛି। ଜାନୁଆରୀ ମାସରେ ଖୁଚୁରା ମୁଦ୍ରାସ୍ଫୀତି ଆଶାତୀତ ଭାବେ ହ୍ରାସ ପାଇଥିଲା। ଖାଦ୍ୟ ସାମଗ୍ରୀ ବିଶେଷ କରି ପନିପରିବାର ଦାମ ହ୍ରାସ ପାଇବାରୁ ଲୋକମାନେ ମହଙ୍ଗା ମାଡ଼ରୁ ଆଶ୍ୱସ୍ତି ପାଇଥିଲେ। କିନ୍ତୁ ଫେବୃଆରୀ ମାସରେ ଖାଦ୍ୟ ସାମଗ୍ରୀର ଦାମ ସାମାନ୍ୟ ଉଚ୍ଚ ରହିବାରୁ ଏହାର ପ୍ରଭାବ ମୋଟ ମୁଦ୍ରାସ୍ଫୀତି ଉପରେ ମଧ୍ୟ ପଡ଼ିଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ଯୋଗାଣ ବ୍ୟବସ୍ଥା ପ୍ରଭାବିତ ହୋଇଛି। ଏହାର ପ୍ରଭାବ ମଧ୍ୟ ଖାଉଟିଙ୍କ ଉପରେ ପଡ଼ିଛି। ଯୁଦ୍ଧ ଫେବୃଆରୀ ୨୮ରୁ ଆରମ୍ଭ ହୋଇଛି। ଏହା ପୂର୍ବରୁ କିନ୍ତୁ ତିକ୍ତତା ଲାଗି ରହିଥିଲା। ସମ୍ଭବତଃ ଏଥିଯୋଗୁ କିଛି ସାମଗ୍ରୀର ମୂଲ୍ୟବୃଦ୍ଧି ପାଇଥିଲା। ତେଣୁ ମାର୍ଚ୍ଚ ମାସର ମୁଦ୍ରାସ୍ଫୀତି ଉପରେ ଯୁଦ୍ଧର ଯଥେଷ୍ଟ ପ୍ରଭାବ ରହିବ ବୋଲି କୁହାଯାଉଛି।

### କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀଙ୍କ ଦ୍ୱାରା 'ଭାରତ ଟେକ୍ସ ୨୦୨୬' ଶୁଭାରମ୍ଭ

# ୧୪-୧୭ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଚାଲିବ

**ନୂଆଦିଲ୍ଲୀ,(ପିଆଇବି):** କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଶ୍ରୀ ଗିରିରାଜ ସିଂହ ଆଜି ଭାରତର ପ୍ରମୁଖ ବିଶ୍ୱସ୍ତରୀୟ ବୟନ କାର୍ଯ୍ୟକ୍ରମ 'ଭାରତ ଟେକ୍ସ ୨୦୨୬'ର ଶୁଭାରମ୍ଭ କରିଛନ୍ତି, ଯାହା ବିଶ୍ୱ ବୟନ ଅର୍ଥନୀତିରେ ଦେଶର ବଢୁଥିବା ନେତୃତ୍ୱକୁ ସୂଚାଉଛି। ଶିଳ୍ପ, ସରକାର ଏବଂ ବାଣିଜ୍ୟିକ ସଂସ୍ଥାର ଅଂଶୀଦାରମାନଙ୍କୁ ସମ୍ବୋଧିତ କରି ମନ୍ତ୍ରୀ କହିଛନ୍ତି ଯେ, ଭାରତ ଟେକ୍ସକୁ ଏକକ ବୃହତ୍ତମ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ଭାବରେ କଳ୍ପନା କରାଯାଇଛି, ଯାହା ଫାଇବର ଏବଂ ସୂତାଠାରୁ ଆରମ୍ଭ କରି କପଡ଼ା, ପୋଷାକ, ବୈଷୟିକ ବୟନ ଏବଂ ସ୍ଥାୟୀ ନବସୃଜନ ପର୍ଯ୍ୟନ୍ତ ସମଗ୍ର ବୟନ ଶୃଙ୍ଖଳାକୁ ଏକାଠି କରିବ। ପୂର୍ବର ଦୁଇଟି ସଂସ୍କରଣର ଚମତ୍କାର ସଫଳତାକୁ ଭିତ୍ତି କରି ଏହି ସଂସ୍କରଣ କଳ୍ପନା କରାଯାଇଛି। ଏହା ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ଏବଂ ପ୍ରଭାବଶାଳୀ ସଂସ୍କରଣ ହେବାକୁ ଯାଉଛି। ଏହା ୧୪-୧୭ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ସଂସ୍କରଣରେ ୩,୫୦୦ ରୁ ଅଧିକ ବ୍ୟବସାୟିକ ପ୍ରଦର୍ଶନକାରୀ, ୧୪୦ରୁ ଅଧିକ ଦେଶର ୭,୦୦୦ ରୁ ଅଧିକ ଅନ୍ତର୍ଜାତୀୟ କ୍ରେତା ଏବଂ ୧,୩୦,୦୦୦ ରୁ ଅଧିକ ବାଣିଜ୍ୟିକ ଦର୍ଶକ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଏହି କାର୍ଯ୍ୟକ୍ରମରେ ଫାଇବର ଏବଂ ସୂତା, କପଡ଼ା, ପୋଷାକ ଏବଂ ଫ୍ୟାଶନ, ହୋମ୍ ଟେକ୍ସଟାଇଲ, ବୈଷୟିକ ବୟନ, ହସ୍ତଶିଳ୍ପ, ହସ୍ତତନ୍ତ ଏବଂ ବୁଦ୍ଧିମାନ ଉତ୍ପାଦନ ପ୍ରଯୁକ୍ତିବିଦ୍ୟା ସମେତ ସମଗ୍ର ବୟନ ପରିସଂସ୍ଥା ପ୍ରଦର୍ଶିତ ହେବ। ଏହି କାର୍ଯ୍ୟକ୍ରମ ଉତ୍ପାଦନ, ଡିଜାଇନ୍, ପ୍ରଯୁକ୍ତିବିଦ୍ୟା ଏବଂ ବାଣିଜ୍ୟ କ୍ଷେତ୍ରରେ ଭାରତର ସମନ୍ୱିତ ଶକ୍ତିକୁ ପ୍ରତିଫଳିତ କରେ। ଏହାକୁ ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ଏବଂ ସାମଗ୍ରିକ ବୟନ କାର୍ଯ୍ୟକ୍ରମ ଭାବରେ ବର୍ଣ୍ଣନା କରି ସେ ବୟନ ଶିଳ୍ପର ଇପିସି ଏବଂ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକର ନିରନ୍ତର ପ୍ରୟାସ ଓ ନିଷ୍ଠାକୁ ପ୍ରଶଂସା କରିଛନ୍ତି। ସେ ଗୁରୁତ୍ୱାରୋପ କରିଛନ୍ତି ଯେ, ଭାରତ ଟେକ୍ସ ଏକ ନିର୍ଭରଯୋଗ୍ୟ, ସ୍ଥାୟୀ ସୋର୍ସିଂ ସ୍ଥଳ ଏବଂ ବୃହତ ସ୍ତରର ବିନିଯୋଗ କେନ୍ଦ୍ର ଭାବରେ ଭାରତର ଆକର୍ଷଣକୁ ପୁନଃ ପ୍ରତିଷ୍ଠିତ କରିବ। ନବସୃଜନ, ସହଯୋଗ ଏବଂ 'ମେକ୍ ଇନ୍ ଇଣ୍ଡିଆ' ଭାବନାକୁ ଭିତ୍ତି କରି ଏହି କାର୍ଯ୍ୟକ୍ରମ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ୫ଏଫ ଦୂରଦୃଷ୍ଟିର ଏକ ପ୍ରତିଫଳନ




ବୋଲି ସେ କହିଛନ୍ତି। ଅଫିସିଆଲ୍ ଶୁଭାରମ୍ଭ ସମାରୋହରେ ବୟନ ଶିଳ୍ପ ମନ୍ତ୍ରଣାଳୟର ସଚିବ ଶ୍ରୀମତୀ ନୀଲମ ଶାମି ରାଓ, ଅତିରିକ୍ତ ସଚିବ ଶ୍ରୀ ରୋହିତ କଂସଲ, ରପ୍ତାନି ପ୍ରୋତ୍ସାହନ ପରିଷଦର ବରିଷ୍ଠ ପ୍ରତିନିଧି ଏବଂ ଶିଳ୍ପ ଜଗତର ନେତୃବୃନ୍ଦ ଉପସ୍ଥିତ ଥିଲେ। ଭାରତ ଟେକ୍ସ ୨୦୨୬ ଏହାର ୨୦୨୪ ଏବଂ ୨୦୨୫ର ପୂର୍ବ ସଂସ୍କରଣଗୁଡ଼ିକର ସଫଳତା ଉପରେ ପର୍ଯ୍ୟବସିତ ଏବଂ ଏହା ପ୍ରଦର୍ଶନୀ, ଜ୍ଞାନ ଆଦାନପ୍ରଦାନ ଅଧିବେଶନ, ରିଭର୍ସ ବାୟର-ସେଲର୍ ମିଟ୍ ଏବଂ ନୀତିଗତ ଆଲୋଚନାର ଏକ ଅନନ୍ୟ ସମାବେଶ ପ୍ରଦାନ କରିବ। ଏହାର ବିଶେଷ ଧ୍ୟାନ ସ୍ଥାୟୀ ଏବଂ ସର୍କୁଲାର ଟେକ୍ସଟାଇଲ୍, ବୈଷୟିକ ବୟନ, ଏମଏସଏମଇ ଅନ୍ତର୍ଭୁକ୍ତିକରଣ, ନବସୃଜନ ଏବଂ ବିଶ୍ୱ ବଜାରରେ ପ୍ରବେଶ ଉପରେ ରହିବ। ଏହି କାର୍ଯ୍ୟକ୍ରମ ଭାରତୀୟ ଏମଏସଏମଇ, ପ୍ରଦର୍ଶନକାରୀ, ଷ୍ଟାର୍ଟଅପ୍, ଶିକ୍ଷାବିତ୍ ଏବଂ ଡିଜାଇନର୍ମାନଙ୍କୁ ସେମାନଙ୍କର ସଦ୍ୟତମ ବୟନ ନବସୃଜନ ପ୍ରଦର୍ଶନ କରିବା, ବିଶ୍ୱସ୍ତରୀୟ ନିର୍ମାତା ଏବଂ କ୍ରେତାଙ୍କ ସହ ଯୋଗାଯୋଗ କରିବା, ଉଚ୍ଚସ୍ତରୀୟ ଆଲୋଚନାରେ ଭାଗ ନେବା ଏବଂ ରଣନୈତିକ ଭାଗିଦାରୀ ସ୍ଥାପନ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରିବ। ଏହି କାର୍ଯ୍ୟକ୍ରମରେ ବିନିଯୋଗ ଆକୃଷ୍ଟ କରିବା, ବାଣିଜ୍ୟ ବୃଦ୍ଧି ଏବଂ ଭାରତର ଉତ୍ପାଦନ ପରିସଂସ୍ଥା ତଥା ପାରମ୍ପରିକ ହସ୍ତତନ୍ତ କ୍ଷେତ୍ରକୁ ଦୀର୍ଘକାଳୀନ ସହାୟତା ପ୍ରଦାନ ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ପ୍ରମୁଖ ନୀତିଗତ ପଦକ୍ଷେପ ଏବଂ ସଂସ୍କାରଗୁଡ଼ିକ ମଧ୍ୟ ପ୍ରଦର୍ଶିତ ହେବ। ଭାରତ ଟେକ୍ସ ୨୦୨୬ର ଏକ ପ୍ରମୁଖ ଆକର୍ଷଣ ହେବ 'ଗ୍ଲୋବାଲ୍ ଟେକ୍ସଟାଇଲ୍ ଡାୟଲଗ୍', ଯେଉଁଥିରେ ଜ୍ଞାନ ଅଧିବେଶନ ମାଧ୍ୟମରେ ନୀତି ନିର୍ଦ୍ଧାରକ, ବିଶ୍ୱ ଶିଳ୍ପ ନେତା ଏବଂ ନବସୃଜନକାରୀମାନେ ବିଶ୍ୱ ବାଣିଜ୍ୟର ଗତିଶୀଳତା, ସ୍ଥାୟୀତ୍ୱ ଏବଂ ଇଏସଜି ମାନକ, ଇଣ୍ଡଷ୍ଟ୍ରି ୫.୦, ବୈଷୟିକ ବୟନ ଏବଂ ସ୍ଥିତିସ୍ଥାପକ ଯୋଗାଣ ଶୃଙ୍ଖଳା ଭଳି ଉଦୀୟମାନ ଧାରା ଉପରେ ଆଲୋଚନା କରିବେ, ଯାହା ଶିଳ୍ପ ଅଂଶୀଦାର ଏବଂ ଏମଏସଏମଇ ଗୁଡ଼ିକ ପାଇଁ ମୂଲ୍ୟବାନ ସୂଚନା ପ୍ରଦାନ କରିବ। ଏହି କାର୍ଯ୍ୟକ୍ରମ ଏକ ଶିଳ୍ପ-ପରିଚାଳିତ ପଦକ୍ଷେପ ଏବଂ ଏହା 'ଭାରତ ଟେକ୍ସ ଟ୍ରେଡ୍ ଫେଡେରେସନ୍' (ବିଟିଟିଏଫ) ଦ୍ୱାରା ଆୟୋଜିତ ହେବ - ଯାହା ୧୧ଟି ବୟନ ସମ୍ବନ୍ଧୀୟ ରପ୍ତାନି ପ୍ରୋତ୍ସାହନ ପରିଷଦ (ଇପିସି ) ଏବଂ ଅନ୍ୟାନ୍ୟ ଶିଳ୍ପ ସଂସ୍ଥାର ଏକ ସମ୍ମିଳିତ ଗୋଷ୍ଠୀ। ବିଟିଟିଏଫ ଅଧ୍ୟକ୍ଷ ନରେନ ଗୋଏଙ୍କା ଏବଂ ସହ-ଅଧ୍ୟକ୍ଷ ଭଦ୍ରେଶ ଦୋଦିଆ ମେଳାରେ ପ୍ରସ୍ତାବିତ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଛନ୍ତି।

# ରାଜ୍ୟରେ ହେବ ପଞ୍ଚାୟତ ଉପନିର୍ବାଚନ




**ଭୁବନେଶ୍ୱର :** ରାଜ୍ୟରେ ହେବ ପଞ୍ଚାୟତ ଉପନିର୍ବାଚନ। ଏନେଇ ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି ସରକାର। ବିଧାନସଭାରେ ପଞ୍ଚାୟତ ଉପନିର୍ବାଚନ ନେଇ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କ ପ୍ରଶ୍ନରେ ଏଭଳି ଲିଖିତ ଉତ୍ତର ଦେଇଛନ୍ତି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ। ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ପଚାରିଥିଲେ, ରାଜ୍ୟରେ ନିର୍ବାଚିତ ଜିଲ୍ଲା ପରିଷଦ, ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ ଓ ୱାର୍ଡ ମେମ୍ବରଙ୍କ ମୃତ୍ୟୁ ପାଇଁ ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ମୃତ୍ୟୁଜନିତ ଶୂନ୍ୟସ୍ଥାନ ପୂରଣ ପାଇଁ ବିଧିବଦ୍ଧ ପଦକ୍ଷେପ ନେଇ ଚଳିତ ବର୍ଷ ନିର୍ବାଚନ କରାଇବେ କି ? ଏଥିନେଇ ଲିଖିତ ଉତ୍ତର ରଖିଛନ୍ତି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ। ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ନିର୍ବାଚିତ ଜିଲ୍ଲା ପରିଷଦ, ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ ଓ ୱାର୍ଡ ମେମ୍ବରମାନଙ୍କ ମୃତ୍ୟୁଜନିତ ଖାଲି ଥିବା ପଦବୀ ଗୁଡ଼ିକୁ ଚଳିତ ବର୍ଷ ନିର୍ବାଚନ କରାଇ ପୂରଣ କରିବା ନିମନ୍ତେ ବିହିତ ପଦକ୍ଷେପ ନିଆଯାଉଛି। ପରେ ଗୃହ ବାହାରେ ବିଧାନସଭା ପରିସରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି, ପଞ୍ଚାୟତ ଉପ ନିର୍ବାଚନ ନିଷ୍ପତ୍ତି ରାଜ୍ୟ ନିର୍ବାଚନ ଆୟୋଗ ନେବେ। ନିଷ୍ପତ୍ତି ନେବା ପରେ ସରକାର କୌଣସି ଅବହେଳା କରିବେ ନାହିଁ ଉପନିର୍ବାଚନ ପାଇଁ। ଏବେ ବି ସମୟ ଅଛି, କେତେବେଳେ ବି ଉପ ନିର୍ବାଚନ ପାଇଁ ଏସଓପି ଜାରି ହୋଇପାରେ। ବର୍ତ୍ତମାନ ନିର୍ଦ୍ଦିଷ୍ଟ ତାରିଖ କହି ହେବ ନାହିଁ ବୋଲି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ। ସେପଟେ ଆସନ୍ତା ବର୍ଷ ହେବାକୁ ଥିବା ତ୍ରି-ସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଆରମ୍ଭ ହୋଇଛି ପ୍ରାକ୍ ପ୍ରସ୍ତୁତି। ନିର୍ଦ୍ଧାରିତ ସମୟରେ ନିର୍ବାଚନ ହେବ। ପଞ୍ଚାୟତିରାଜ ବିଭାଗ ଏ ନେଇ କାମ ଆରମ୍ଭ କରିଛି। ଜନଗଣନା ସରିବା ପରେ ଚୂଡ଼ାନ୍ତ ଭାବେ ତଥ୍ୟ ପ୍ରଦାନ କରାଯିବ। ପଞ୍ଚାୟତ ପୁନର୍ଗଠନ ଆବଶ୍ୟକ ଅଛି। ବର୍ତ୍ତମାନ ଏହି ପ୍ରକ୍ରିୟା ସ୍ଥଗିତ ଅଛି। ନୂଆ ଜନଗଣନା ପରେ ପଞ୍ଚାୟତ ପୁନର୍ଗଠନ ନେଇ ପ୍ରକ୍ରିୟା ଆରମ୍ଭ ହେବ। ୨ ଥର ବିଭାଗର ବୈଠକ ସରିଛି। ବିଭିନ୍ନ ଅଭିଯୋଗ ପତ୍ର ଆସୁଛି। ନିଜ ଅଞ୍ଚଳର ସୀମା ନିର୍ଦ୍ଧାରଣ କରି ପ୍ରସ୍ତାବ ଦେଉଛନ୍ତି। ଏହାକୁ ବିଚାରକୁ ନିଆଯିବ ବୋଲି କହିଥିଲେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ।

### ମଧ୍ୟପ୍ରାଚ୍ୟରେ ଅଟକିଥିବା ଓଡ଼ିଆମାନଙ୍କ ଫେରିବା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

# ପରିସ୍ଥିତି ସମ୍ପର୍କରେ ଟ୍ରାକ୍ ରଖିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ



**ଭୁବନେଶ୍ୱର :** ମଧ୍ୟପ୍ରାଚ୍ୟରେ ସମ୍ପ୍ରତି ଚାଲିଥିବା ଯୁଦ୍ଧ ପରିସ୍ଥିତି ଯୋଗୁଁ ସେଠାରେ ଅନେକ ଓଡ଼ିଆ ଲୋକ ଅଟକି ରହିଥିବା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଓଡ଼ିଆ ଲୋକମାନଙ୍କୁ ଫେରାଇ ଆଣିବା ଉପରେ ଗୁରୁତ୍ୱ ଆରୋପ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ଘଟଣା ଉପରେ ଟ୍ରାକ୍ ରଖିବାକୁ ଏବଂ ଓଡ଼ିଆ ଲୋକମାନଙ୍କୁ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗତ ମାର୍ଚ୍ଚ ୨ ତାରିଖରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ମଧ୍ୟପ୍ରାଚ୍ୟ ଘଟଣା ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ (ଓଏସ୍‌ଡି) ପ୍ରୀତିଶ ପଣ୍ଡାଙ୍କୁ ଏହାର ନୋଡାଲ ଅଫିସର ନିଯୁକ୍ତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଓଡ଼ିଶା ପରିବାରକୁ ମଧ୍ୟପ୍ରାଚ୍ୟ ଅଞ୍ଚଳରୁ ଓଡ଼ିଆ ଲୋକମାନଙ୍କ ପକ୍ଷରୁ ପ୍ରାୟ ୨୦୦ ଟେଲିଫୋନ ଆସିଛି। ଏବଂ ନିର୍ଦ୍ଦେଶାଳୟ ପକ୍ଷରୁ ବୈଦେଶିକ ମନ୍ତ୍ରାଳୟ ସହ ଯୋଗାଯୋଗ କରାଯାଇ ସେମାନଙ୍କ ଫେରିବା ସମ୍ପର୍କରେ ସହାୟତା କରାଯାଉଛି। ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏଥିପାଇଁ ସ୍ୱତନ୍ତ୍ର କଣ୍ଟ୍ରୋଲରୁମ୍ କରାଯାଇ ଟୋଲଫ୍ରି ନମ୍ବର ୧୮୦୦-୧୧୮-୭୯୭ ଜାରି କରାଯାଇଛି। ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ଦୁବାଇ, ଆବୁଧାବି ଓ ବାହାରିନରେ ଥିବା ଓଡ଼ିଆ ଆସୋସିଏସନର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରାଯାଇ ସେଠାକାର ବାସ୍ତବ ପରିସ୍ଥିତି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଛି। ସୂଚନାଯୋଗ୍ୟ ଯେ, ଦୁବାଇରେ ୩୫ ଜଣ ଓଡ଼ିଆ ପର୍ଯ୍ୟଟକ ଫସି ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୯ ଜଣ କେରଳର କୋଚି ଦେଇ ମାର୍ଚ୍ଚ ୭ ତାରିଖ ଦିନ ଭୁବନେଶ୍ୱର ଫେରିଛନ୍ତି। ବାକି ପର୍ଯ୍ୟଟକମାନେ ମୁମ୍ବାଇ ଦେଇ ଏକ ସ୍ୱତନ୍ତ୍ର ଏୟାର ଇଣ୍ଡିଆ ଏକ୍ସପ୍ରେସ ଫ୍ଲାଇଟ ଜରିଆରେ ୮ ତାରିଖ ଦିନ ଭୁବନେଶ୍ୱର ଫେରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ମଧ୍ୟପ୍ରାଚ୍ୟରୁ ବର୍ତ୍ତମାନ ସୁଦ୍ଧା ୬୫ ହଜାର ଭାରତୀୟ ସ୍ୱତନ୍ତ୍ର ଫ୍ଲାଇଟ ଜରିଆରେ ନିରାପଦରେ ଭାରତକୁ ଫେରି ଆସିଛନ୍ତି। ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶ ପାଇଁ ନିମ୍ନଲିଖିତମତେ ଯୋଗାଯୋଗ କରିବା ପାଇଁ ଟେଲିଫୋନ ନମ୍ବର ଜାରି କରାଯାଇଛି।

## ମୁଖ୍ୟ ଶାସନ ସଚିବଙ୍କ ସହିତ ସାମ୍ବାଦିକ ସଂଘର କର୍ମକର୍ତ୍ତାମାନଙ୍କ ଆଲୋଚନା



**ଭୁବନେଶ୍ୱର :** ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରାଜ୍ୟର ସାମ୍ବାଦିକମାନଙ୍କର ସମସ୍ୟା ଓ ଦାବୀ ସମ୍ପର୍କରେ ଆଲୋଚନା କରିଛନ୍ତି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂ, ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂଙ୍କ ସମେତ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସାମ୍ବାଦିକମାନଙ୍କ ପକ୍ଷରୁ "ଆଇୟୁଡବ୍ଲୁଜେ" ସଂଘର ସର୍ବଭାରତୀୟ ସଭାପତି ପୀତବାସ ମିଶ୍ର, ଏହି ସଂଘର ଓଡ଼ିଶା ରାଜ୍ୟ ସଭାପତି ଭାଗବତ ପ୍ରସାଦ ତ୍ରିପାଠୀ, ସଂଘର ଭୁବନେଶ୍ୱର କାର୍ଯ୍ୟାଳୟ ସଭାପତି ହୃଷିକେଶ ମହାନ୍ତି ଏବଂ 'ଓୟୁଡବ୍ଲୁଜେ"ର ଉପସଭାପତି ରବି ରାୟ ପ୍ରମୁଖ ଯୋଗ ଦେଇ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ସାମ୍ବାଦିକମାନଙ୍କର ସାମୁହିକ ସମସ୍ୟା ଓ କଲ୍ୟାଣ ସଂପର୍କରେ ବିଭିନ୍ନ ପ୍ରସ୍ତାବ ଓ ଦାବୀ ରହିଥିବା ଉପସ୍ଥାପନ କରିଥିଲେ। ସାମ୍ବାଦିକମାନଙ୍କ ଆର୍ଥିକ ସୁରକ୍ଷା ପାଇଁ ପେନସନ୍ ଯୋଜନା ଲାଗୁ କରିବା , ସାମ୍ବାଦିକମାନଙ୍କୁ ସରକାରୀ ସ୍ୱୀକୃତି ମାନ୍ୟତା ପାଇଁ ରାଜ୍ୟ ଆକ୍ରିଡିଟେସନ କମିଟି ପୁନର୍ଗଠନ କରାଯିବା, ସରକାରୀ ବିଜ୍ଞାପନ ଆବଣ୍ଟନରେ ଅଧିକ ସୁବିଧା କରାଯିବା, ସାମ୍ବାଦିକମାନଙ୍କୁ ପରିଚୟପତ୍ର ପ୍ରଦାନ ପ୍ରସଙ୍ଗରେ ବୈଠକରେ ସବିଶେଷ ଆଲୋଚନା କରାଯାଇଥିଲା। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସମସ୍ତ ପ୍ରସଙ୍ଗକୁ ଭଲଭାବେ ଅନୁଧ୍ୟାନ କରି ପରବର୍ତ୍ତୀ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶୃତି ଦେଇଛନ୍ତି।

### ସାବାଡ଼ ହେବେ ସଡ଼କ ନିୟମ ଉଲ୍ଲଙ୍ଘନକାରୀ

# ୨୧ରୁ ପରିବହନ ବିଭାଗର ସ୍ୱତନ୍ତ୍ର ଅଭିଯାନ

**ଭୁବନେଶ୍ୱର :** ସଡ଼କ ଦୁର୍ଘଟଣା ଓ ମୃତ୍ୟୁସଂଖ୍ୟା ହ୍ରାସ ଲକ୍ଷ୍ୟରେ ପରିବହନ ବିଭାଗ ପକ୍ଷରୁ ଆସନ୍ତା ୨୧ରୁ ସ୍ୱତନ୍ତ୍ର ଅଭିଯାନ ଚାଲିବ। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ଏବଂ ଅତିରିକ୍ତ ଆରଟିଓଙ୍କୁ ଏସଂକ୍ରାନ୍ତରେ ନିର୍ଦ୍ଦେଶ ଜାରି କରିଛି ରାଜ୍ୟ ପରିବହନ ପ୍ରାଧିକରଣ। ସଡ଼କ ସୁରକ୍ଷା ନିୟମ ଅନୁପାଳନକୁ ଅଧିକ କଡ଼ାକଡ଼ି କରିବା ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ୨୧ରୁ ୩୧ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ଏହି ଅଭିଯାନ କରାଯିବ। ନିୟମ ଉଲ୍ଲଙ୍ଘନ କରି ନିଜ ସହ ଅନ୍ୟ ସଡ଼କ ବ୍ୟବହାରକାରୀଙ୍କ ଜୀବନ ବିପଦରେ ପକାଉଥିବା ଚାଳକଙ୍କୁ ନିୟନ୍ତ୍ରଣ କରିବାକୁ ସଚେତନତା ସହିତ ଚଢ଼ଉ କରାଯିବ ବୋଲି ଜଣାପଡ଼ିଛି। ଦୁର୍ଘଟଣାପ୍ରବଣ ସ୍ଥାନ, ଜାତୀୟ ଓ ରାଜ୍ୟ ରାଜପଥ, ଖଣି ଓ ଶିଳ୍ପାଞ୍ଚଳ, ସହର ଓଗାଁର ମୁଖ୍ୟ ରାସ୍ତା, ପ୍ରମୁଖ ଛକ, ବଜାର ଅଞ୍ଚଳ ଏବଂ ବସ୍‌ଷ୍ଟାଣ୍ଡ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ଏହି ଯାଞ୍ଚ କରାଯିବ। ଦ୍ରୁତଗତି, ମଦ୍ୟପାନ କରି ଗାଡ଼ି ଚଳାଇବା, ବିନା ହେଲମେଟ୍, ଭୁଲ୍ ଦିଗରେ ଗାଡ଼ି ଚଳାଇବା, ଓଭରଲୋଡିଂ, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ, ବୈଧ ଡ୍ରାଇଭିଂ ଲାଇସେନ୍ସ ବିନା ଗାଡ଼ି ଚଳାଇବା, ନାବାଳକ ଗାଡ଼ି ଚାଳନା, ଦୁଇ ଚକିଆରେ ଦୁଇଜଣରୁ ଅଧିକ ଯିବା ଏବଂ ଅନ୍ୟାନ୍ୟ ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କଡ଼ାକଡ଼ି ଯାଞ୍ଚ କରାଯିବ। ଏହା ସହିତ ଖଣି ଏବଂ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଟିପ୍ପର, ଡମ୍ପର, ହାଇୱା ଏବଂ ଅନ୍ୟାନ୍ୟ ଭାରୀଯାନ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ, ଓଭରଲୋଡିଂ ଏବଂ ଅନ୍ୟାନ୍ୟ ଆଇନଗତ ନିୟମର ଅନୁପାଳନ ଉପରେ ଗୁରୁତ୍ୱ ଦିଆଯିବ। ଏହି ଅଭିଯାନକୁ ପ୍ରଭାବଶାଳୀ କରିବା ପାଇଁ ପରିବହନ ବିଭାଗ ଦ୍ୱାରା ଜିଲା ପ୍ରଶାସନ ଓ ପୁଲିସ ସହଭାଗିତାରେ ଯାଞ୍ଚ କରାଯିବ। ଏହି ସମୟ ମଧ୍ୟରେ ବିଭିନ୍ନ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରାଯିବ। ହେଲମେଟ୍, ସିଟ୍‌ବେଲ୍ଟ ସଚେତନତା, ଦ୍ରୁତଗତିର ଭୟାବହତା ଆଦି ସମ୍ପର୍କରେ ସଡ଼କ ବ୍ୟବହାରକାରୀଙ୍କୁ ବୁଝାଯିବ। ସେହିଭଳି ରକ୍ତଦାନ ଶିବିର, ଚକ୍ଷୁ ପରୀକ୍ଷା ଶିବିର, ଚାଳକ ଓ ଯାତ୍ରୀଙ୍କ ପାଇଁ ସଡ଼କ ସୁରକ୍ଷା ପରାମର୍ଶ କାର୍ଯ୍ୟକ୍ରମ, ଗାଡ଼ି ମାଲିକ ସଂଘ ଓ ପରିବହନ ୟୁନିଅନ ସହିତ ଆଲୋଚନା ଏବଂ ଶିକ୍ଷାନୁଷ୍ଠାନ ତଥା ସାର୍ବଜନୀନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ହେବ। ସଡ଼କ ସୁରକ୍ଷାକୁ ନେଇ ମୁଖ୍ୟମନ୍ତ୍ରୀ ଦେଇଥିବା ଆହ୍ୱାନ 'ସୁରକ୍ଷିତ ଭାବରେ ଘରକୁ ଫେରନ୍ତୁ' ଗୁରୁତ୍ୱକୁ ବୁଝାଇବା ଉପରେ ପ୍ରାଥମିକତା ଦିଆଯାଇଛି।

### ଓଜନ ମାପରେ ଠକେଇ

## ୭୫ ରାସନ ଡିଲରଙ୍କ ଲାଇସେନ୍ସ ବାତିଲ



**ଭୁବନେଶ୍ୱର :** ରାସନକାର୍ଡ ହିତାଧିକାରୀଙ୍କୁ ଓଜନ ମାପରେ ଡିଲରମାନେ ଠକୁଛନ୍ତି। ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ଚାଲିଥିବା ବିଧାନସଭାର ଚର୍ଚ୍ଚା ମଧ୍ୟରେ ଏହିଭଳି ସାଙ୍ଘାତିକ ତଥ୍ୟ ଆସିଛି। ଏହିଭଳି ୭୫ଟି ରାସନ ଡିଲରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ସେମାନଙ୍କ ଲାଇସେନ୍ସ ବାତିଲ କରିଛନ୍ତି ସରକାର। ଚଳିତ ଆର୍ଥିକ ବର୍ଷ ୩୬୨୪ ତଦନ୍ତ କରାଯାଇ ୭୫ଟି ରାସନ ଡିଲରଙ୍କ ଲାଇସେନ୍ସ ବାତିଲ କରାଯିବା ସହ ଜଣଙ୍କ ବିରୁଦ୍ଧରେ ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବିଧାନସଭାରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଲିଖିତ ଉତ୍ତର ଦେଇଛନ୍ତି। ଶ୍ରୀ ପାତ୍ର ଆହୁରି ମଧ୍ୟ କହିଛନ୍ତି ଯେ, ରାଜ୍ୟରେ ରାସନକାର୍ଡ ମାଧ୍ୟମରେ ଖାଉଟି ଇ-ପିଓଏସ୍ ମେସିନ ସହିତ ମାପ ଓଜନ ଯନ୍ତ୍ର ସଂଯୋଗ କରାଯାଇ ବାୟୋମେଟ୍ରିକ୍ ଅନ୍‌ଲାଇନ୍ ସୁନିଶ୍ଚିତ କରାଯାଇ ବଣ୍ଟନ କରାଯାଉଛି। ଏତଦ୍‌ବ୍ୟତୀତ ଯୋଗାଣ ଅଧିକାରୀମାନେ ନିୟମିତ ପ୍ରତ୍ୟେକ ଖାଉଟି କେନ୍ଦ୍ର ଯାଞ୍ଚ କରୁଅଛନ୍ତି ଏବଂ ଅଭିଯୋଗ ହସ୍ତଗତ ହେଲେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ସୂଚନାଯୋଗ୍ୟ, ଏକ ଅଣତାରକା ପ୍ରଶ୍ନରେ ବିଧାୟକ ରାମଚନ୍ଦ୍ର କାଡ଼ାମ ପ୍ରଶ୍ନ ପଚାରିଥିଲେ ଯେ ରାଜ୍ୟରେ ଅନେକ ଅଞ୍ଚଳରେ ଚାଉଳ ବଣ୍ଟନ କେନ୍ଦ୍ରରେ ଓଜନ କମ ଦେବା, ନିମ୍ନମାନର ବଣ୍ଟନ ଏବଂ ଅନିୟମିତ ଯୋଗାଣ ନେଇ ଗୁରୁତର ଅଭିଯୋଗ ଆସୁଛି। ଏହି ଅନିୟମ ରୋକିବା ପାଇଁ ସରକାର କେତେ ତଦନ୍ତ ଏବଂ ନିରୀକ୍ଷଣ କରାଇଛନ୍ତି ? କେତେ ରାସନ ଡିଲରଙ୍କ ଲାଇସେନ୍ସ ବାତିଲ କରାଯାଇଛି ଓ କେତେ ମାମଲାରେ ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ?

## ୩୦ ଜିଲ୍ଲାରେ ହେବ ଏମ୍‌ଏସ୍‌ଏମ୍‌ଇ ଇ-ପାର୍କ

**ଭୁବନେଶ୍ୱର :** ରାଜ୍ୟର ୩୦ଟି ଜିଲାରେ ହେବ ଏମ୍‌ଏସ୍‌ଏମ୍‌ଇ ଇ-ପାର୍କ। ଏ ନେଇ ଗୃହରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି। ଏହା ୧୪ ଜିଲାରେ ଶେଷ ହୋଇଛି। ଏପ୍ରିଲ ମାସରେ ଆହୁରି ୪ରୁ ୫ଟି ପାର୍କ କାର୍ଯ୍ୟ ସମାପ୍ତ ହେବ। ଅନ୍ୟପକ୍ଷେ, ଏପ୍ରିଲ ମାସରେ ଆହୁରି ୪ରୁ ୫ଟି ପାର୍କ କାର୍ଯ୍ୟ ସମାପ୍ତ ହେବ। ଇ-ପାର୍କ ପାଇଁ ସ୍ଥାନୀୟ ଭେଣ୍ଡରଙ୍କୁ ୪୦ରୁ ୫୦% ଜମି ଯୋଗାଇ ଦିଆଯିବ।

# ୩ ବର୍ଷରେ ଦେଶ ଭିତରୁ ୩୭୦୦ରୁ ଅଧିକ ଶ୍ରମିକ ଉଦ୍ଧାର



**ଭୁବନେଶ୍ୱର :** ରାଜ୍ୟ ବାହାରେ ଶୋଷଣର ଶିକାର ହୋଇଥିବା ପ୍ରାୟ ୩୭୦୦ରୁ ଅଧିକ ଓଡ଼ିଆ ଶ୍ରମିକଙ୍କୁ ବିଗତ ୩ବର୍ଷ ମଧ୍ୟରେ ସରକାର ରାଜ୍ୟକୁ ଫେରାଇ ଆଣିଥିବାବେଳେ ବିଦେଶରୁ ମଧ୍ୟ ବିଗତ ଦୁଇବର୍ଷ ମଧ୍ୟରେ ୧୫୮ଜଣ ଓଡ଼ିଆ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ରାଜ୍ୟ ଶ୍ରମ ଓ ଇଏସଆଇ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆଙ୍କ ବିଧାନସଭାରେ ବିଧାୟକ ଟଙ୍କଧର ତ୍ରିପାଠୀ ଓ ଉପାସନା ମହାପାତ୍ରଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି ଯେ, ଓଡ଼ିଶାରୁ ବାହାର ରାଜ୍ୟ ଓ ବିଦେଶକୁ ବେଆଇନ ଭାବେ ଶ୍ରମିକ ଚାଲାଣ କରୁଥିବା ଦଲାଲଙ୍କ ବିରୋଧରେ ସରକାର ଏବେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ବିଗତ ୨୦୨୩, ୨୦୨୪ ଓ ୨୦୨୫ ମସିହା ମଧ୍ୟରେ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଅଧିନିୟମ, ୧୯୭୯ ଅନୁଯାୟୀ ବିଭିନ୍ନ ନିଯୁକ୍ତିଦାତା ଓ ଦଲାଲଙ୍କ ବିରୁଦ୍ଧରେ ୪୨୮ ଗୋଟି ନିରୀକ୍ଷଣ କରାଯାଇଛି। ଏହି ସମୟ ମଧ୍ୟରେ ନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ବିଭିନ୍ନ ଅଦାଲତରେ ୨୮ ଗୋଟି ମୋକଦ୍ଦମା ମଧ୍ୟ ଦାଏର ହୋଇଛି। ଏହି ୩ବର୍ଷ ମଧ୍ୟରେ ବାହାର ରାଜ୍ୟରେ ଶୋଷଣର ଶିକାର ହୋଇଥିବା ପ୍ରାୟ ୩୭୭୨ଜଣ ପ୍ରବାସୀ ଶ୍ରମିକଙ୍କୁ ସଫଳତାର ସହ ଉଦ୍ଧାର କରାଯାଇଛି। କେବଳ ଦେଶ ଭିତରେ ନୁହେଁ ବରଂ ବିଦେଶରେ ଫସି ରହିଥିବା ଓଡ଼ିଆ ଶ୍ରମିକଙ୍କୁ ଉଦ୍ଧାର କରିବାରେ ମଧ୍ୟ ରାଜ୍ୟ ସରକାର ସଫଳ ହୋଇଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ସୂଚନା ଦେଇଛନ୍ତି। ବିଗତ ୨ବର୍ଷ ମଧ୍ୟରେ ବିଭିନ୍ନ ସୂତ୍ରରୁ ଖବର ପାଇଁ ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟର ସହଯୋଗରେ ୧୫୮ଜଣ ଶ୍ରମିକଙ୍କୁ ବିଦେଶରୁ ସୁରକ୍ଷିତ ଫେରାଇ ଅଣାଯାଇଛି। ଏହି ଶ୍ରମିକମାନେ ମିଆଁମାର, ଦୁବାଇ, ଓମାନ, ଲାଓସ୍, ନାଇଜେରିଆ, ଆବୁଧାବି, କାମ୍ବୋଡ଼ିଆ, ସୁଦାନ, ଥାଇଲ୍ୟାଣ୍ଡ, ସାଉଦିଆରବ, ବାଂଲାଦେଶ ଓ ମାଳଦ୍ୱୀପ ଭଳି ଦେଶରେ ଫସି ରହିଥିଲେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସରକାର ବିଦେଶରୁ ଉଦ୍ଧାର କରି ଆଣିଥିବା ଶ୍ରମିକଙ୍କ ମଧ୍ୟରେ କେନ୍ଦ୍ରାପଡ଼ାର ସର୍ବାଧିକ ୫୦ଜଣ, ଗଞ୍ଜାମର ୧୭ଜଣ, ଖୋର୍ଦ୍ଧା ଜିଲ୍ଲାର ୨୦ଜଣ ଓ ଢେଙ୍କାନାଳର ୧୭ଜଣ ଶ୍ରମିକଙ୍କୁ ମିଶାଇ ମୋଟ ୧୫୮ଜଣ ଶ୍ରମିକ ରହିଛନ୍ତି। ବିଦେଶରେ କାର୍ଯ୍ୟରତ ଶ୍ରମିକମାନେ କେନ୍ଦ୍ର ସରକାରଙ୍କ ଇମିଗ୍ରେସନ୍ ଆକ୍ଟ ଦ୍ୱାରା ନିୟନ୍ତ୍ରିତ ହେଉଥିଲେ ମଧ୍ୟ ରାଜ୍ୟ ସରକାର ସେମାନଙ୍କ ସୁରକ୍ଷା ପାଇଁ ସର୍ବଦା ତତ୍ପର ଅଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଦାଦନ ସମସ୍ୟାର ସ୍ଥାୟୀ ସମାଧାନ ଓ ଶ୍ରମିକମାନଙ୍କ ଦୁରବସ୍ଥାରେ ଉନ୍ନତି ଆଣିବା ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର 'ଟାସ୍କ ଫୋର୍ସ୍‌ଦ' ଗଠନ କରାଯାଇଛି। ଏହି ଟାସ୍କଫୋର୍ସ ଇତିମଧ୍ୟରେ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ତିନିଥର ବୈଠକ କରିସାରିଛି ଓ ଶ୍ରମିକଙ୍କ କଲ୍ୟାଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି। ପ୍ରବାସୀ ଶ୍ରମିକମାନଙ୍କୁ ନିଜ ଜିଲ୍ଲାରେ ରୋଜଗାରକ୍ଷମ କରିବା ପାଇଁ ସରକାର ସେମାନଙ୍କୁ ବିଭିନ୍ନ କର୍ମନିଯୁକ୍ତି ଓ ସ୍ୱରୋଜଗାର ଯୋଜନାରେ ସାମିଲ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ବିଶେଷକରି ଭିବିଜୀରାଜୀ (ମନରେଗା) ଯୋଜନାରେ କାର୍ଯ୍ୟଦିବସ ସଂଖ୍ୟାକୁ ୩୦୦ ଦିନକୁ ବୃଦ୍ଧି କରାଯାଇଛି, ଯାହା ଦ୍ୱାରା ଶ୍ରମିକମାନେ ଗାଁରେ ରହି କାମ ପାଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ସୂଚନା ଦେଇଛନ୍ତି।

# ରାଜ୍ୟର ଆଉ ୪ ଜିଲ୍ଲାରେ ଖୋଲିବ ଚାଉଳ ଏଟିଏମ୍



**ଭୁବନେଶ୍ୱର :** ରାଜ୍ୟର ଆଉ ୪ ଜିଲ୍ଲାରେ ଖୋଲିବ ଚାଉଳ ଏଟିଏମ୍। ସେହି ଜିଲ୍ଲାଗୁଡ଼ିକ ହେଉଛି ଝାରସୁଗୁଡ଼ା, ନବରଙ୍ଗପୁର, କେନ୍ଦୁଝର ଓ ଢେଙ୍କାନାଳ। ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ବିଧାୟକ ଗୌତମ ବୁଦ୍ଧ ଦାସଙ୍କ ଏକ ପ୍ରଶ୍ନରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଦେଇଥିବା ଲିଖିତ ଉତ୍ତରରେ କହିଛନ୍ତି, ରାଜ୍ୟରେ ପ୍ରଥମ ଚାଉଳ ଏଟିଏମ ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ମଞ୍ଚେଶ୍ୱରରେ ଖୋଲାଯାଇଛି। ନିକଟ ଭବିଷ୍ୟତରେ ରାଜ୍ୟରେ ଆହୁରି ୪ଟି ଜିଲ୍ଲା-ଝାରସୁଗୁଡ଼ା, ନବରଙ୍ଗପୁର, କେନ୍ଦୁଝର ଓ ଢେଙ୍କାନାଳରେ ଗୋଟିଏ ଲେଖାଏ ଚାଉଳ ଏଟିଏମ ଖୋଲାଯିବାର ବ୍ୟବସ୍ଥା କରାଯାଉଛି। ମନ୍ତ୍ରୀ ଆହୁରି କହିଛନ୍ତି ଯେ ମଞ୍ଚେଶ୍ୱରରେ ଖୋଲାଯାଇଥିବା ଚାଉଳ ଏଟିଏମ୍ ଜରିଆରେ ୨୦୨୪ ଜୁଲାଇ ମାସରୁ ଏଯାଏ ୨୦୨୧୭ ଜଣ ରାସନ କାର୍ଡଧାରୀ ମୋଟ ୩ ହଜାର ୮ ଶହ ୦୫ କ୍ୱିଣ୍ଟାଲ ୧୪ କିଲୋଗ୍ରାମ ଚାଉଳ ଉଠାଣ କରାଯାଇଛି। ଏହି ଚାଉଳ ଏଟିଏମ ବିଶ୍ୱ ଖାଦ୍ୟ ସଂସ୍ଥା ଦ୍ୱାରା ପ୍ରାୟୋଜିତ ଅଟେ। ଏ ବାବଦରେ ରାଜ୍ୟ ସରକାର ୨୦୨୫-୨୬ ବଜେଟରେ କୌଣସି ବ୍ୟୟବରାଦ କରି ନାହାନ୍ତି।

### ସରକାରଙ୍କ ଆଶ୍ୱାସନା

# ରାଜ୍ୟରେ ମହଜୁଦ ଅଛି ଏଲପିଜି, ପେଟ୍ରୋଲ, ଡିଜେଲ



**ଭୁବନେଶ୍ୱର :** ଆମେରିକା-ଇରାନ୍ ଯୁଦ୍ଧ ଯୋଗୁ ଇନ୍ଧନ ଗ୍ୟାସ ସଙ୍କଟ ଦେଖାଦେଇଥିବା ନେଇ ଚର୍ଚ୍ଚା ମଧ୍ୟରେ ରାଜ୍ୟବାସୀଙ୍କୁ ଚିନ୍ତିତ ନହେବା ପାଇଁ ରାଜ୍ୟ ସରକାର ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଯଥେଷ୍ଟ ପରିମାଣର ରନ୍ଧନ ଗ୍ୟାସ୍ ଓ ଇନ୍ଧନ ମହଜୁଦ ଅଛି ବୋଲି ମୁଖ୍ୟ ସଚିବ ଅନୁ ଗର୍ଗ ସୂଚନା ଦେଇଛନ୍ତି। ଯୁଦ୍ଧ ଯୋଗୁ ପରବର୍ତ୍ତୀ ଇନ୍ଧନ ସଙ୍କଟ ମଧ୍ୟରେ ଲୋକସେବା ଭବନରେ ମୁଖ୍ୟ ସଚିବ ଅନୁ ଗର୍ଗ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ରାଜ୍ୟରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍ (ଏଲପିଜି)ର ଉପଲବ୍ଧତା ସମ୍ପର୍କରେ ସମୀକ୍ଷା କରିଛନ୍ତି। ବୈଠକରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସଚିବ ସଞ୍ଜୟ ସିଂଙ୍କ ସମେତ ଆଇଓସିଏଲ, ଏଚପିସିଏଲ ଓ ବିପିସିଏଲ୍ ଭଳି ପ୍ରମୁଖ ତୈଳ କମ୍ପାନୀଗୁଡ଼ିକର କର୍ତ୍ତୃପକ୍ଷମାନେ ଉପସ୍ଥିତ ଥିଲେ। ରାଜ୍ୟରେ ଯଥେଷ୍ଟ ପରିମାଣର ରନ୍ଧନ ଗ୍ୟାସ ଉପଲବ୍ଧ ଥିବାରୁ ଏଥିପାଇଁ ସାଧାରଣ ଲୋକେ ଆଦୌ ଚିନ୍ତିତ ନହେବାକୁ ମୁଖ୍ୟ ସଚିବ ପରାମର୍ଶ ଦେଇଛନ୍ତି। ବୈଠକରେ ତୈଳ ବିଶୋଧନାଗାର ଓ ଡିପୋରୁ ଏଲପିଜି ବିତରକ ଓ ରିଟେଲ ଆଉଟଲେଟକୁ ବିତରଣ ପ୍ରକ୍ରିୟା ତଥା ଯୋଗାଣ ଶୃଙ୍ଖଳିତ କରିବା ଉପରେ ଆଲୋଚନା ହୋଇଥିଲା। ଖାଉଟିମାନଙ୍କୁ ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡିଜେଲ ଯୋଗାଣ କ୍ଷେତ୍ରରେ କୌଣସି ସମସ୍ୟା ନଥିବା ନେଇ ତୈଳ କମ୍ପାନୀଗୁଡ଼ିକ ସ୍ପଷ୍ଟ କରିଛନ୍ତି। ସେହିପରି ଡାକ୍ତରଖାନା ଓ ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ମଧ୍ୟ ରନ୍ଧନ ଗ୍ୟାସ୍ ଯୋଗାଣ ସ୍ୱାଭାବିକ ରହିଛି। ସୁବିଧାରେ ରନ୍ଧନ ଗ୍ୟାସ ଓ ଇନ୍ଧନ ତୈଳ ଉପଲବ୍ଧ କରାଇବା ପାଇଁ ସପ୍ଲାଏ ଚେନରେ ସନ୍ତୁଳନ ବଜାୟ ରଖିବାକୁ ମୁଖ୍ୟ ସଚିବ ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ଉଭୟ ଯୋଗାଣ ବିଭାଗ ଓ ତୈଳ କମ୍ପାନୀଗୁଡ଼ିକ ବିଭିନ୍ନ ମାଧ୍ୟମରେ ଉପଲବ୍ଧ ସୂଚନା ଜାରି କରି ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ କୁହାଯାଇଛି । ତୈଳ କମ୍ପାନୀଗୁଡ଼ିକ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରୁଥିବା ଦୈନିକ ରିପୋର୍ଟକୁ ଏଣିକି ରାଜ୍ୟ ସରକାରଙ୍କ ଯୋଗାଣ ବିଭାଗକୁ ମଧ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ହୋଟେଲ ମାଲିକ ଜେକେ ମହାନ୍ତି କହିଛନ୍ତି ଯେ,ଏଲପିଜି ଅତ୍ୟାବଶ୍ୟକ ସେବାରେ ଆସୁଛି। ହୋଟେଲ, ଢାବା, ରେଷ୍ଟୁରାଣ୍ଟ ସମସ୍ତେ ବ୍ୟବସାୟିକ ଗ୍ୟାସ୍ ବ୍ୟବହାର କରୁଛନ୍ତି। ହଠାତ୍ ସରକାର ଏହାକୁ ବନ୍ଦ କରିଦେଲେ ହୋଟେଲ ଇଣ୍ଡଷ୍ଟ୍ରି ବହୁତ ପ୍ରଭାବିତ ହେବ। ବେଙ୍ଗାଲୁରୁ ଓ ଚେନ୍ନାଇ ଭଳି ମେଟ୍ରୋ ସହରଗୁଡ଼ିକରେ ଏହାର ପ୍ରଭାବ ପଡ଼ିସାରିଲାଣି ଓ ଗ୍ୟାସ କମ୍ପାନୀମାନେ ଗ୍ୟାସ ବ୍ୟବହାର କମାଇବା ପାଇଁ ଚିଠି ଲେଖୁଛନ୍ତି। ଆମର ଅଧିକାଂଶ ହୋଟେଲରେ ମାତ୍ର ୭ରୁ ୮ ଦିନ ପାଇଁ ଗ୍ୟାସ ମହଜୁଦ ଅଛି ଓ ଯଦି ସମସ୍ୟାର ସମାଧାନ ନହୁଏ, ତେବେ ସରକାର କୋଇଲା ବା ଚାରକୋଲ ବ୍ୟବହାର ପାଇଁ ଅନୁମତି ଦେବା ଉଚିତ୍ ବୋଲି ସେ ଦାବି କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଗ୍ୟାସ ସଙ୍କଟ ହେଲେ ହୋଟେଲ ଶିଳ୍ପ ପ୍ରଭାବିତ ହେଲେ ପର୍ଯ୍ୟଟନ କ୍ଷେତ୍ର ମଧ୍ୟ ବାଧାପ୍ରାପ୍ତ ହେବ। ଓଡ଼ିଶାର ହୋଟେଲ ଇଣ୍ଡଷ୍ଟ୍ରିରେ କାର୍ଯ୍ୟରତ ୫୦ ହଜାର କର୍ମଚାରୀଙ୍କ ଛୁଟି ହୋଇଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

କାହା କଥାରେ ଯଦି କୌଣସି ଭୁଲ୍ କିମ୍ବା ଠିକ୍ ହୋଇଯାଉଥାନ୍ତା, ତେବେ ଦୁନିଆ ସ୍ୱର୍ଗ ପାଲଟି ଯାଇଥାନ୍ତା ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୬ ମାର୍ଚ୍ଚ - ୨୨ ମାର୍ଚ୍ଚ, ୨୦୨୬

# କେତେ ନୀତି, କେତେ ଅନୀତି



ସମ୍ପାଦକୀୟ
ତାରକ ମହାନ୍ତି

ଋଷ-ୟୁକ୍ରେନ ଯୁଦ୍ଧର ଅବସାନ ଘଟି ନଥିଲା ବେଳେ ବିଶ୍ୱ ପୁଣି ଏକ ବିଶ୍ୱଯୁଦ୍ଧ ଦେଖୁଛି । ଏହାର ପରିଣତି କଣ ଘଟିବ ତାହା ଏବେଠାରୁ ଆକଳନ କରିବା ମୁସ୍କିଲ । କାରଣ ଇସ୍ରାଏଲ ଓ ଆମେରିକା ମିଳିତ ଭାବେ ଇରାନ ସହିତ ଯୁଦ୍ଧ ଲଢୁଛନ୍ତି । ଏଥିରେ ଉଭୟ ପକ୍ଷର ବ୍ୟାପକ କ୍ଷୟ କ୍ଷତି ଘଟିଚାଲିଛି । ବିଶ୍ୱରେ ନୂଆ ସଙ୍କଟ ଭାବେ ତୈଳ ସଙ୍କଟ ଆଗକୁ ଭୀଷଣ ଦେଖାଦେବ ବୋଲି ଏବେଠୁ ଜଳଜଳ ଦିଶିଯାଉଛି । ଘରୋଇ ଗ୍ୟାସ ଆମଦାନୀ କମିଯିବାରୁ ବର୍ତ୍ତମାନ ଦେଶରେ ଏହାର ପ୍ରଭାବ ଦେଖାଦେଇଛି । ଯୁଦ୍ଧ ବନ୍ଦ ନହେଲେ ଏହା ଏକ ବଡ଼ ସଙ୍କଟ ଭାବେ ଦେଶବାସୀଙ୍କୁ ଚିନ୍ତାରେ ପକାଇଲାଣି । ଯେଉଁ ଜଳପଥ ଦେଇ ତୈଳ ଗ୍ୟାସ ଭାରତ ଓ ଅନେକ ଦେଶକୁ ଯାଏ ସେଠାରେ ଏବେ ବିସ୍ଫୋଟକ ବିଛାଇଛି ଇରାନ । ଯାହାଫଳରେ ଇରାନ ଓ କତାରରେ ଫସିଥିବା ମାଲବାହୀ ଜାହାଜ ଗୁଡିକ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ହେଲେ ଚୀନ ଦେଶ ଇରାନରୁ ତୈଳ ଆଣିବାରେ କୌଣସି ସମସ୍ୟା ହେଉନାହିଁ । ଏଭଳି ପରିସ୍ଥିତିରେ ଭାରତ ଏହି ସମସ୍ୟାର କିଭଳି ସମାଧାନ କରିବ ତାହା ଦେଶବାସୀଙ୍କ ପାଇଁ ଏବେ ବଡ଼ ଚିନ୍ତାର ବିଷୟ । ଯୁଦ୍ଧ ବନ୍ଦ ପାଇଁ ଇରାନ ଆମେରିକା ନିକଟରେ ଯେଉଁ ସର୍ତ୍ତ ରଖିଛି ତାହା ସାଙ୍ଘାତିକ । ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଯୋଗୁଁ ବିଶ୍ୱ ତୈଳ ବଜାର ବିପର୍ଯ୍ୟସ୍ତ ହୋଇପଡିଛି । ଇରାନରେ ଶାସନ କ୍ଷମତା ପରିବର୍ତ୍ତନ ଲାଗି ଆମେରିକା ଇସ୍ରାଏଲ କରିଥିବା ଯୋଜନାକୁ ଶକ୍ତ ଧକ୍କା ଲାଗିଛି । ଆମେରିକା ଆଶା କରିଥିଲା ଯେ ଖେମିନିଙ୍କ ମୃତ୍ୟୁ ପରେ ଜନତା ରାସ୍ତାକୁ ଓହ୍ଲାଇବେ ଏବଂ ସମଗ୍ର ବ୍ୟବସ୍ଥାକୁ ନିଜ ହାତକୁ ନେବେ । କିନ୍ତୁ ଦେଖାଯାଉଛି ନୂତନ ନେତୃତ୍ୱ ତଥା ଖେମିନିଙ୍କ ପୁତ୍ର ମୋଜତବା ଖେମିନିଙ୍କ ଉପରେ ଜନତାଙ୍କ ଭରସା ଅତୁଟ ରହିଛି । ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ବାରମ୍ବାର ଇରାନୀ ଲୋକଙ୍କୁ ଆହ୍ୱାନ ଦେଇଥିଲେ ମଧ୍ୟ ଇରାନବାସୀ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଅନ୍ୟପଟେ ଯୁଦ୍ଧ ଯୋଗୁଁ ବିଶ୍ୱର ଅନେକ ରାଷ୍ଟ୍ରରେ ଅତି ଜଟିଳ ସ୍ଥିତି ଉପୁଜିଛି । ଇସ୍ରାଏଲର ଲକ୍ଷ୍ୟ ଯାହା ଥିଲା ନାଟାଞ୍ଜ ପରମାଣୁ କେନ୍ଦ୍ର, ଯେଉଁଠାରେ ଭୂତଳ ସମୃଦ୍ଧିକରଣ କକ୍ଷ, ବୈଦ୍ୟୁତିକ ପ୍ରଣାଳୀ ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ବ୍ୟାପକ କ୍ଷୟକ୍ଷତି ଘଟିଛି । ଇରାନ ସରକାରଙ୍କ ପରମାଣୁ ଅସ୍ତ୍ର ନିର୍ମାଣ ପ୍ରକ୍ରିୟାକୁ ରୋକିବା ପାଇଁ ଏହି ଅତି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ସଫଳତାର ସହ ନଷ୍ଟ କରାଯାଇଥିବା ନେଇ ଇସ୍ରାଏଲ ପ୍ରତିରକ୍ଷା ବାହିନୀ ଦାବି କରିଛି । ସଦ୍ୟତମ ରିପୋର୍ଟ ଅନୁଯାୟୀ ପଶ୍ଚିମ ଏସିଆରେ ଲାଗି ରହିଥିବା ଯୁଦ୍ଧ ଏବେ ଅତି ଭୟଙ୍କର ସ୍ଥିତିରେ ପହଁଚିଛି । ହର୍ମୁଜରେ ମାଇନ ବିଛାଇବା, ଡ୍ରୋନ ବୋଟ ଆକ୍ରମଣ ମାଧ୍ୟମରେ ଇରାନ ବିଶ୍ୱ ଶକ୍ତିଗୁଡିକୁ ଚାପରେ ରଖିଛି । ଅନ୍ୟପକ୍ଷରେ ଆମେରିକା ଓ ଇସ୍ରାଏଲ ଇରାନର ସାମରିକ ଏବଂ ପରମାଣୁ ସ୍ଥଳଗୁଡିକୁ ନିରନ୍ତର ବୋମାବର୍ଷଣ ଜାରି ରଖିଛନ୍ତି । ଫଳରେ ଯୁଦ୍ଧ ପରିସମାପ୍ତି ହେବାର ଆଶା ଦେଖାଯାଉନାହିଁ । ହର୍ମୁଜ ପ୍ରଣାଳୀରେ ଗତ ବୁଧବାର ଓ ଗୁରୁବାର ଆକ୍ରମଣରେ ୬ଟି ଜାହାଜ ଜଳିଯାଇଥିଲା । ଆକ୍ରମଣ ଯୋଗୁଁ ଇରାନ ତୈଳ ବନ୍ଦର ବନ୍ଦ ରହିଛି । ଅନ୍ୟପଟେ ଆମେରିକା ରାଷ୍ଟ୍ରପତି କହିଛନ୍ତି, ଇରାନର ନୌବାହିନୀ, ବାୟୁସେନା, ରାଡାର ଓ ନେତୃତ୍ୱ ଧ୍ୱଂସ ହୋଇଗଲାଣି । ଇସ୍ରାଏଲ ପ୍ରତିରକ୍ଷା ବିଭାଗ ଦାବି ଅନୁଯାୟୀ ଏହି ସାଙ୍ଘାତିକ ଆକ୍ରମଣରେ ୬ ଜଣ ଇରାନୀ ବୈଜ୍ଞାନିକ ପ୍ରାଣ ହରାଇଛନ୍ତି, ଯେଉଁଥିରେ ବରିଷ୍ଠ ବୈଜ୍ଞାନିକ ତଥା ଇରାନ ପରମାଣୁ ସଂସ୍ଥା ଉପାଧ୍ୟକ୍ଷ ଅମୀର ହୋସେନ ଏବଂ ପୂର୍ବତନ ପରମାଣୁ ଇଞ୍ଜିନିୟରିଙ୍ଗ ଡିନ ଅବଦୁଲ୍ଲା ହାମିଦଙ୍କ ଭଳି ଦୁଇଜଣ ଉଚ୍ଚପଦସ୍ଥ ବିଶେଷଜ୍ଞ ସାମିଲ ଅଛନ୍ତି । ଅପରେସନ 'ଏପିକ୍ ଫ୍ୟୁରି'ରେ ଇରାନ ଓ ଇସ୍ରାଏଲ ପରସ୍ପର ଉପରେ ଭୀଷଣ ଆକ୍ରମଣ କରିଛନ୍ତି । ଇରାନର ପରମାଣୁ ଭିତ୍ତିଭୂମିକୁ ଧ୍ୱଂସ ପାଇଁ ଇସ୍ରାଏଲ ଶତାଧିକ ଯୁଦ୍ଧ ବିମାନ ବ୍ୟବହାର କରି ଭୟାନକ ଆକ୍ରମଣ କରିଛି । ନାଟାଞ୍ଜ ଏବଂ ଫୋର୍ଡୋର ସୁରକ୍ଷିତ ପରମାଣୁ କେନ୍ଦ୍ର ଗୁଡିକୁ ଟାର୍ଗେଟ କରି ବଡଧରଣର ବଙ୍କର-ବଷ୍ଟର ବୋମାମାଡ କରାଯାଉଛି । ଏହାର ଜବାବରେ ଇସ୍ରାଏଲ ଉପରେ ଇରାନ ଭୀଷଣ ଆକ୍ରମଣ କରୁଛି । ତେଲ୍ ଅଲିଭ୍ ଉପରେ ଶତାଧିକ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ମାଡ କରାଯାଇଛି । ଆଗକୁ ବିଶ୍ୱରେ କୌଣସି ଏକ ଦେଶ ଲୋପ ପାଇବାର ଆଶଙ୍କା ଦେଖାଦେଇଛି ।

# ଭକ୍ତି କେମିତି ପ୍ରାପ୍ତ କରାଯାଇ ପାରିବ !



ମନୋଜ କୁମାର ବେହେରା

ଭୋକ ଆଉ ସ୍ୱାଦ ଦୁହେଁ ଏକା ସାଙ୍ଗରେ ଚାଲିଥାନ୍ତି । ଶ୍ରମ ଏମାନଙ୍କର ସମ୍ବନ୍ଧକୁ ଯୋଡିଥାଏ । ଯେଉଁଠି ଭୋକ ନଥିବ ଆଉ କେବଳ ଲାଳସା ଥିବ ସେଠାରେ ଶ୍ରମ ଶୋଷିତ ହୋଇଥାଏ । ଭୋକ,ସ୍ୱାଦ ଆଉ ଶ୍ରମ ଗୋଟିଏ ପରିବାର ଅଟେ ।ଉଚିତ୍ ମଜୁରୀ ବିନା ପରିବାର ଭାଙ୍ଗି ଯାଇଥାଏ । ଏଠାରେ ସନ୍ଥ କୁହନ୍ତି ଗତିର ପାଇଁ 'ଚରଣ' ଆଉ ପ୍ରଗତିର ପାଇଁ 'ଆଚରଣ' ବହୁତ ଜରୁରୀ ଅଟେ । ଆଉ ଭକ୍ତି ପାଇଁ ମନକୁ ଦୃଢ କରିବା ଉଚିତ୍ । ନିୟମିତ ପୂଜା ଆଉ ସାଧନା । ଇଶ୍ୱରଙ୍କ ପୂଜା ଆଉ ସାଧନା କରିଲେ ଭକ୍ତିର ଭାବନା ଦୃଢ ହୋଇଥାଏ । ନିୟମିତ ରୂପରେ ପୂଜା-ପାଠ ଆଉ ସାଧନା କରିଲେ ମନ ଶାନ୍ତ ହୋଇଥାଏ ଆଉ ଶକ୍ତିର ପ୍ରାପ୍ତି ହୋଇଥାଏ । ଧ୍ୟାନ ଆଉ ଆତ୍ମବିଚାର ଦ୍ୱାରା ନିଜର ମନକୁ ଶାନ୍ତ କରିକି ଇଶ୍ୱରଙ୍କ ସହିତ ଯୋଡି ହେବାର ପ୍ରୟାସ କରିଲେ ଭକ୍ତିର ଭାବନା ଜାଗୃତ ହୋଇଥାଏ । ଆତ୍ମ-ବିଚାର ଆଉ ଆତ୍ମ-ଜ୍ଞାନ ମଧ୍ୟ ଭକ୍ତିକୁ ବଢିବାକୁ ଦେଇଥାଏ । ସନ୍ଥ ଆଉ ଗୁରୁଙ୍କ ଶିକ୍ଷା ଆଉ ତାଙ୍କ ଦ୍ୱାରା ବତା ଯାଇଥିବା ମାର୍ଗ ଉପରେ ଚାଲିଲେ ଭକ୍ତିର ପ୍ରାପ୍ତି ହୋଇଥାଏ । ତାଙ୍କର ଶିକ୍ଷା ଆମକୁ ଇଶ୍ୱରଙ୍କ ସହିତ ଯୋଡି ହେବାର ସଠିକ୍ ପ୍ରଣାଳୀ ଶିଖେଇ ଥାଏ । ଭଜନ ଆଉ କୀର୍ତ୍ତନ କରିଲେ ଶକ୍ତିର ଭାବନା ଜାଗୃତ ହୋଇଥାଏ । ଇଶ୍ୱରଙ୍କ ସ୍ତୁତି କରିଲେ ମନରେ ଭକ୍ତିର ଭାବନା ଉତ୍ପନ୍ନ ହୋଇଥାଏ । ସେବା ଆଉ ପରୋପକାର କରିଲେ ମଧ୍ୟ ଭକ୍ତିର ପ୍ରାପ୍ତି ହୋଇଥାଏ । ଯେତେବେଳେ ଆମେ କାହାକୁ ସାହାଯ୍ୟ କରିଥାନ୍ତି,ଆଉ ଆମେ ଇଶ୍ୱରଙ୍କ ସହିତ ଯୋଡି ହୋଇଥାଉ । ଗୁରୁ ମନ୍ତ୍ର ଆଉ ଇଶ୍ୱରଙ୍କ ନାମର ଜପ କରିଲେ ମଧ୍ୟ ଭକ୍ତିର ଭାବନା ବଢିଥାଏ । ନିୟମିତ ଜପ କରିଲେ ମନ ଶାନ୍ତ ହୋଇଥାଏ ଆଉ ଭକ୍ତିର ପ୍ରାପ୍ତି ହୋଇଥାଏ । ଭକ୍ତିର ପ୍ରାପ୍ତି ପାଇଁ ସବୁଠୁ ମହତ୍ୱପୂର୍ଣ୍ଣ କଥା ଏହା କି ଆପଣ ନିଜର ମନକୁ ଶୁଦ୍ଧ ରଖନ୍ତୁ ଆଉ ଇଶ୍ୱରଙ୍କ ସହିତ ଯୋଡି ହେବାର ପ୍ରୟାସ କରନ୍ତୁ । କାହିଁକି ମନ ବହୁତ ଚଞ୍ଚଳ ଅଟେ ଏହାକୁ ବଶ କରିବା ବହୁତ କଷ୍ଟ ଅଟେ ।

*ଫ୍ଲାଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍, ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨*
*ଦୂରଭାଷ : ୭୯୭୮୮୩୦୬୧୧*

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଜାତୀୟ ଲୋକ ଅଦାଲତ ବନାମ ଲୋକ ଭାଷା



ଗଜାନନ ମିଶ୍ର

ଭାରତ ସ୍ୱାଧୀନ ହେବାର ଅଣାଅଶୀ ବର୍ଷ ହୋଇଗଲା । ସ୍ୱାଧୀନତା ଘୋଷିତ ହେବା ପରେ ପରେ ମହାତ୍ମାଗାନ୍ଧିଙ୍କ ପାଟିରୁ ବାହାରିଥିଲା, ଯେଉଁଦିନ ଇଂରେଜି ଭାଷା ବ୍ୟବହାର ହେବ ନାହିଁ, ଜାଣିବ ସେହିଦିନ ହିଁ ଆମେ ସ୍ୱାଧୀନ । ହିନ୍ଦୁସ୍ଥାନର ଭାଷାରେ ସବୁ କାର୍ଯ୍ୟ ନ ଚାଲିଲେ କହି ହେବ ନାହିଁ ଆମେ ସ୍ୱାଧୀନ ହେଲେ । ସମ୍ବିଧାନର ଲାଗୁ ହେବାର ଛଅସ୍ତରୀ ବର୍ଷ ବିତିଗଲାଣି । ସମ୍ବିଧାନର ଅଷ୍ଟମ ସୂଚୀରେ ଇଂରେଜି ସମେତ କୌଣସି ବିଦେଶୀ ଭାଷା ସ୍ଥାନୀତ ହୋଇ ନାହିଁ । ସମ୍ବିଧାନର ଯୋଉ ଧାରାରେ ଉଚ୍ଚତମ ଓ ଉଚ୍ଚନ୍ୟାୟାଳୟର ଭାଷା ଇଂରେଜି ବୋଲି କୁହାଯାଇଛି ତାହା କ୍ଷଣସ୍ଥାୟୀ ବା ସାମୟିକ ଥିଲେ ବି ଏ ଯାଏ ରହିଛି । ଭାରତର ମହାମହିମ ରାଷ୍ଟ୍ରପତି ଚାହିଁଲେ ବା ଅନୁମତି ଦେଲେ ହିନ୍ଦୀରେ ଓ ରାଜ୍ୟପାଳଙ୍କ ଅନୁମତିକ୍ରମେ ରାଜ୍ୟ ଭାଷାରେ କାର୍ଯ୍ୟ ଧାରା ଚାଲିବ ସ୍ପଷ୍ଟ ଥିଲେ ବି ଏ ଯାଏ ହୋଇ ନାହିଁ । ଭାରତୀୟଙ୍କ ଭାଷା କଣ ନ୍ୟାୟାଳୟ ପାଇଁ ଉପଯୁକ୍ତ ନୁହେଁ ? ନା ଭାରତର ଲୋକେ ନ୍ୟାୟିକ ପ୍ରକ୍ରିୟାର ସବୁ ବିଷୟ ଜାଣିଯିବେ ଭାବି ଆମେ ଆମ ଲୋକଙ୍କ ଭାଷା ବ୍ୟବହାର କରିବା ଚାହୁଁ ନାହୁଁ ! ଏଣେ ଜାକଜମକ ସହକାରେ ପାଳନ କରୁଛୁଁ ରାଷ୍ଟ୍ରୀୟ ଲୋକ ଅଦାଲତ, ଭାଷା କିନ୍ତୁ ବିଦେଶୀଙ୍କର । ଇଏ କେମିତି ହେଲା ରାଷ୍ଟ୍ରୀୟ, ବୁଝି ହେଉ ନାହିଁ ।

କହିଲେ କହିବେ ବହୁତ କହୁଛି ଅଦାଲତ ଉପରେ । ରହ, ସୁଯୋଗ ଦେଖି ଅଦାଲତ ଅବମାନନାର କେସ କରିଦେବା ! କହିବାରେ ଦ୍ୱିଧା ନାହିଁ ମାନ୍ୟବର ଉଚ୍ଚତମ ନ୍ୟାୟାଳୟର ଆଦେଶ ବଳରେ ଅଷ୍ଟମ ଶ୍ରେଣୀ ପାଠ୍ୟ ପୁସ୍ତକରୁ ' ଅଦାଲତରେ ଦୁର୍ନୀତି' ଜବ୍ତ କରାଯାଇ ହଟାଇ ଦିଆଗଲା । ବେଠିକ୍ ହେଲା କହିବାର ଦୁଃସାହସ ନାହିଁ । ଏତିକି କିନ୍ତୁ ଅନୁଭୂତିରୁ କହି ପାରିବୁ ଯେ ବିଦେଶୀ ଭାଷା ପ୍ରୟୋଗ ଦ୍ୱାରା ଭାରତର ଲୋକେ ଅନ୍ଧାରରେ ରହିଯାଉଛନ୍ତି । ଘରକୁ ଘର ନ୍ୟାୟର ଡାକରା ବିଫଳ ହୋଇ ସାରିଛି । ଲୋକ ଅଦାଲତର ଅର୍ଥ ରହି ପାରି ନାହିଁ । ଲୋକଙ୍କଠୁ ଅଦାଲତ ଦୂରେଇ ଦୂରେଇ ଚାଲିଛି । 'ଆମେ, ଭାରତର ଲୋକ' ଭାରତର ସାର୍ବଭୌମ କ୍ଷମତାର ଅଧିକାରୀ । କିନ୍ତୁ ବାସ୍ତବ କ୍ଷେତ୍ରରେ ଏହା ସତ କି ? ବିଚାର ବିଭାଗ ମୌନ କାହିଁକି ? ଲୋକତନ୍ତ୍ରରେ ଲୋକ ପ୍ରତିନିଧିଗଣଙ୍କ ସ୍ୱର ଶୁଭୁ ନାହିଁ । ଭାଷା ହେଉଛି ରାଷ୍ଟ୍ରର ଆତ୍ମା । ଏହି ଆତ୍ମାକୁ କଷ୍ଟ ଦିଆଯାଉଛି, ଅବହେଳା କରାଯାଉଛି, ବ୍ୟବହାର ନ ହେବା ଯୋଗୁଁ ଭାଷା ମରି ମରି ଯାଉଛି । ଅଧିକନ୍ତୁ, ବିଦେଶୀ ଭାଷାରେ ସବୁ କାମ ତଥା ଆଦେଶ/ରାୟ ଆଦି ଆଦି ଦିଆଯିବା ଦ୍ୱାରା ଆମ ଦେଶର ସବୁ କଥା ବିଦେଶୀଗଣ ସବୁ ଜାଣିଯାଉଛନ୍ତି ସହଜରେ ଆଜିକାର ଡିଜିଟାଲ ଯୁଗରେ । ଗୁପ୍ତତଥ୍ୟ ଗୁଡ଼ିକ ବାହାରକୁ ଗଲେ ବହୁତ କ୍ଷତି ଆମର ହିଁ । ଆମେ ଏ ଯାଏ ବୁଝି ପାରୁ ନୁ କେମିତି !

ବର୍ତ୍ତମାନ ଆମର ଭାରତ ବିକଶିତ ବୋଲି କହୁଛୁଁ, କିନ୍ତୁ ଭାବି ପାରୁ ନୁ ଯେ ଆମ ଭାଷା ବ୍ୟବହାର କରିବାକୁ ଆମେ ମଙ୍ଗୁନୁ ବା ଆମ ଭାରତର ଭାଷା ବିକଶିତ ହୋଇ ନି ! ଏଇଥିପାଇଁ ତ ମିଶାମିଶି ଉପନିବେଶବାଦୀ ଭାଷା ବ୍ୟବହାର କରିଚାଲିଛୁଁ ! ଦିନକୁ ଦିନ ଏ ସମସ୍ୟାର ସମାଧାନ ହେବ କଣ, ଆହୁରି ଆହୁରି ବ୍ୟାପକ ଭାବରେ ବ୍ୟବହାର ହୋଇ ଚାଲିଛି । ଏତେସବୁ କହିବାରେ ଲେଖିବାରେ କିଛି ଅର୍ଥ ନାହିଁ ବା ଟିକିଏ ବି ପ୍ରଭାବ ପଡୁଥିବାର ପରିଲକ୍ଷିତ ହେଉ ନାହିଁ ।

ଆପଣା ଘରେ ଆମେ ଆମର ଶତ୍ରୁ । ଏ ଦୁଃଖ ଏ ବ୍ୟଥା ଅସରନ୍ତି । ଅଦାଲତର ଭାଷା ତ ଅଲଗା, ସେ ବା' ଶୁଣିବ, ପଢିବ କି ବୁଝିବ କେମିତି ? ଲୋକ ଅଦାଲତ କଣ ଏକ ଭେଳିକି ?

ଆମର ଜୀବନଧାରାରେ ସମୀକରଣ କାହିଁ ? ଯିଏ ଇଂରେଜି ଟିକିଏ ପଢି ଲେଖି କହି ପାରିଲା ସାଧାରଣ ଲୋକଠୁ ସେ ଉପରକୁ ଉଠିଗଲା ବୋଲି ଭାବିଲା । ନିଜ ବାପା ମାଆ ବି ତାକୁ ଗନ୍ଧେଇଲେ, ଗାଁ ଲୋକ, ରାଜ୍ୟ ବା ଦେଶର ଲୋକଙ୍କୁ କିଏ ପଚାରେ ! ଅଫିସର, ଅମଲା, ବିଚାରପତି ସବୁ ଗୋଟିଏ ଲାଉର ମଂଜି । ଲାଉ ହେଉଛି ଇଂରେଜି ପାଠ । ଇଂରେଜି ଯୋଉଠି, ସେଇଠି ଭାରତୀୟଗଣ କେବେ ମାନ ଇଜ୍ଜତ ପାଇଛନ୍ତି ନା ପାଇବାର ସମ୍ଭାବନା ଅଛି ! କଥାରେ ବଡ ବଡ ଭାଷଣରେ ସମସ୍ତେ ପାରଙ୍ଗମ, କାର୍ଯ୍ୟ କ୍ଷେତ୍ରରେ ଶୂନ । ହାତ ଅଳସେ ନିଶ ବଙ୍କା ନ୍ୟାୟରେ ମନ ବା ଇଚ୍ଛାଶକ୍ତିର ଅଭାବରେ ମଣିଷ ଅଧୋଗତି ପ୍ରାପ୍ତ ହୁଏ । ମା ମାଟି ମାତୃଭାଷାକୁ ଉଚିତ ସମ୍ମାନ ନ ଦିଆଗଲେ ସର୍ବନାଶ ହେବାକୁ ବେଳ ଲାଗେ ନା । ବିଜ୍ଞ ବିଚାରପତିଏ ନ ବୁଝୁଛନ୍ତି ନୁହଁ ! ଅହଂଟା ଖାଇଦେଉଛି ସବୁ । ଆଶ୍ଚର୍ଯ୍ୟ ଲାଗୁଛି ଯେ ଯାହାର ଖାଉଛୁଁ ତା ପାଖରେ ଫୁଟାଣି କରୁଛୁଁ ! ଯାହାର ଖାଇ ତାହାର ଗାଇ ହେଲେ କଥା ବଢନ୍ତା ନାହିଁ । ନା, ସେପରି ହେଉ ନି ଜମାରୁ । ଦବେଇ, ଧମକେଇ, ଦୋଷଦେଇ, ଦଣ୍ଡଶୁଣାଇ କେହି କେବେ କାହାଠୁ ସମ୍ମାନ ହାସଲ କରି ପାରି ନାହିଁ । ଲୋକଙ୍କୁ ସମ୍ମାନ ଦେଲେ, ସତକୁ ବାହାର କରି ସ୍ୱୀକାର କଲେ, ନ୍ୟାୟର ମର୍ଯ୍ୟାଦା ବୃଦ୍ଧି ପାଏ । ଏଥିପାଇଁ ସମସ୍ତେ ସତର୍କ ରହିବାକୁ ହେବ ।

*ତପୋବନ, ଟିଟିଲାଗଡ, ବଲାଙ୍ଗିର*
*ଦୂରଭାଷ : ୯୪୩୭୩୬୬୬୪୪*

# ଇରାନ ଯୁଦ୍ଧ ଟ୍ରମ୍ପଙ୍କ ପାଇଁ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ !



ଅସିତ ମହାନ୍ତି

ଇରାନ ଉପରେ ଆମେରିକା-ଇସ୍ରାଏଲ ମିଳିତ ଆକ୍ରମଣକୁ ଏକ ବେପରୁଆ ଜୁଆ ଭାବରେ ବ୍ୟାପକ ଭାବରେ ସମାଲୋଚନା କରାଯାଇଛି ଯାହା ମଧ୍ୟପ୍ରାଚ୍ୟକୁ ଅସ୍ଥିର କରିଛି, ଇରାନର ସର୍ବୋଚ୍ଚ ନେତା ଆୟତୋଲ୍ଲା ଅଲି ଖାମେନିଙ୍କୁ ହତ୍ୟା କରିଛି ଏବଂ ସମଗ୍ର ଅଞ୍ଚଳରେ ଇରାନର ତୁରନ୍ତ ପ୍ରତିଶୋଧକୁ ଆରମ୍ଭ କରିଛି । ବିଶ୍ଳେଷକମାନେ ଯୁକ୍ତି ଦିଅନ୍ତି ଯେ ଏହି ନିଷ୍ପତ୍ତି ରଣନୈତିକ ଭାବରେ ତ୍ରୁଟିପୂର୍ଣ୍ଣ ଥିଲା, କାରଣ ଏହା ଏକ ଦୀର୍ଘକାଳୀନ ଆଞ୍ଚଳିକ ଯୁଦ୍ଧର ବିପଦ ସୃଷ୍ଟି କରୁଛି, ଆମେରିକାର ବିଶ୍ୱସନୀୟତାକୁ ଦୁର୍ବଳ କରେ ଏବଂ ଇରାନର ପ୍ରତିରୋଧର ବର୍ଣ୍ଣନାକୁ ମଜବୁତ କରେ ।

ୱାଶିଂଟନ ଏବଂ ତେଲ ଅଭିଭର ଦ୍ୱାରା ଇରାନ ବିରୁଦ୍ଧରେ ସମନ୍ୱିତ ଆକ୍ରମଣ ଆରମ୍ଭ କରିବାର ନିଷ୍ପତ୍ତିକୁ ତେହେରାନର ପରମାଣୁ ଏବଂ ସାମରିକ କ୍ଷମତାକୁ ନିରପେକ୍ଷ କରିବା ପାଇଁ ଏକ ନିର୍ଣ୍ଣାୟକ ପଦକ୍ଷେପ ଭାବରେ ପ୍ରସ୍ତୁତ କରାଯାଇଥିଲା । ୨୮ ଫେବୃଆରୀ, ୨୦୨୬ ରେ, ଆମେରିକାର ବିମାନ ବାହକ ଗୋଷ୍ଠୀ ଏବଂ ଇସ୍ରାଏଲୀ ବାୟୁ ଶକ୍ତି ତେହେରାନ ଏବଂ ଅନ୍ୟାନ୍ୟ ପ୍ରମୁଖ ସହର ଉପରେ ଆକ୍ରମଣ କରିଥିଲା, କମାଣ୍ଡ ସେଣ୍ଟରଗୁଡ଼ିକୁ ନଷ୍ଟ କରି ଦେଇଥିଲା ଏବଂ ଖାମେନିଙ୍କ ସହିତ ବରିଷ୍ଠ ଧର୍ମଗୁରୁଙ୍କୁ ହତ୍ୟା କରିଥିଲା । ଏହା ଏକ ସୀମିତ ଆକ୍ରମଣ ନଥିଲା ବରଂ ଶାସନ ଧାରାକୁ ସମ୍ପୂର୍ଣ୍ଣ ଭାବରେ ନଷ୍ଟ କରିବାର ପ୍ରୟାସ ଥିଲା । ଏହାର ତୁରନ୍ତ ପରିଣାମ ସ୍ୱରୂପ ଇରାନୀ ପ୍ରତିଶୋଧ ଥିଲା: ମିସାଇଲ ଏବଂ ଡ୍ରୋନ ଇସ୍ରାଏଲ, ଉପସାଗରରେ ଥିବା ଆମେରିକୀୟ ଘାଟି ଏବଂ ଏପରିକି ବେସାମରିକ ଭିତ୍ତିଭୂମିକୁ ଟାର୍ଗେଟ କରିଥିଲା । ଏହି ଆକ୍ରମଣ ଇସ୍ରାଏଲରେ କ୍ଷତି ଘଟାଇଥିଲା ଏବଂ ସମଗ୍ର ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇବାର ଭୟକୁ ବୃଦ୍ଧି କରିଥିଲା ।

ରଣନୈତିକ ଦୃଷ୍ଟିକୋଣରୁ, ଏହି ଆକ୍ରମଣ ଗଭୀର ସମସ୍ୟାପୂର୍ଣ୍ଣ ଥିଲା । ପ୍ରଥମତଃ, ଏହା ଇରାନର ସ୍ଥିରତାକୁ ଅଣଦେଖା କରିଥିଲା । ଭେନେଜୁଏଲା ପରି, ଯାହା ଆର୍ଥିକ ପତନ ଏବଂ ସୀମିତ ସାମରିକ ପହଞ୍ଚିବାର ସମ୍ମୁଖୀନ ହୋଇଛି, ଇରାନ ପାଖରେ ଏକ ଅତ୍ୟାଧୁନିକ କ୍ଷେପଣାସ୍ତ୍ର ଅସ୍ତ୍ରାଗାର, ଆଞ୍ଚଳିକ ପ୍ରକ୍ସି ନେଟୱାର୍କ ଏବଂ ଦଶନ୍ଧି ଧରି କଟକଣା ଏବଂ ମୁକାବିଲା ଦ୍ୱାରା କଠିନ ଜନସଂଖ୍ୟା ଅଛି । ଏହାର ସର୍ବୋଚ୍ଚ ନେତାଙ୍କୁ ହରାଇବା ପରେ ଇରାନ ଶୀଘ୍ର ପତନ ହେବ ବୋଲି ଧାରଣା ଇସଲାମିକ୍ ଗଣରାଜ୍ୟର ସାଂଗଠନିକ ଗଭୀରତାକୁ ଅଣଦେଖା କରିଥିଲା । ବିପ୍ଳବୀ ଗାର୍ଡ, ଧର୍ମଗୁରୁ ପ୍ରତିଷ୍ଠାନ ଏବଂ ଆଞ୍ଚଳିକ ମିଲିସିଆ ନିଶ୍ଚିତ କରିଥିଲେ ଯେ ଇରାନ ପ୍ରାୟ ତୁରନ୍ତ ଆକ୍ରମଣ କରିପାରିବ । ଦ୍ୱିତୀୟତଃ, ଏହି ଆକ୍ରମଣ ବ୍ୟାପକ ମଧ୍ୟପ୍ରାଚ୍ୟକୁ ଅସ୍ଥିର କରିଛି । ସିଏସ୍ଆଇଏସ୍ (କାନାଡିଆନ ସିକ୍ୟୁରିଟ୍ ଇଣ୍ଟେଲିଜେନ୍ସ ସର୍ଭିସ୍)ର ବିଶ୍ଳେଷକମାନେ ଉଲ୍ଲେଖ କରିଛନ୍ତି ଯେ ଇରାନର ପ୍ରତିଶୋଧମୂଳକ ଆକ୍ରମଣ ଇସ୍ରାଏଲ ବାହାରେ ବିସ୍ତାରିତ ହୋଇଥିଲା, ଗଲ୍ଫ ସହଯୋଗ ପରିଷଦ ରାଜ୍ୟଗୁଡ଼ିକରେ ଥିବା ଆମେରିକୀୟ ପ୍ରତିଷ୍ଠାନଗୁଡ଼ିକୁ ପ୍ରଭାବିତ କରିଥିଲା, ଯାହା ଫଳରେ ନିରପେକ୍ଷ ଆରବ ଦେଶଗୁଡ଼ିକୁ ସଂଘର୍ଷରେ ଟାଣି ନେଇଥିଲା । ଏହା ଯୁଦ୍ଧର ପରିସରକୁ ବିସ୍ତାର କରିଥିଲା ଏବଂ ଋଷ ଏବଂ ଚୀନକୁ ଟାଣିବାର ଆଶଙ୍କା ସୃଷ୍ଟି କରିଥିଲା, ଯେଉଁମାନେ ଉଭୟ ତେହେରାନ ସହିତ ସମ୍ପର୍କ ସ୍ଥାପନ କରିଛନ୍ତି । ଏହି ଆକ୍ରମଣ ମଧ୍ୟ ତୈଳ ମୂଲ୍ୟକୁ ନାଟକୀୟ ଭାବରେ ବୃଦ୍ଧି କରିଛି, ଯାହା ବିଶ୍ୱ ଆର୍ଥିକ ସ୍ଥିରତାକୁ ବିପଦରେ ପକାଇଛି । ତୃତୀୟତଃ, ରାଜନୈତିକ ପରିଣାମ ଗମ୍ଭୀର । ଖାମେନିଙ୍କୁ ହତ୍ୟା କରି, ଆମେରିକା ଏବଂ ଇସ୍ରାଏଲ ଇରାନର କଠୋରପନ୍ଥୀମାନଙ୍କ ପାଇଁ ଏକ ସହିଦ ବ୍ୟକ୍ତିତ୍ୱ ସୃଷ୍ଟି କରିଥିଲେ । ଶାସନକୁ ଦୁର୍ବଳ କରିବା ପରିବର୍ତ୍ତେ, ଏହି ଆକ୍ରମଣ ଜାତୀୟତାବାଦୀ ଭାବନାକୁ ଏକୀକୃତ କରିପାରେ ଏବଂ ବିପ୍ଳବୀ ଗାର୍ଡକୁ ସଶକ୍ତ କରିପାରେ । ସାଧାରଣ ଇରାନୀମାନେ, ଯେଉଁମାନେ ପୂର୍ବରୁ ପ୍ରତିବନ୍ଧକରେ ପୀଡିତ, ଏବେ ଯୁଦ୍ଧର ଧ୍ୱଂସର ସମ୍ମୁଖୀନ ହେଉଛନ୍ତି, ଯାହା ସେମାନଙ୍କୁ ରାଜ୍ୟ ବିରୁଦ୍ଧରେ ଏକତ୍ରିତ କରିପାରେ । ବିଶେଷଜ୍ଞମାନେ ଯୁକ୍ତି ବାଢନ୍ତି ଯେ ଏହି ଆକ୍ରମଣ ସଂସ୍କାର ଏବଂ ଆଲୋଚନାର ସମ୍ଭାବନାକୁ ଦୁର୍ବଳ କରିଦେଇଛି, ଇରାନକୁ ଆହୁରି ଏକାଧିକାରୀ ସାମରିକତାରେ ଠେଲି ଦେଇଛି ।

ଅଧିକନ୍ତୁ, ଏହି ନିଷ୍ପତ୍ତି ଆମେରିକାର ବିଶ୍ୱସ୍ତରୀୟ ସ୍ଥିତିକୁ କ୍ଷତି ପହଞ୍ଚାଇଛି । ୟୁରୋପର ସହଯୋଗୀମାନେ ଏକପାଖିଆ ବୃଦ୍ଧି ଉପରେ ସତର୍କତା ପ୍ରକାଶ କରିଛନ୍ତି, ଭୟ କରିଛନ୍ତି ଯେ ୱାଶିଂଟନ ଶାସନ ପରିବର୍ତ୍ତନ ସପକ୍ଷରେ କୂଟନୀତି ପରିତ୍ୟାଗ କରିଛି । ଏହି ଆକ୍ରମଣ ଆରବ ଅଂଶୀଦାରମାନଙ୍କ ସହିତ ଆମେରିକାର ସମ୍ପର୍କକୁ ମଧ ଜଟିଳ କରିଥାଏ, ଯେଉଁମାନେ ଏବେ ଆମେରିକୀୟ ଘାଟି ଆୟୋଜନ କରିବା ପାଇଁ ଇରାନର ପ୍ରତିଶୋଧର ସମ୍ମୁଖୀନ ହେଉଛନ୍ତି । ଇସ୍ରାଏଲ, କୌଶଳଗତ ଲାଭ ହାସଲ କରିବା ସହିତ, ଏବେ ଲେବାନନ, ସିରିଆ ଏବଂ ଇରାକରେ ଇରାନର କ୍ଷେପଣାସ୍ତ୍ର ବ୍ୟାରେଜ ଏବଂ ପ୍ରକ୍ସି ମିଲିସିଆଙ୍କ ଅସ୍ତିତ୍ୱର ବିପଦର ସମ୍ମୁଖୀନ ହେଉଛି ।

ପଛକୁ ଚାହିଁଲେ, ଆକ୍ରମଣ ଏକ ଭୁଲ ଆକଳନ ଥିଲା ବୋଲି ମନେହୁଏ । ଆମେରିକା ଏବଂ ଇସ୍ରାଏଲ ଇରାନର ନେତୃତ୍ୱକୁ ଦୂର କରିବାକୁ ଏବଂ ଏହାର ସାମରିକ ଭିତ୍ତିଭୂମିକୁ ପଙ୍ଗୁ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ଏହା ବଦଳରେ ସେମାନେ ଅପ୍ରତ୍ୟାଶିତ ପରିଣାମ ସହିତ ଏକ ବ୍ୟାପକ ଯୁଦ୍ଧକୁ ଉସୁକାଇଥିଲେ । ଇରାନ ଭେନେଜୁଏଲା ନୁହେଁ; ଏହା ଗଭୀର ନେଟୱାର୍କ, ଉନ୍ନତ ଅସ୍ତ୍ରଶସ୍ତ୍ର ଏବଂ ଆଘାତକୁ ଗ୍ରହଣ କରିବାର କ୍ଷମତା ସହିତ ଏକ ଆଞ୍ଚଳିକ ଶକ୍ତି । ଏହି ଆକ୍ରମଣ ଇରାନର ପରମାଣୁ ମହତ୍ତ୍ୱାକାଂକ୍ଷାକୁ ସମାପ୍ତ କରିନାହିଁ, କିମ୍ବା ଇସ୍ରାଏଲ ପାଇଁ ଦୀର୍ଘକାଳୀନ ସୁରକ୍ଷା ସୁନିଶ୍ଚିତ କରିନାହିଁ । ବରଂ, ସେମାନେ ବୃଦ୍ଧିର ଦ୍ୱାର ଖୋଲିଛନ୍ତି, ଇରାନର କଠୋରପନ୍ଥୀମାନଙ୍କୁ ସଶକ୍ତ କରିଛନ୍ତି ଏବଂ ବିଶ୍ୱ ଅର୍ଥନୀତିକୁ ଅସ୍ଥିର କରିଛନ୍ତି । ଶେଷରେ, ଇରାନ ଉପରେ ଆକ୍ରମଣ କରିବାର ନିଷ୍ପତ୍ତି ଭୁଲ ଥିଲା କାରଣ ଏହା ଇତିହାସର ଶିକ୍ଷାକୁ ଅଣଦେଖା କରିଛି: ସାମରିକ ମୁଣ୍ଡ କାଟିବା କ୍ୱଚିତ୍ ସ୍ଥିର ଫଳାଫଳ ଆଡ଼କୁ ନେଇଥାଏ, ଏବଂ ବାହ୍ୟ ଆକ୍ରମଣ ପ୍ରାୟତଃ ସ୍ୱେଚ୍ଛାଚାରୀ ଶାସନକୁ ଦୁର୍ବଳ କରିବା ପରିବର୍ତ୍ତେ ମଜବୁତ କରିଥାଏ । ଯୁଦ୍ଧ ପୂର୍ବରୁ ଦେଖାଇସାରିଛି ଯେ ଇରାନ ପ୍ରଭାବଶାଳୀ ଭାବରେ ପ୍ରତିଶୋଧ ନେଇପାରେ, ଆଞ୍ଚଳିକ ରାଜ୍ୟଗୁଡ଼ିକ ଦୁର୍ବଳ, ଏବଂ ବିଶ୍ୱ ଶକ୍ତିଗୁଡ଼ିକ ସଂଘର୍ଷରେ ଟାଣି ହୋଇପାରନ୍ତି । ଶାନ୍ତି ସୁନିଶ୍ଚିତ କରିବାଠାରୁ ଦୂରରେ, ଆମେରିକା-ଇସ୍ରାଏଲ ଆକ୍ରମଣ ମଧ୍ୟପ୍ରାଚ୍ୟରେ ଅସ୍ଥିରତାର ଏକ ବିପଜ୍ଜନକ ନୂତନ ପର୍ଯ୍ୟାୟ ଆରମ୍ଭ କରିଛି । ଟ୍ରମ୍ପଙ୍କ ରାଜନୈତିକ ଅଶୁଦ୍ଧ ଗଣନା - ଡୋନାଲ୍ଡ ଟ୍ରମ୍ପ ୨୦୨୬ ରେ ଘରୋଇ ପ୍ରାଥମିକତା - ଯେପରିକି ମୁଦ୍ରାସ୍ଫୀତି ଏବଂ ଚାକିରି -କୁ ତାଙ୍କ କାର୍ଯ୍ୟସୂଚୀର କେନ୍ଦ୍ରରେ ରଖି ବିଦେଶରେ ଆମେରିକୀୟ ଶକ୍ତି ପୁନଃସ୍ଥାପିତ କରିବାର ପ୍ରତିଶ୍ରୁତି ସହିତ ପ୍ରବେଶ କରିଥିଲେ । ତଥାପି, ଇରାନ ବିରୁଦ୍ଧରେ ଏକ ପୂର୍ଣ୍ଣ-ସ୍ତରର ଆକ୍ରମଣରେ ଇସ୍ରାଏଲକୁ ସମର୍ଥନ କରିବାର ନିଷ୍ପତ୍ତି ରାଜନୈତିକ ବର୍ଣ୍ଣନାକୁ ବଦଳାଇ ଦେଇଛି । ଅର୍ଥନୈତିକ ପୁନରୁଦ୍ଧାର ଉପରେ ଧ୍ୟାନ ଦେବା ପରିବର୍ତ୍ତେ, ଟ୍ରମ୍ପଙ୍କୁ ଏବେ ଏକ ଯୁଦ୍ଧ ଦ୍ୱାରା ପରିଭାଷିତ କରାଯାଇଛି ଯାହା ଅନେକ ଆମେରିକୀୟ ଚାହୁଁ ନଥିଲେ ।

ଟ୍ରମ୍ପଙ୍କୁ ବରିଷ୍ଠ ହ୍ୱାଇଟ୍ ହାଉସ୍ ଅଧିକାରୀମାନେ ଅର୍ଥନୈତିକ ବାର୍ତ୍ତାକୁ ପ୍ରାଥମିକତା ଦେବାକୁ ପରାମର୍ଶ କରିଛନ୍ତି, କାରଣ ମୁଦ୍ରାସ୍ଫୀତି ଏବଂ ଜୀବନଯାପନ ଖର୍ଚ୍ଚ ଭୋଟରମାନଙ୍କ ପ୍ରମୁଖ ଚିନ୍ତା । କିନ୍ତୁ ଇରାନ ଯୁଦ୍ଧ ଏହାକୁ ଛାଇ ଦେଇଛି, ଟ୍ରମ୍ପଙ୍କୁ ବିପଦପୂର୍ଣ୍ଣ ସାମରିକ ଜୁଆରେ ନେଇଯାଇଛି । ଜିଓପି ଭିତରେ ବିଭାଜନ ବଢୁଛି-ଟକର କାର୍ଲସନ୍ ପରି ରକ୍ଷଣଶୀଳମାନେ ଇସ୍ରାଏଲ ପ୍ରତି ସମର୍ଥନକୁ ସମାଲୋଚନା କରୁଛନ୍ତି ଏବଂ ଇରାନ ବିରୋଧରେ ବୃଦ୍ଧି ପାଇବାର ଜ୍ଞାନକୁ ପ୍ରଶ୍ନ କରୁଛନ୍ତି । ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପାଖେଇ ଆସିବା ସହିତ, ଯୁଦ୍ଧର ଫଳାଫଳ ଟ୍ରମ୍ପଙ୍କ ରାଜନୈତିକ ଭବିଷ୍ୟତ୍ ନିର୍ଣ୍ଣୟ କରିପାରେ । ସଂକ୍ଷିପ୍ତ ଏବଂ ସଫଳ ଯୁଦ୍ଧ ତାଙ୍କୁ ଶକ୍ତିଶାଳୀ ଦେଖାଇପାରେ, କିନ୍ତୁ ଲମ୍ବା ଯୁଦ୍ଧ-ତୈଳ ମୂଲ୍ୟ ବୃଦ୍ଧି, ଆମେରିକୀୟ ମୃତାହତ, ଆଞ୍ଚଳିକ ଅସ୍ଥିରତା-ତାଙ୍କୁ ଏବଂ ଜିଓପିକୁ ରାଜନୈତିକ ଭାବରେ କ୍ଷତି କରିପାରେ । ଆଗକୁ ବିପଦ: ଆର୍ଥିକ ପତନ: ତୈଳ ମୂଲ୍ୟ ବୃଦ୍ଧି, ମୁଦ୍ରାସ୍ଫୀତି, ଆହତ ଏବଂ ବୃଦ୍ଧି: ସୈନ୍ୟ କ୍ଷତିରେ ଜନମତ ବିରୋଧୀ,ବିଶ୍ୱ ସ୍ଥିତି: ୟୁରୋପୀୟ ସହଯୋଗୀମାନଙ୍କ ଚିନ୍ତା, ରାଜନୈତିକ ଧ୍ରୁବୀକରଣ: ଜିଓପି ଭିତରେ ଭାଙ୍ଗଣ, ଡେମୋକ୍ରାଟମାନଙ୍କୁ ଉତ୍ସାହ । ଇରାନ ଯୁଦ୍ଧ ଟ୍ରମ୍ପଙ୍କ ପାଇଁ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ-ସଫଳତା ତାଙ୍କୁ ଶକ୍ତିଶାଳୀ କରିପାରେ, ବିଫଳତା ତାଙ୍କ ଉତ୍ତରାଧିକାରକୁ ଦୁର୍ବଳ କରିପାରେ ।

*ସୁଜନପୁର, ଯାଜପୁର*
*ଦୂରଭାଷ : ୯୪୩୭୨୮୮୦୨୮*

# ମୋବାଇଲ୍ ମାୟାଜାଲରେ ହଜିଯାଇଛି ବାସ୍ତବ ଦୁନିଆ



ହୃଷୀକେଶ ପାଣିଗ୍ରାହୀ

ପରିବର୍ତ୍ତନ ହେଉଛି ସଂସାରର ନିୟମ । ସମୟ ସହିତ ଆମର ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଆସିଛି । ଦିନେ ଏମିତି ଏକ ସମୟ ଥିଲା, ଯେତେବେଳେ ଖରାଛୁଟି କିମ୍ବା ପୂଜାପର୍ବ ହେଲେ ପିଲାମାନେ ମାମୁଘର କିମ୍ବା ସମ୍ପର୍କୀୟଙ୍କ ଘରକୁ ଯିବା ପାଇଁ ବ୍ୟଗ୍ର ହେଉଥିଲେ । ସାଙ୍ଗସାଥୀଙ୍କ ମେଳରେ ଭୋଜିଭାତ, ଯାନିଯାତ୍ରା ଏବଂ ଖେଳକୁଦ ମାଧ୍ୟମରେ ମନକୁ ସତେଜ ରଖିବାର ପରମ୍ପରା ଥିଲା । ମାତ୍ର ଆଜିର ବିଜ୍ଞାନ ଯୁଗରେ ସେହି ସାମାଜିକ ମିଳାମିଶାର ସ୍ଥାନ ନେଇଛି ଏକ କ୍ଷୁଦ୍ର ଯନ୍ତ୍ର, ଯାହାକୁ ଆମେ 'ମୋବାଇଲ୍ ଫୋନ୍' ବୋଲି କହୁଛୁ ।

ଆଜି ମୋବାଇଲ୍ ଫୋନ୍ କେବଳ ଏକ ଯନ୍ତ୍ର ହୋଇ ରହିନାହିଁ, ବରଂ ଏହା ଆମ ଜୀବନର ଏକ ଅଙ୍ଗ ପାଲଟି ଯାଇଛି । ବସିବା, ଶୋଇବା, ରୋଷେଇ କରିବା କିମ୍ବା ଖାଇବା ସମୟରେ ମଧ ଫୋନ୍ ଆମ ହାତ ପାହାନ୍ତାରେ ରହୁଛି । ପୂର୍ବରୁ ଯେଉଁ ମନୋରଞ୍ଜନ ପାଇଁ ପଡ଼ିଆରେ ଖେଳକୁଦ ବା ବାହାରକୁ ବୁଲିବାକୁ ଯିବାକୁ ପଡୁଥିଲା, ଏବେ ତାହା ମୋବାଇଲ୍ ସ୍କ୍ରିନ୍ ଭିତରେ ସୀମିତ ହୋଇଯାଇଛି । ଆଜିର ଯୁବପିଢ଼ି ଶାରୀରିକ କସରତ ଭୁଲି ଦିନକୁ ୮ ରୁ ୧୫ ଘଣ୍ଟା 'ସ୍କ୍ରିନ୍ ଟାଇମ୍'ରେ ଅତିବାହିତ କରୁଛନ୍ତି । ଖେଳପଡ଼ିଆକୁ ଯିବା ଅପେକ୍ଷା ଛାତ ଉପରେ କିମ୍ବା ଗଛ ଉପରେ ଚଢ଼ି ୫-ଜି ନେଟୱାର୍କ ଖୋଜି ଅନଲାଇନ୍ ଗେମ୍ ଖେଳିବାକୁ ସେମାନେ ଅଧିକ ପସନ୍ଦ କରୁଛନ୍ତି । ଏପରିକି ଖବରକାଗଜ ପଢ଼ିବା ପାଇଁ ମଧ ଇ-ପେପରର ସାହାଯ୍ୟ ନିଆଯାଉଛି ।

ମୋବାଇଲ୍ ଫୋନର ଆବିଷ୍କାର ଦୂରରେ ଥିବା ବ୍ୟକ୍ତିଙ୍କ ସହ କଥା ହେବା ପାଇଁ ହୋଇଥିଲା, ମାତ୍ର ଆଜି ସେହି ଉଦ୍ଦେଶ୍ୟ ଗୌଣ ହୋଇଯାଇଛି । ଏବେ ମୋବାଇଲ୍ ଫୋନ୍ ଭିତରେ ସମଗ୍ର ଦୁନିଆ ଆବଦ୍ଧ । ଫଟୋ ଉଠାଇବା, ସର୍ଫିଂ କରିବା, ବହି ପଢ଼ିବା, କ୍ୟାଲେଣ୍ଡର ଦେଖିବା, ଭାଗ୍ୟ କୁଣ୍ଡଳୀ ବିଚାର କରିବା ଠାରୁ ଆରମ୍ଭ କରି ଟ୍ରାଭେଲ୍ ଟିକେଟ୍ ଓ ପେମେଣ୍ଟ ପର୍ଯ୍ୟନ୍ତ ସବୁକିଛି ଚୁଟକିରେ ହୋଇଯାଉଛି । ଏତେ ସବୁ ସୁବିଧା ପାଇବା ପରେ ମଣିଷ ବାହାର ଦୁନିଆ ପ୍ରତି ବିମୁଖ ହେବା ସ୍ୱାଭାବିକ ।ମାତ୍ର ଏହି ଅହେତୁକ ନିର୍ଭରଶୀଳତା ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରୁଛି । ଯଦି କେବେ ଫୋନରେ ଚାର୍ଜ ନଥାଏ, ନେଟୱାର୍କ କଟିଯାଏ କିମ୍ବା ଫୋନ୍ ଖରାପ ହୋଇଯାଏ, ତେବେ ମଣିଷକୁ ଲାଗୁଛି ଯେମିତି ସେ ନିଃସଙ୍ଗ ହୋଇଯାଇଛି । ସେହି ସମୟରେ ଅନୁଭବ ହେଉଛି ଯେମିତି କୌଣସି ଆତ୍ମୀୟଙ୍କ ବିୟୋଗ ଘଟିଛି କିମ୍ବା ନିଜ ଶରୀରର କୌଣସି ଅଙ୍ଗ କଟିଯାଇଛି ।

ଥରେ ଗଭୀର ଭାବେ ଚିନ୍ତା କରନ୍ତୁ, ଏହି ଅତ୍ୟଧିକ ନିର୍ଭରଶୀଳତା ପରେ ଯଦି କୌଣସି କାରଣ ବଶତଃ ମୋବାଇଲ୍ ଫୋନ୍ ସେବା ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ହୋଇଯାଏ, ତେବେ ଆମର ସ୍ଥିତି କଣ ହେବ ? ଯେଉଁ ସମାଜ ଆଜି ପ୍ରତିଟି କାମ ପାଇଁ ଗୋଟିଏ କ୍ଲିକ୍ ଉପରେ ନିର୍ଭର କରୁଛି, ସେ ପୁଣିଥରେ ବାସ୍ତବ ଜୀବନର ସାଧାରଣ ଧାରାକୁ ଫେରିପାରିବ ତ ? ହୁଏତ ସେତେବେଳେ ଆମକୁ ପୁଣିଥରେ ଚିଠି ଲେଖିବା, ବହିର ପୃଷ୍ଠା ଓଲଟାଇବା ଏବଂ ମଣିଷ ସହ ସଚକ୍ଷୁରେ କଥା ହେବା ପାଇଁ ସଂଘର୍ଷ କରିବାକୁ ପଡ଼ିପାରେ । ଏହି ପ୍ରଶ୍ନ ଆଜିର ଯୁବପିଢ଼ି ପାଇଁ ଏକ ବଡ଼ ଚେତାବନୀ ।

ବିଜ୍ଞାନର ବରଦାନ ଭାବେ ମୋବାଇଲ୍ ଫୋନ୍ ଆମକୁ ଅନେକ ସୁବିଧା ଦେଇଛି ସତ, କିନ୍ତୁ ଏହାର ଅତ୍ୟଧିକ ବ୍ୟବହାର ଆମକୁ ଆତ୍ମୀୟତା ଏବଂ ସାମାଜିକ ଜୀବନରୁ ଦୂରେଇ ନେଉଛି । ଆମେ ଯନ୍ତ୍ରର ଦାସ ନହୋଇ ଏହାକୁ ସୀମିତ ଭାବେ ବ୍ୟବହାର କରିବା ଶିଖିବା ଜରୁରୀ । ଯଦି ଆମେ ଆଜିଠାରୁ ବାସ୍ତବ ଦୁନିଆ ସହ ସମ୍ପର୍କ ଯୋଡ଼ିବା ନାହିଁ, ତେବେ ଭବିଷ୍ୟତରେ ମୋବାଇଲ୍ ବିନା ଆମର ଅସ୍ତିତ୍ୱ ବିପନ୍ନ ହୋଇପଡ଼ିବ । ଜୀବନର ପ୍ରକୃତ ସ୍ୱାଦ ମୋବାଇଲ୍ ସ୍କ୍ରିନ୍ ଭିତରେ ନୁହେଁ, ବରଂ ବାସ୍ତବ ଦୁନିଆର ମିଳାମିଶା ଏବଂ ପ୍ରକୃତିର ସାନ୍ନିଧ୍ୟରେ ହିଁ ମିଳିଥାଏ ।

*ଶିକ୍ଷକ ଶିକ୍ଷା ବିଭାଗ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର*
*ଦୂରଭାଷ : ୯୯୩୮୫୦୬୨୦୭*

# ଧାରାବାହିକ ଉପନ୍ୟାସ



କମଳିନୀ ମଲ୍ଲିକ

ଓଡିଆ ସାହିତ୍ୟ ଜଗତରେ କମଳିନୀ ମଲ୍ଲିକ ଏକ ପରିଚିତ ସ୍ରଷ୍ଟା । ପ୍ରଥମରୁ ଶିଶୁ ସାହିତ୍ୟରେ ଲେଖନୀ ଚାଳନା କରିଥିବା କମଳିନୀ ମଲ୍ଲିକ୍ ପରବର୍ତ୍ତି ସମୟରେ ଆଧୁନିକ ଗଳ୍ପ ଓ କବିତା ରଚନା କରି ବେଶ୍ ପାଠକପ୍ରିୟ ହୋଇ ପାରିଛନ୍ତି ଏବଂ ତାଙ୍କର ଶତାଧିକ ଗଳ୍ପ ଓ କବିତା ବହୁ ପ୍ରତିଷ୍ଠିତ ସାହିତ୍ୟ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଛି । ବିଶେଷଭାବେ ଗଳ୍ପ ରଚନାରେ ନିଜକୁ ଖୁବ୍ ନିବିଷ୍ଟ କରିଥିବା ଏହି କଥାକାରଙ୍କର ଲେଖାରେ ଜୀବନବାଦର ଚମତ୍କାର ଉପସ୍ଥାପନା ଓ ଶୈଳୀ ପାଠକମାନଙ୍କୁ ମୁଗ୍ଧ କରିଛି । ସାମାଜିକ ସ୍ତରରେ ହେଉ ଅବା ବ୍ୟକ୍ତିଗତ ସ୍ତରରେ ଘଟୁଥିବା ଦୈନନ୍ଦିନ ଘଟଣାବଳୀକୁ ସେ ତାଙ୍କର ପ୍ରତ୍ୟେକଟି ଗଳ୍ପର ପୃଷ୍ଠଭୂମିରେ ଏପରି ସମାହିତ କରିଥାନ୍ତି, ଯେଉଁଥିରେ କାରୁଣ୍ୟ, ଆବେଗ, ଦର୍ଶନ, ପ୍ରେମ ସହିତ ଥାଏ ମଧ୍ୟ ସାମାଜିକ ପ୍ରତିଶ୍ରୁତି ଓ ପ୍ରତିବଦ୍ଧତା । ସ୍ୱାର୍ଥପରତା ଓ ସୁବିଧାବାଦିତାକୁ ଆପଣେଇ ନେଉ ନେଉ ଭଲୁ ଯାଉଥିବା ଜୀବନର ଉଚିତ୍ ମାର୍ଗକୁ କଥାକାର ପରୋକ୍ଷ ଭାବରେ କି ମ୍ୱା ପ୍ରତ୍ୟେକ୍ଷ ଭାବରେ ତାଙ୍କ କଥା କାରିଗରିତାରେ ଦର୍ଶାଇଥାନ୍ତି । ସରଳ, ସହଜ ଓ ସାବଲୀଳ ଭାବରେ କୌଣସି ଶବ୍ଦାଡ ମ୍ୱର ବିନା ଏବଂ ନିଜେ ନିରବଚ୍ଛିନ୍ନ ଓ ନିର୍ବିକାର ହୋଇ ଲେଖି ଚାଲିଥିବା ଲେଖିକା କମଳିନୀ ମଲ୍ଲିକଙ୍କ ଗଳ୍ପ ଓ କବିତା ପ୍ରତ୍ୟେକ ପାଠକଙ୍କୁ ବାନ୍ଧି ରଖିବାର କ୍ଷମତା ରଖେ ।

ଭାଗ-୬

## ସବୁଜ ବନର ମାୟା



*(ପୂର୍ବପ୍ରକାଶ ଉତ୍ତାରୁ)*

ଫୋନ କଟିଗଲା ପରେ ରଶ୍ମୀ ନିଜ ଭିତରେ ବିଳପି ଉଠନ୍ତି – ଖାଲି କଣ ତୁମେ ଏକାକୀ ଜୀବନର ଜ୍ୱାଳାରେ ଛଟପଟ ହେଉଛ ଦୀନେଶ, ମୁଁ ନୁହେଁ ? ଫରକ୍ ହେଉଛି ତୁମେ କହି ପାରୁଛ, ମୁଁ ପାରୁନି । କିନ୍ତୁ ତୁମ ଜ୍ୱାଳାଠାରୁ ମୋ ଜ୍ୱାଳା ଯେ କେତେ ଉତ୍ତପ୍ତ, କେତେ ଉତକ୍ଷିପ୍ତ, ସେକଥା ତୁମେ କଣ ବୁଝି ପାରିବ । ସବୁ ଥାଇ ବି ମୋ ଭିତରର ଅପାରଗ ଓ ଅଭାବର ଖାଲି ପଣରେ ମୁଁ କେତେ ଜର୍ଜରିତ ହେଉଛି, କ୍ଷତାକ୍ତ ହେଉଛି ।

ଦୀନେଶଙ୍କର ମୟୁରଭଞ୍ଜକୁ ବଦଳି ହେଇ ଯିବାର ଦୁଇ ମାସ ହେଇ ଗଲାଣି । ବଣ ପାହାଡରେ ଆଚ୍ଛାଦିତ, ଝରଣା ନଦୀର ସୁଶୀତଳ କଲ୍ଲୋଳିତ ଧାରା ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏହି ଜିଲ୍ଲା । ଦୁଇ ମାସ ଭିତରେ ଥରୁଟିଏ ଆସି ପୁଣି ଫେରି ଗଲେଣି ଦୀନେଶ । କହୁଥିଲେ ଯେଉଁଠାରେ ତାଙ୍କର କାମ ଚିଲିଛି ଏବଂ ତାହାର ପାଖାପାଖି ଦିଆ ଯାଇଥିବା ବଙ୍ଗଳାର ଚତୁଃପାର୍ଶ୍ୱରେ କେବଳ ଆଦିବାସୀ ଜନବସତି ଏବଂ ବଡ ବଡ ପାହାଡ, ଜଙ୍ଗଲ ଓ ଝରଣାରେ ସ୍ଥାନଟି ଖୁବ୍ ମନୋରମ । ଯୁଆଡେ ଚାହିଁଲେ ଘଞ୍ଚ ଜଙ୍ଗଲର ସବୁଜିମା ଓ ଆକାଶକୁ ଛୁଇଁଲା ଭଳି ପାହାଡର କୁଂଚିକୁଂଚିଆ ମଥାନ । ଯେଉଁଠୁ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଲୋହିତ ରଙ୍ଗ ମାଖି ହୋଇଯାଏ ସାରା ଇଲାକାକୁ । ପାହାଡ ଛାତିରୁ ପ୍ରଚଣ୍ଡ ବେଗରେ ଝରଝର ହେଇ ଝରି ପଡୁଥିବା ଝରଣାର ଅମାନିଆ ଗତି । ଏଭଳି ପ୍ରାକୃତିକ ସମ୍ଭାରରେ ପରିପୂର୍ଣ୍ଣ ଦୁନିଆଁରେ କିନ୍ତୁ ବାରି ହୋଇପଡେ ସରଳ ନୀରିହ ଆଦିବାସୀମାନଙ୍କର ଜୀବନ ଓ ଜୀବୀକାର ସଂଘର୍ଷ । ସାରାଦିନର ଧାଁ ଦଉଡ, ଅକ୍ଳାନ୍ତ ପରିଶ୍ରମ, ଖୋଜିବା ଓ ପାଇବାର ନିରଳସ, ନିରବଚ୍ଛିନ୍ନ ପ୍ରୟାସ । ଯେଉଁଠି ନଥାଏ ସହରର ବ୍ୟସ୍ତତା, ପ୍ରତିଯୋଗୀତା ବା ପରଶ୍ରୀକାତରତା । ପୁଣି ସେଇ ସାଉଁଟିବା ଓ ବାଣ୍ଟିକୁଣ୍ଟି ଚଳିବା ଜୀବନର ଦହଗଞ୍ଜ ସଞ୍ଜ ବୁଡିଲେ କୁଆଡେ ମିଳେଇଯାଏ । ମାଦଳ, ମହୁରୀର ତାଳରେ, ସମବେତ ନୃତ୍ୟଗୀତରେ ଝୁମି ଉଠେ ସାରା ଜଙ୍ଗଲ । ଆହ୍ଲାଦିତ ହେଇଯାଏ ଜଙ୍ଗଲର ସବୁଜିମା, ନଦୀ ଝରଣାର ଶୀତଳ ଜଳ ଏବଂ ପଶୁପକ୍ଷୀମାନଙ୍କର କଳରବ । ଅଣ୍ଟା ଧରାଧରି ହେଇ, ହାତରେ ହାତ ଛନ୍ଦି ପାରମ୍ପାରିକ ନୃତ୍ୟଗୀତରେ ମଜିଯାନ୍ତି ଆଦିବାସୀ ନାରୀ ଓ ପୁରୁଷ । ମହୁଲି ନିଶା ଘାରୁଥାଏ । ଲିଭି ଯାଉଥାଏ ଦିନସାରାର କ୍ଳାନ୍ତି, ଅଭାବବୋଧ ଆଉ ଜୀବନ ଯନ୍ତ୍ରଣାର କ୍ଷତଚିହ୍ନ ।

ଏସବୁ ଦିନେଶଙ୍କଠାରୁ ଶୁଣିଲାବେଳେ ରଶ୍ମୀ ଭାବନ୍ତି ସତରେ କେତେ ସହଜ, ସ୍ୱଭାବ ଓ ନିର୍ବିକାର ଜୀବନ ସେଇ ଜନଜାତିମାନଙ୍କର । ଯେଉଁମାନଙ୍କର ଅସରନ୍ତି ଅଭାବ ଭିତରେ ଅନେକ ଭାବ ଥାଏ । ରୋଗ, ଶୋକ ଓ ଦୁଃଖ ଭିତରେ ଜୀବନ ଛନ୍ଦମୟ ଓ ଆନନ୍ଦମୟ ଥାଏ । ଯେଉଁମାନେ ଉଚ୍ଚା ଉଚ୍ଚା ପାହାଡ ତଳେ ଛୋଟ ଛୋଟ କୁଡିଆ ଖଣ୍ଡିଏ କରି ବାସ କରୁଥିଲେ ବି ମାଟିର ମହକରେ ମସ୍‌ଗୁଲ ହୁଅନ୍ତି, ଜଙ୍ଗଲର ସବୁଜିମାରେ ସ୍ୱପ୍ନ ସାଉଁଟନ୍ତି, ଝରଣାର କଳକଳ ନାଦରେ ଜୀବନର ଦୋହା ଶୁଣୁଥାନ୍ତି । ସେଇମାନେ ହିଁ ତ ମାଟିର ସନ୍ତାନ, ଯେଉଁମାନେ ଜଳ, ଜମି ଓ ଜଙ୍ଗଲକୁ ନିଜ ଜୀବନଠାରୁ ବି ଅଧିକ ଭଲ ପାଆନ୍ତି, ଅଧିକ ଆପଣାର ଭାବନ୍ତି ।

ସେଠିକାର ପାହାଡ, ପର୍ବତ, ଝରଣା, ଜଙ୍ଗଲ, ଖୋଲା ପବନ, ମାଟିକୁ ସିକ୍ତ କରି ଦେଉଥିବା ଜହ୍ନର ସଫେଦ ଜୋଛନା ସହିତ ଆଦିବାସୀ ଜନଜୀବନର କଥା ଓ କାହାଣୀ ଦୀନେଶଙ୍କଠାରୁ ଶୁଣି ଶୁଣି ରଶ୍ମୀ ତନ୍ମୟ ହୋଇ ଉଠନ୍ତି । ତାଙ୍କ ମନ ବି ଉଚ୍ଚାଟ ହେଇଯାଏ । ଇଛା ହୁଏ ସିଏ ବି ଯାଇ ଦୀନେଶଙ୍କ ପାଖରେ ରୁହନ୍ତେ ଏବଂ ଖୁବ୍ ନିକଟରୁ ଅନ୍ତରଙ୍ଗତାର ସହିତ ସେହି ପ୍ରକୃତି କୋଳରେ ହଜିଯାନ୍ତେ । ସ୍କୁଲରେ ପାଠ ପଢୁଥିବା ସମୟରେ ଥରୁଟେ ବାପାମାଆ ଓ ମାମୁଁ ମାଇଁଙ୍କ ସହିତ ଶିମିଳିପାଳ ଅଭୟାରଣ୍ୟ ଦେଖିବାକୁ ଯାଇଥିଲେ । ଏବେ ବି ମନେ ଅଛି ନାଲି ଗୋଡିମାଟିରେ ତିଆରି ଆବଡା ଖାବଡା କଚ୍ଚା ରାସ୍ତା । ସର୍ପିଳ ଗତିରେ ଜଙ୍ଗଲ ଭିତରକୁ ଲମ୍ୱିଥାଏ । ରାସ୍ତାର ଦୁଇ ପଟେ ଉପରକୁ ମୁଣ୍ଡ ଟେକି ଠିଆ ହେଇଥାନ୍ତି ବିରାଟ ବିରାଟ ଶାଳଗଛ । ଟିକେ ଖରା ଓ ଟିକେ ଛାଇ ଭିତରେ ପବନର ଶିରିଶିରି ଶବ୍ଦ । ଏଣେତେଣେ ଉଡି ଗଦା ହେଇ ପଡୁଥିବା ଶୁଖିଲା ଶାଳପତ୍ର । ଗାଡିର ଗତି ସହିତ କେମିତି ଘୁଞ୍ଚି ଘୁଞ୍ଚି ଯାଉଥାଏ ଦୂରକୁ ଧୂସର ଦିଶୁଥିବା ପାହାଡର ମଥା । ଯେମିତି ସବୁଜିମାର ଶେଷ ନାହିଁ କି ପାହାଡର ବି ସୀମା ନାହିଁ । ସେ ଦୃଶ୍ୟ ଏବେ ବି ବେଳେବେଳେ ଆଖି ଆଗରେ ସତେଜ ହୋଇଉଠେ ।

ସତରେ ସେଭଳି ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପରିବେଶଟିରେ ଯଦି ଦୀନେଶ ଓ ରଶ୍ମୀ ଏକାଠି ରହିଥାନ୍ତେ, ଏକାଠି ହଜିଥାନ୍ତେ, ସେ ଅନୁଭବ ଆହୁରି କେତେ ରୋମାଞ୍ଚକର କେତେ ରମଣୀୟ ହେଇଥାନ୍ତା । ରଶ୍ମୀଙ୍କର ଖୁବ୍ ଇଚ୍ଛା ହୁଏ ଯେତେକି ଦିନ ଦୀନେଶ ସେଠାରେ ରହି କାମ କରିବେ, ଅନ୍ତତଃ ସିଏ ବି ତାଙ୍କ ସହିତ ରୁହନ୍ତେ । ଏଥିପାଇଁ ତାଙ୍କ ମନରେ ଅଦ୍ଭୁତ ଖିଆଲଟେ ଢୁକିଯାଏ । ରାମାୟଣରେ ବର୍ଣ୍ଣିତ ହୋଇଥିବା ସୀତାଙ୍କର ବନ୍ଧ୍ୟାଦୋଷ କଟି ମାତୃତ୍ୱ ଲାଭ କରିବାର ପ୍ରସଙ୍ଗଟେ । ଯେତେବେଳେ ରାବଣ ସୀତାଙ୍କୁ ଚୋରି କରି ଲଙ୍କା ନେଇ ଯାଇଥିଲା ଓ ତାଙ୍କୁ ତାର ରାଜଉଆସରେ ନ ରଖି ସୁରମ୍ୟ ଅଶୋକ ବନରେ ନେଇ ରଖିଥିଲା । ରାବଣକୁ କାଳେ ଜ୍ଞାତ ଥିଲା ଯେ ଅଶୋକ ଗଛର ପବନ ତଥା ସେହି ବୃକ୍ଷର ପ୍ରଭାବ ସୀତାମାତାଙ୍କ ଶରୀରରେ ପଡିଲେ ତାଙ୍କର ବନ୍ଧ୍ୟାଦୋଷ କଟି ମାତୃତ୍ୱ ଲାଭ କରିବାର ସୁଫଳ ମିଳିବ । ଏବଂ ତାହା ହିଁ ହୋଇଥିଲା । ରାବଣକୁ ବଧ କରି ଶ୍ରୀରାମ ପତ୍ନୀ ସୀତାଙ୍କ ଉଦ୍ଧାର କରି ଆଣିବା ପରେ ପରେ ହିଁ ସୀତା ଗର୍ଭବତୀ ହୋଇଥିଲେ । ସେମିତି ରଶ୍ମୀ ଯଦି ସେଇ କିଛି ମାସ ଦୀନେଶଙ୍କ ସହ ଯାଇ ଘଞ୍ଚ ଜଙ୍ଗଲ ଭିତରେ ଦିନ କାଟନ୍ତେ, ହୁଏତ ଜଙ୍ଗଲରେ ଥିବା ବିଭିନ୍ନ ଔଷଧୀୟ ବୃକ୍ଷର ପ୍ରଭାବ ତାଙ୍କର ଏଇ ଅଭାବ ଟିକକ ପୂରଣ ନ କରିବ ବୋଲି କିଏ କହିବ । **(କ୍ରମଶଃ)**

# ବିଶେଷ କବିତା



## ସୁରଞ୍ଜନର ଗାଆଁ



### ଦେବାଶିଷ ଚକ୍ରବର୍ତ୍ତୀ

ଦେବଗିରି ପାହାଡ ତଳିଆ
ଗାଆଁଟିଏ ଶିଙ୍ଗାଖୁଣ୍ଟା
ନାଆଁ ଟି ଯଦିଓ ମନେ ହୋଇପାରେ
ମଲା ଗଛର ଥୁଣ୍ଟା ଡାହିପରି ଦନ୍ତୁଡା
ହେଲେ ତା ଭିତରୁ ଅହରହ
ଶୁଭି ଯାଉଥାଏ କବିତାର ଶିଙ୍ଗା
ଯାହାକୁ ଶୁଣିବାକୁ କେବଳ
ଏକାଠି ହୁଅନ୍ତିନି
ଭଦ୍ରକ, ଯାଜପୁର, କେନ୍ଦୁଝର କି
ମୟୂରଭଞ୍ଜ ଭଳି ପଡିଶା
ବରଂ ଦିନକ ପାଇଁ ହେଉପଛେ
ତାହା ପାଲଟିଯାଏନି କି ମିନି ଓଡ଼ିଶା ?
ସତରେ କଣ ଅଛି କି ସେଇ ଗାଆଁରେ
ସଦ୍ୟ ଆବିଷ୍କୃତ ସୁନାଖଣି
ନା ସେଇଠି ଜନ୍ମିଛନ୍ତି କେହି ମଉଡମଣି ?
ଏସବୁ କିଛି ବି ଘଟିନି ସେଠାରେ
ବରଂ କବିତା ବାଉଳା ପିଲାଟିଏ
ଜନ୍ମ ନେଇଛି ତା କୋଳରେ
ନାଆଁ ତାର ସୁରଞ୍ଜନ
ଯାହାର ଡୋଳାରେ ବୋଳା ହୋଇଛି
କଳ୍ପନାର ଅଞ୍ଜନ
ତାର ଆବେଗର ଦୋଳଣା ରେ ଅହରହ
ଦୋଳି ଖେଳୁଥାଏ କବିତା ସୁନ୍ଦରୀ
ସେଇଥି ପାଇଁତ ସେ ଆକାଶର
କବରୀରୁ ମେଘଫୁଲ ତୋଳିପାରେ
ଶଙ୍କା ନ କରି ।
ଦୂରା ଗତ ଅତିଥିଙ୍କ ପାଇଁ କଣ
ପରଷା ହୁଏ କି ସେଠାରେ ?
ବିଶ୍ରାମ ନେବାକୁ ଗଜଦନ୍ତ ପଲଙ୍କରେ
ସଜିଲ ହୋଇ ଥାଏ କି ତୂଳୀତଳ୍ପ ?
ନା ସୁନାଥାଳି ରେ ପରଷା ହୁଏ
ରାଜାର ମଣୋହି ?
ଏସବୁର କିଛି ଆବଶ୍ୟକତା ନଥାଏ ସେଠାରେ
କାରଣ ପ୍ରକୃତି ପରଷିଥାଏ
ଆଦ୍ୟ ବସନ୍ତର ମଳୟ
ସ୍ୱାଗତ କରିବାକୁ ତୋରଣପରି
ଗଛମାନେ ନାଇଥାନ୍ତି ପାଟଳ ରଙ୍ଗର କିଶଳୟ
ଆମ୍ବ ବଉଳ ଓ ବଣଫୁଲର ବନ୍ଦାଣ ଥାଳି
ପକ୍ଷୀ କାକଳିର ହୁଳହୁଳି
ମୁନି ଜନୋଚିତ ଖାଦ୍ୟରେ
ମିଶିଥାଏ ଅକୃପଣ ଆପଣାପଣ
ତେଣୁ ତାହା ହୋଇଉଠେନି କି ବୈକୁଣ୍ଠସମ ?
ସତରେ ଅସୁମାରି ଗାଆଁ ତ ରହିଛନ୍ତି ଆମରି ଦେଶରେ
ହେଲେ କେତେ ସୌଭାଗ୍ୟବତୀ ଅର୍ଜି ପାରିଛନ୍ତି
କବି ମଣିଷଙ୍କୁ କୋଳରେ ଧରିବାର ଶାଶ୍ୱତ ପରିଚୟ
ସେମାନେ ନୁହନ୍ତି କି ଅଙ୍ଗୁଳିମେୟ ?
ମଧ୍ୟାହ୍ନ ର ଖରା ପରି
ପ୍ରଚୁର୍ଯ୍ୟ ରେ ଦାଉ ଦାଉ ନହେଲେ ବି
ସଜ ସକାଳ ପରି ସେମାନେ ଚିରକାଳ
ହେଉ ନଥିବେ କି ମହମହ ?

*(ଅନୁଜ ପ୍ରତିମ ଯୁବକବି*
*ସୁରଞ୍ଜନ ପାତ୍ରଙ୍କୁ ସମର୍ପିତ)*
*ମଣ୍ଡୁଆ, କେନ୍ଦୁଝର ଗଡ*
*ଦୂରଭାଷ : ୯୪୩୭୭୫୨୩୯୫*

## ଶଙ୍ଖ ଧ୍ୱନି



### ଭାଗୀରଥି ସାଗର

ଯେଉଁ ଧ୍ୱନି ଶ୍ରବଣେ
କର୍ଣ୍ଣ ହୁଏ ପୁଲକ
ସଂଚାରିତ ହୁଏ
ଅପୂର୍ବ ଆଲୋକ
ଯାହା ସ୍ମୃତି ମଧୁର
ମନ ପାଳେ ଜାଗର
ତାହାତ ଅତି ଆହ୍ଲାଦ
ଉପୁଯାଉଥିବା ମୂର୍ଚ୍ଛନା
ପୂଣ୍ୟ ଶଙ୍ଖ ଧ୍ୱନି ।
ଯେଉଁ ଶବ୍ଦ ଶ୍ରବଣେ
ସୃଷ୍ଟି କର୍ତ୍ତା ହୁଏ ବଶ
ଆକର୍ଷିତ,ମୋହିତ
ଯାହାର ଗର୍ଜନରେ
ବାୟୁ, ପରିବେଶ ହୁଏ
ଶୁଦ୍ଧ ଅତୀବ ପବିତ୍ର
ଯେଉଁଠି ଶୁଭେ ଶଙ୍ଖ
ସେଇଠି ଥାଏ ମା ଲକ୍ଷ୍ମୀ
ସେଇଠି ବାସେ କର୍ପୁର
ସେଇଠି ପହଞ୍ଚେ ସିନ୍ଦୁର
ସେଇଠି ଏକାଠି ହୁଏ
ଧୂପ, ଦୀପ, ଚନ୍ଦନ, ଦୁବ
ଘାସ ସହ ତୁଳସୀ ପତର
ଗୋବର ସହ ଶ୍ରୀ ଫଳ
ଉଖୁଡା, ଗୁଆ ଘିଅ
ଆଉ ଅତି ଶୁଭ ବସ୍ତୁ
ଭକ୍ତିରେ ଭକ୍ତ ଲଭେ
ତଥାସ୍ତୁ ।
ଶଙ୍ଖ ତମେ ଆସ
ଗଭୀର ପଙ୍କରୁ ହେଲେ
ତମ ପବିତ୍ରତାର ପଟାନ୍ତରହୀନ
ତମେ ହିଁ ଜାଳିଦିଅ ଜ୍ୟୋତି
ପୁଲକର ଅର୍ଘ୍ୟ ବହ୍ନି
ଏଣୁ ତ ତମକୁ ଅଜସ୍ର ନମନ ହେ !
ଚିତ୍ତ ହରଣକାରୀ ପରମ
ତୃପ୍ତି ପ୍ରଦାନକାରୀ କଲ୍ୟାଣମୟ
ଶଙ୍ଖ ଧ୍ୱନି ।

*ଡାଳଗୁମା, କୋକସରା, କଳାହାଣ୍ଡି*
*ମୋ - ୯୩୩୭୬୨୪୮୯୯*

## ଦ୍ରୁତ ଧାବକ



### ସ୍ମୃତି ରଂଜନ ତ୍ରିପାଠୀ

ଦୌଡିବା,
ଯୋରରେ ଦୌଡିବା ମନ୍ଦ ନୁହେଁ
ସମୟ ଅତିକ୍ରାନ୍ତରେ
ନିଜକୁ ପରଖିବା ପ୍ରୟୋଜନ
ଠିକ୍ ଯେମିତି ବେଳବୁଡୁ
ପକ୍ଷୀ ଶାବକ ବସାକୁ ଫେରିବା
ପରିବାର, ବନ୍ଧୁଜନ ପାଇଁ
ଲେଉଟା ମାନ ମନ ପ୍ରାଣ
ଦ୍ରୁତ ଭ୍ରମରେ ସ୍ୱାସ୍ଥ୍ୟକୁ ଜାଣ ।

ଫଗୁଣ ଦୋଳିରେ ଝୁଲିବାରେ
ଅନେକ କୁନି ଧାବକ ଆଜିବି
ନିଜକୁ ବୁଦ୍ଧିଆ କହି ସମୟ
ଆଢୁଆଳରେ ପରିଚୟ ଶୁନ୍ୟ
ଦେଖଣାହାରୀ ତାଳି ଛଡା
ଆହାଃ ପଦେ କହନ୍ତିନି
ପାଖକୁ ଆସି,
ଏଇ ଯେମିତି ରତନା ସାପ କାମୁଡାରେ
ମାଡ଼ ଖାଇବା ପରେ ଅପର୍ତ୍ତିଆ
ଝୁରି ଝୁରି ମଲା,
ରତନା ବୋଉ ଆଜିବି
ଧାଇଁଯାଏ ପୋଖରୀ କୂଳକୁ
ଯେବେଯେବେ ନିଶାର୍ଦ୍ଧରେ କିଏ
ଜାଲ ଧରି ମାଛ ଧରିବାକୁ ଯାଏ ।

ସବୁ ଆଖି ଦେଖିପାରେନି
ଅଥଚ କାନ୍ଦିପାରେ
ବ୍ୟବହାରିକ ଭୂଗୋଳରେ
ସଭିଏଁ ସମାନ
ଆଜିବି ରତନା ସାଙ୍ଗସବୁ
ନିଜେ ନିଜକୁ କୁହାକୁହି
ହୁଅନ୍ତି ମୌନରେ ଯେ
ଉଠିବା ପୂର୍ବରୁ ବୁଡିବା ଶିଖ
ବୁଡିବା ଆଗରୁ ଉଠିବା ଶିଖ
ଦୌଡ଼, ଏତେ ଦୌଡ଼ନି ସଞ୍ଜ ହରେଇ
ଜୀବନ ଚାଦର ତଳେ
ଆହୁରି ଲୁହ ଲହୁ ବାକି
କିଛି ବହିବା ଆଉ
ବୁହାଇବା ପାଇଁ ଆଶିଷରେ
ଦ୍ରୁତ ଧାବକଙ୍କ ସ୍ମୃତିରେ ।

*ଜଟଣୀ, ଖୋର୍ଦ୍ଧା*

## ଶବ୍ଦ



### ମୂଳ ଲେଖା - କମଳା ଦାସ
### ଅନୁବାଦ - ଶାନ୍ତନୁ କୁମାର ସର

ମୋ ଚାରିପାଖରେ ଖାଲି
ଶବ୍ଦ ହିଁ ଶବ୍ଦ, ସେମାନେ
ମୋ ଦେହରେ ପତ୍ର ପରି ବଢୁଛନ୍ତି
ସେମାନେ ତାଙ୍କର ନୀରବ ଓ ମନ୍ଥର
ଗତିରେ ଏମିତି ବଢୁଛନ୍ତି ଯେ ରୋକିବାର
ନାଁ ଧରୁନାହାନ୍ତି ।
ମୋ ଭିତରୁ...... କିନ୍ତୁ ମୁଁ ନିଜକୁ କୁହେ
ଶବ୍ଦଗୁଡାକ ବହୁତ ବଦମାସ୍, ସେମାନଙ୍କ
ପ୍ରତି ସାବଧାନ, ସେମାନେ ଅନେକ
କିଛି ରୂପ ନେଇପାରନ୍ତି - ସେମାନେ
ଚଲାବାଟରେ ଗଭୀର ଫାଟପରି
ଯେଉଁଠି ଅଟକିବାକୁ ବାଧ୍ୟ,
ସେମାନେ ବେଳେବେଳେ ଦିଶନ୍ତି
ପକ୍ଷାଘାତୀ ତରଙ୍ଗରେ ଭରପୂର ସମୁଦ୍ର ପରି,
ପୁଣି କେତେବେଳେ
ଉତ୍ତପ୍ତ ପବନର ବିସ୍ଫୋରଣ ତ
ପୁଣି ହୋଇଯାନ୍ତି ତୁମର
ଘନିଷ୍ଠବନ୍ଧୁଙ୍କର ତଣ୍ଟି କାଟିବା
ପାଇଁ ଏକ ଶାଣଦିଆ ଛୁରୀ
ଶବ୍ଦମାନ ବହୁତ୍ ବଦମାସ୍
ସେମାନେ ଗଛରେ ପତ୍ରପରି
ମୋ ଦେହ ସାରା ବଢୁଛନ୍ତି ,
ସେମାନେ ଆସିବାକୁ ବିରତି
ଦେଉନାହାନ୍ତି - ସେମାନେ ଅବିରାମ
ଆସୁଛନ୍ତି ନିରବତାରୁ -
ମୋ ଭିତରର ଗଭୀରତମ ଶୂନ୍ୟତାରୁ ।

*ପ୍ରାକ୍ତନ ଅଧ୍ୟକ୍ଷ, ସରକାରୀ ସ୍ୱୟଂଶାସିତ*
*ମହାବିଦ୍ୟାଳୟ, ଅନୁଗୋଳ*
*ଦୂରଭାଷ : ୭୯୭୮୬୬୪୯୭୯*

## ଅଳସୀ କ୍ଷେତରେ ସୋରିଷ ଫୁଲର ବାସ୍ନା

### ସୁନନ୍ଦା ମହାନ୍ତି





*(ପୂର୍ବପ୍ରକାଶ ଉତ୍ତାରୁ)*

ପୁଅ ହେଲେ ପାଞ୍ଚ ହଜାର ଝିଅ ହେଲେ ତିନିହଜାର ମିଳିବ ଶୁଣି ମଦନା କେତେ ନେହୁରା ହେଉଛି ସାରି ପାଖରେ । ସେତେବେଳେ ଗୋଟିଏ ଦୃଶ୍ୟ ମନେ ପଡୁଛି ସାରିଆର ? କଇଁର ଏ ହାତକୁ ସେ ହାତ ଡେଇଁ ପଡିବାର ଦୃଶ୍ୟ । ଏଣେ କାନରେ ବାଜୁଛି ସେଇ ବାବୁର ସ୍ୱାମୀ ସାଥିରେ ଫୁସୁରୁ ଫୁସୁରୁ କଥା । ଏ ହାତରେ ଦବୁ ସେ ହାତରେ ନବୁ । ସାରିଆର ଏକା ଜିଦ ସେ ମାଆ ହେବନାହିଁ. ଦେଖିବା କେମିତି ମରଦ ପୁଅ ମର୍ଦାଙ୍ଗି ଦେଖେଇବ ଏ ଜଙ୍ଗଲୀ ବାଘୁଣୀ ସଙ୍ଗେ ଭାବି ସାରିଆ କଇଁକୁ ଝୁରୁଥିବା ବେଳେ ବାବୁ ଘର ପୁଅ କଥା ଭାବେ ସାରି । କେତେ ଅଲିଅଳରେ ବଢୁଛି ଏକମାତ୍ର ପୁଅ । ଭାଙ୍ଗୁ ମାରୁ କେହି ଆକଟ କରନ୍ତି ନାହିଁ । ଖାଉ ବିଞ୍ଚୁ କେହି ମନା କରିବାକୁ ନାହିଁ । ଆଜି ଏ ପଶୁ ଯଥା ହାତୀ, ଘୋଡା, ବାଘର ଖେଳନା ତ କାଲି ଉଡ଼ାଜାହାଜ, ଟ୍ରେନ କାର ଇତ୍ୟାଦି । ସେସବୁ ପୁଣି ଚାବି ଦେଲେ ଚାଲେ । ଚାବି ମୋଡି ଭାଙ୍ଗିଦେଲେ ଆଉ ନୂଆ ଆସେ । କଇଁ ତାର ସତରେ କଣ ଏସବୁ ସୁଖ ପାଉଥିବ ! ତଥାପି ସାରିର ବୁକୁ ଫାଟି ଗଲା ପରି ଲାଗେ । କିଛି ଦେଇନପାରିଲେ ବି ମାଆ ର ସନ୍ତାନ ମାଆ ଓ ବାପା ପାଇଁ କେତେ ମୂଲ୍ୟବାନ ସେକଥା ବାପା ହୋଇ ବୁଝୁନଥିବା ବେଳେ ସାରି ଲୁହ ନିଗାଡ଼େ । ମଦନା ର ପୌରୁଷ ପଣିଆ ପାଣିଚିଆ ମନେହୁଏ ତ ଏଥର ମଦନାର ଆଖି ବାବୁଘର ପୁଅ ଉପରେ ।

ସାରି ହାଉଳି ଖାଇ ବାଉଳି ହୁଏ । ଯାହା କରୁଛୁ କର ସୁନାମୁଣ୍ଡା ଉପରେ ଆଖି ପକେଇବୁନି ରେ ଦୈବ ସମ୍ଭାଳିବ ନାହିଁ କହେ । କାହିଁ ମୋ ପୁଅକୁ ମୁଁ ନେବି କିଏ ମୋର କଣ କରିବ ! ତୋ ପୁଅ ?ହଁ ମୋ ପୁଅ । ବାବୁଟା ସିନା ଏଡ଼େ ବଡ଼ ଚାକିରୀ କରିଛି ହେଲେ ତାକତ ନାହିଁ । ବଂଶ ରକ୍ଷା ପାଇଁ ବାବୁର ମାଆ ବୁଢ଼ୀ ମତେ ନେହୁରା ହୋଇଥିଲା । ଅନ୍ଧାର ଭିତରେ ଯୁବ ବୟସରେ କଣ ସବୁ ହୋଇଗଲା କିନ୍ତୁ ଟଙ୍କା କୋଡିଏ ହଜାର ପାଇ ତୋ ବାପାକୁ କନ୍ୟାସୁନା ପାଞ୍ଚ ହଜାର ଦେଇ ତତେ ଆଣିଲି । ଏବେ ତୋ ଦେହରେ ମାଉଁସ ଲାଗିଲା ଜବାବ ଦେଉଛୁ ମତେ । ଡରିଗଲା ସାରିଆ । ବାବୁକୁ କହିବ ନା ବାବୁଆଣୀଙ୍କୁ କହିବ ଭାବି ନପାରି ସେଦିନ ନୂଆବର୍ଷ ଆସିବା ପୂର୍ବ ରାତିରେ ସାରିଆ ନିଖୋଜ ହୋଇଗଲା କିନ୍ତୁ ରେଞ୍ଜର ବାବୁଙ୍କ ପୁଅକୁ ନେଇ ସାରିଆ କୁଆଡେ ଚାଲିଯାଇଛି ବୋଲି ପୋଲିସ ପଢୁଥିଲା ରେଞ୍ଜର ବାବୁଙ୍କ ଏତେଲା ।

ଭାବିବାକୁ ମନା ସାରିକୁ କିନ୍ତୁ ନଭାବି ଉପାୟ ନାହିଁ ସାରିଆ ପାଖରେ । ଭାବନାରେ ସେଇ ଗୋଟେ କଥା । ମାଆ ହେବା ଜମା ସହଜ ନୁହଁ । ସେଇ ଆଦିମ କାଳ କଥା ନଭାବି ରହିପାରୁନଥିଲା ସାବି । ସେତେବେଳେ ମାଆଟି କେତେ କଷ୍ଟ କରି ତା ଛୁଆଟିକୁ ବଢ଼ାଇଥିବ ତା ମାଆ ବୋଲି ଭାବି ସାରି ଦୁଃଖ ଦରିଆରେ ଉବୁଟୁବୁ ହେଉଥିଲା । ଜଙ୍ଗଲରେ ନାହିଁ ନାହିଁରେ ଥିଲା ଜହ୍ନ, ଆକାଶ, ମାଟି ଓ ତା ସାଙ୍ଗକୁ ଖରା ବର୍ଷା ଶୀତ ଓ ଋତୁ ବସନ୍ତ । ସାଙ୍ଗକୁ ଗଛରେ ପକ୍ଷୀ ଓ ତାର ଭିନ୍ନ ଭିନ୍ନ ପକ୍ଷୀ ସ୍ୱର ବା କୁଜନ । ଠିକ ତା ବଣ ରାଇଜ ପରି ଓ ସେ ଯେମିତି ସେଇସବୁ ଦେଖେଇ ବଢ଼େଇଥିଲା ତା ପ୍ରଥମ ମାତୃତ୍ୱର ପ୍ରଥମ ସ୍ୱର୍ଶ, କଇଁକୁ । ଦେଖେଇଥିଲା ଗଛ ଓ ପାଣିରେ ମାଛ । ତାକୁ ଚାହିଁରହିଥିବା ବଗ । ସେଇମାନଙ୍କ ସ୍ୱର ଅନୁକରଣ କରି ମାଆ ହୋଇ ଶିଖାଇଥିଲା ଭାଷା ଓ ସାହିତ୍ୟ । ଏକଥା ଭାବିବାକୁ ତାକୁ ମନା କାରଣ ସେ ମାଆ ହେବାକୁ ଯାଉଛି । ନିଜ ଛୁଆର ମାଆ ନୁହଁ ବରଂ ଅନ୍ୟ ବାପା ମାଆଙ୍କ ଶୁକ୍ରାଣୁ ଓ ଡିମ୍ବାଣୁ ପେଟରେ ଧରି ସେ ଆଜି ସରୋଗେସୀ ମାଆ । ଛୁଆ ସିନା ତାର ନୁହଁ କିନ୍ତୁ ଗାଁରୁ ବାବୁର ଛୁଆ ତା ମରଦର ଜାଣିଲା ପରେ ସେ ଚୋରାଇ ଆଣିଥିବା ରେଞ୍ଜର ବାବୁର ଅଲିଅଳ ପୁଅକୁ ବଞ୍ଚାଇ ରଖିବାକୁ ତ ସେ ଆପଣେଇ ନେଇଛି ଏଇ ସରଗେସୀ ମାଆ ହୋଇ ଟଙ୍କା ରୋଜଗାର ପନ୍ଥାକୁ । **(କ୍ରମଶଃ)**

# ଗ୍ରୀଷ୍ମ ପ୍ରବାହ, ପାନୀୟଜଳ, ଅଂଶୁଘାତ ସମସ୍ୟାର ସଫଳ ମୁକାବଲା ପାଇଁ ପ୍ରସ୍ତୁତି ବୈଠକ

**ନବରଙ୍ଗପୁର :** ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ନବରଙ୍ଗପୁର ଜିଲ୍ଲାପାଳ ଡ଼ଃ ମହେଶ୍ୱର ସ୍ୱାଇଁଙ୍କ ଅଧକ୍ଷତାରେ ଗ୍ରୀଷ୍ମ ପ୍ରବାହ ସମ୍ବନ୍ଧୀୟ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ଓ ତାର ମୁକାବିଲା ସମ୍ବନ୍ଧୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆଗାମୀ ଗ୍ରୀଷ୍ମ ଋତୁରେ ପିଇବା ପାଣି, ଏବଂ ଅଂଶୁଘାତର ସମସ୍ୟା ଓ ତାହାର ସଫଳ ମୁକାବିଲା କରିବା ନିମନ୍ତେ ଆଲୋଚନା ହୋଇଥିଲା । ଏହି ବୈଠକରେ ବିଶେଷ କରି ଅଚଳ ପଡିଥିବା ନଳକୂପ ଗୁଡିକୁ ଯୁଦ୍ଧକାଳୀନ ଭିତିରେ ମରାମତି କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ବିଶେଷ କରି ଜିଲ୍ଲାର ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ବିଦ୍ୟାଳୟ ମାନଙ୍କରେ ପ୍ରର୍ଯ୍ୟାପ୍ତ ପରିମାଣର ଓ ଆର୍ ଏସ ପ୍ୟାକେଟ ମହଜୁଦ ରଖିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଜିଲ୍ଲା ସାମାଜ କଲ୍ୟାଣ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପ୍ରତ୍ୟେକ ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱଚ୍ଛ ପାନୀୟ ଜଳ ନିୟମିତ ବ୍ୟବଧାନରେ ଯୋଗାଇବା ବାଧ୍ୟତାମୂଳକ ରଖିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ସେହିପରି ଜିଲ୍ଲା ଶ୍ରମ ବିଭାଗ ତରଫରୁ ଶ୍ରମିକ ମାନଙ୍କ କାର୍ଯ୍ୟ ସ୍ଥଳରେ ସ୍ୱତନ୍ତ୍ର ପାଣି, ବ୍ୟବସ୍ଥା କରିବା ସହିତ ଦିନ ୧୧.୦୦ ଘଣ୍ଟା ସମୟରୁ ଅପରାହ୍ନ ୩.୩୦ ପର୍ଯ୍ୟନ୍ତ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁଁ ଅଂଶୁଘାତର



ଆଶଙ୍କା ଥିବାରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏହି ସମୟ ସୀମା ମଧ୍ୟରେ ଶ୍ରମିକ ମାନଙ୍କୁ କାର୍ଯ୍ୟରେ ନ ଲଗାଇ ବିଶ୍ରାମ ନିମନ୍ତେ ଅସ୍ଥାୟୀ ଛାୟାର ବ୍ୟବସ୍ଥା କରିବା ପାଇଁ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି ରାଜ୍ୟ ସରକାରଙ୍କ ମାର୍ଗଦର୍ଶକ ଅନୁଯାୟୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସ୍କୁଲ ଏବଂ କଲେଜ ରେ ଶିକ୍ଷା ଦାନ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଦାଉରୁ ରକ୍ଷା ପାଇବା ନିମନ୍ତେ ସମସ୍ତ ପ୍ରକାର ପରିବହନ ଯାନ ଏବଂ ଯାତ୍ରୀ ମାନଙ୍କ ନିମନ୍ତେ ବହୁଳ ପରିମାଣରେ ବିଶୁଦ୍ଧ ପାନୀୟ ଜଳ ଏବଂ ପର୍ଯ୍ୟାପ୍ତ ପରିମାଣର ଓଆରଏସ ପ୍ୟାକେଟ ମହଜୁଦ ରଖିବା ପାଇଁ ଜିଲ୍ଲାପାଳ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୌର ପରିଷଦ ବିଭିନ୍ନ ୱାର୍ଡ ରେ ଥିବା ନଳକୂପ ଗୁଡିକୁ ଯୁଦ୍ଧକାଳିନ ଭିତ୍ତିରେ ମରାମତି କରିବା ସହିତ ଆବଶ୍ୟକ ସ୍ଥଳେ ଭ୍ରାମ୍ୟମାଣ ଟ୍ୟାଙ୍କର ସାହାଯ୍ୟରେ ପିଇବା ପାଣିର ସୁବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ନିର୍ବାହୀ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅଂଶୁଘାତର ସଫଳ ମୁକାବିଲା ପାଇଁ ପ୍ରତି ବ୍ଲକସ୍ତର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶଯ୍ୟା, ଆବଶ୍ୟକ ଶୀତ ତାପ ନିୟନ୍ତ୍ରିତ କୋଠରି, ନିୟନ୍ତ୍ରଣ କକ୍ଷ ଖୋଲି ତୁରନ୍ତ ଆବଶ୍ୟକୀୟ ସେବା ଯୋଗାଇ ଦେବା ପାଇଁ ଆଲୋଚନା କରାଯାଇଥିଲା । ଅଂଶୁଘାତର ଆଶଙ୍କାକୁ ଦୃଷ୍ଟିରେ ରଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହିତ ଜିଲ୍ଲାର ପ୍ରତି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଟିପିଏସଓଡିଏଲଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି, ଆବଶ୍ୟକ ସ୍ଥଳେ ଜିଲ୍ଲାର ଜନଗହଳି ସମ୍ପୂର୍ଣ୍ଣ ସ୍ଥାନମାନଙ୍କରେ ଜଳଛତ୍ରର ଆୟୋଜନ କରିବା ନିମନ୍ତେ ସମ୍ପୃକ୍ତ ନିର୍ବାହୀ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ) ବିଶ୍ୱଜିତ ଚନ୍ଦ୍ର ବର୍ମନ ଯୋଗ ଦେଇ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଅନୁରୂପ ଭାବରେ ବ୍ଲକ ସ୍ତରୀୟ ପଦାଧିକାରୀ ମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ କରିବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ବୈଠକକୁ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଗୀତାଞ୍ଜଳି ବେହେରା ପରିଚାଳନା କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ନବରଙ୍ଗପୁର ଯଦୁମଣି ନାୟକ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ମଳୟ କୁମାର ତ୍ରିପାଠୀ, ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପ୍ରତୀକ କୁମାର ରାଉତ, ତ୍ରିପତି ବାଲାଜୀ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ପିଏଆଇଟିଡିଏ ରାଜୀବ ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ ଜିତେନ୍ଦ୍ର ଭୋଇ ଜିଲ୍ଲା ପଞ୍ଚାୟତ ଅଧିକାରୀ ପଦ୍ମନାଭ ତ୍ରିପାଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁରଙ୍କ ସହିତ ଜିଲ୍ଲାର ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକ ଶେଷରେ ଜିଲ୍ଲା ପ୍ରକଳ୍ପ ଅଧିକାରୀ, ହିମାଂଶୁ ଶେଖର ପଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# 'ବାପା ମା'ଙ୍କ ସେବାଶ୍ରମ ଟ୍ରଷ୍ଟ'ର ସପ୍ତମ ବାର୍ଷିକୋତ୍ସବ

**ଭୁବନେଶ୍ୱର :** 'ବାପା ମା'ଙ୍କ ସେବାଶ୍ରମ ଟ୍ରଷ୍ଟ'ର ସପ୍ତମ ବାର୍ଷିକୋତ୍ସବ ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପବିତ୍ର ଅବସରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ, ପୁରୀ ଜିଲ୍ଲା ଶାଖା ଅନ୍ତରଙ୍ଗ ପ୍ରେସ କ୍ଲବର ସଭାପତି ଶରତ କୁମାର ପରିଡ଼ା, ୱେଲଫେୟାର ବୋର୍ଡ ୱାର୍କିଂ କମିଟି ସଭାପତି ସନ୍ଧ୍ୟାରାଣୀ ରଥ, ସେବାଶ୍ରମର ମୁଖ୍ୟ ଗୌତମ ମହାରଣା ଏବଂ ତାଙ୍କ ଧର୍ମପତ୍ନୀ ଜ୍ୟୋତି ମହାରଣା ପ୍ରମୁଖ ଉପସ୍ଥିତ ରହିଥିଲେ । ୫୦ରୁ ଉର୍ଦ୍ଧ୍ୱ ଅସହାୟ ବୃଦ୍ଧ ଓ ବୃଦ୍ଧା ମାନଙ୍କୁ ଶାଢ଼ୀ ଏବଂ ବସ୍ତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ସେବା



ଏବଂ ମାନବିକତାର ଏକ ନିଆରା ନିଦର୍ଶନ ଦେଖିବାକୁ ମିଳିଥିଲା । ବୟସ୍କ ମାନଙ୍କ ମୁହଁରେ ଟିକିଏ ହସ ଫୁଟାଇବା ଏବଂ ସେମାନଙ୍କ ସେବା କରିବା ହିଁ ଆମର ପ୍ରକୃତ ଲକ୍ଷ୍ୟ ।

# ଜଙ୍ଗଲ ନିଆଁ ନିୟନ୍ତ୍ରଣ ଓ ବନ୍ୟଜନ୍ତୁ ସୁରକ୍ଷା ନେଇ ସଚେତନତା ଶିବିର



**ମାଲକାନଗିରି :** ମାଲକାନଗିରି ଜିଲ୍ଲା ମୋଟୁ ବନାଞ୍ଚଳ ପକ୍ଷ୍ୟରୁ ଏମଭି ୭୯ ଠାରେ ଜଙ୍ଗଲ ନିଆଁ ନିୟନ୍ତ୍ରଣ ଓ ବନ୍ୟଜନ୍ତୁ ସୁରକ୍ଷା ନେଇ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୋଟୁ ବନବିଭାଗ ଏମଭି ୭୯ ସ୍ଥିତ ରେଞ୍ଜ୍ କାର୍ଯ୍ୟାଳୟ ଠାରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ କରାଯାଇଛି । ଏହି କାର୍ଯ୍ୟକ୍ରମ ରେ ଏ.ସି.ଏଫ. ମୋନସୁନ ଖେମୁଣ୍ଡୁ , ରେଞ୍ଜ ଅଫିସର ତନୁଜା କାର୍ତିକି , ପରିଚାଳନାରେ ତପନ କୁମର ସାହା, ମୋଟୁ ଫରେଷ୍ଟର ମୁରଲୀ ଧର ଅନୁଗୁଳିଆ, ଦୀପଙ୍କର ଶିଉଳି ଫରେଷ୍ଟର ଏବଂ ଅତିଥି ଭାବେ ଏମଭି–୭୯ ଡଃ ଶ୍ୟାମା ପ୍ରସାଦ ଡିଗ୍ରୀ ମହାବିଦ୍ୟାଳୟର ଯୁକ୍ତ ତିନି ଅଧକ୍ଷା ପ୍ରଭାସିନୀ ମହାପାତ୍ର ସହ ଆଖ ପାଖ ଗ୍ରାମ ର ଭି. ଏସ. ଏସ. ମେମ୍ବର ଓ ଗ୍ରାମ ବାସୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ରେ ବଣ ଅଗ୍ନିକୁ ରୋକିବା ପାଇଁ ଅଷ୍ଟା ଭିଡିଲା ବନ ବିଭାଗ ଗ୍ରୀଷ୍ମ ଋତୁ ପୂର୍ବରୁ ଜଙ୍ଗଲକୁ ନିଆଁରୁ ରକ୍ଷା କରିବା ପାଇଁ ମୋଟୁ ରେଞ୍ଜ ଅଫିସରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଜଙ୍ଗଲ ସୁରକ୍ଷା କମିଟିର ସଭାପତିମାନଙ୍କୁ ସାମିଲ କରାଯାଇ ନିଆଁ ଲିଭାଇବାର ବିଭିନ୍ନ କୌଶଳ ଶିଖାଯାଇଛି । ବନ ବିଭାଗ ଅଧିକାରୀଙ୍କ କହିବା ଅନୁସାରେ, ଜଙ୍ଗଲ ହେଉଛି ଆମର ଜାତୀୟ ସମ୍ପତ୍ତି । ଏଥିରେ ନିଆଁ ଲାଗିଲେ ବହୁ ମୂଲ୍ୟବାନ ଗଛଲତା ଓ ପଶୁପକ୍ଷୀ ପ୍ରାଣ ହରାନ୍ତି । ତେଣୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ଜଙ୍ଗଲକୁ 'ଅଗ୍ନିମୁକ୍ତ' ରଖିବା ପାଇଁ ଏହି ପ୍ରୟାସ କରାଯାଇଛି । କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମହିଳା ଓ ସ୍ଥାନୀୟ ଗ୍ରାମବାସୀମାନେ ମଧ୍ୟ ଜଙ୍ଗଲ ବଞ୍ଚାଇବାକୁ ଶପଥ ନେଇଛନ୍ତି ।

# ଅଗ୍ନିଗଙ୍ଗା ମା'ଙ୍କ ଯାତ୍ରାରେ ଭକ୍ତଙ୍କଠୁ ମିଳିଲା ୧୯ ଲକ୍ଷ ୨୮ ହଜାର ୨୮୩ ଟଙ୍କା

**ଲକ୍ଷ୍ମୀପୁର :** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକର ନିଳାବାଡି ଠାରେ ଚାଲିଥିବା ଦକ୍ଷିଣ ଓଡିଶା ପ୍ରସିଦ୍ଧ ମା ଅଗ୍ନୀ ଗଙ୍ଗା ମାଙ୍କ ନବାଦିନାତ୍ମକ ଘଟ ଯାତ୍ରା ଶେଷ ହୋଇଯାଇଛି । ଏନେଇ ଯାତ୍ରାରେ ବିଭିନ୍ନ କ୍ଷେତ୍ରରୁ ଆଦାୟ ହୋଇଥିବା ଦାନ ଅର୍ଥର ସର୍ବ ସମୁଖରେ ଗଣତି କରାଯାଇଛି । ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ବହୁତ କମ ମିଳିଥିବା ଜଣାପଡିଛି । ଗତ ବର୍ଷ ଚବିଶି ଲକ୍ଷ ଏକୋଇଶି ହଜାର ଆଠ ଶହ ଅଣାନବେ ଟଙ୍କା ସହ ୩.୫ ଗ୍ରାମ ସୁନା ଓ ୧ କେଜି ୬୬ ଗ୍ରାମର ରୁପା ମିଳିଥିବା ବେଳେ ଚଳିତ ବର୍ଷ କେବଳ ଉଣେଇସି ଲକ୍ଷ ଅଠେଇସି ହଜାର ଦୁଇ ଶହ ତେୟାସି ଟଙ୍କା ସହିତ ୦.୨ ମିଲିଗ୍ରାମ ଗ୍ରାମ ସୁନା ଓ ୧୦ ଗ୍ରାମ ରୁପା ମିଳିଥିବା ସୂଚନା ମିଳିଛି । ଗଣତି ବେଳେ ପୂଜା କମିଟିର ସଭାପତି ବାଡ଼ି ସାତ୍ୟାମ, ତହସିଲଦାର ସୋନାଲି ପାତ୍ର, ପଲିସ ଷ୍ଟାଫ, ସମ୍ପାଦକ ଦକ ଗାଣ୍ଟା ରବି ଶଙ୍କର,ସରପଞ୍ଚ ସଦାନା ପିଡ଼ିକା, ବାଡ଼ି ମାହେଶ୍ୱର,ଇଶ୍ୱର ରାଓ, ବନମାଲି ଖରା, ବି.ଉଦୟ ଚନ୍ଦ୍ର,ଜି.ଚନ୍ଦ୍ର ମୋହନ,ଲାଚିଗା ବେନିଆ, ଜିଆନା ମେଲେକା, ବି.ଜନାର୍ଦନ, ଯୁବକ ସଙ୍ଘ ସଦସ୍ୟ ଓ ପୋଲିସ ଷ୍ଟାଫଙ୍କ ଉପସ୍ଥିତି ରେ ଅସ୍ଥାୟୀ ମନ୍ଦିର



ପ୍ରାଙ୍ଗଣରେ ସମସ୍ତ ଟଙ୍କା ର ହିସାବ କରାଯାଇଛି । ଚଳିତ ବର୍ଷ ୦.୨ ମିଲିଗ୍ରାମ ଗ୍ରାମ ସୁନା ଓ ୧୦ ଗ୍ରାମ ରୁପା ମିଳିଥିବା ବେଳେ ଅସ୍ଥାୟୀ ମଣ୍ଡପ ହୁଣ୍ଡିରୁ ଚାରି ଲକ୍ଷ ସତସ୍ତରୀ ହଜାର ଆଠ ଶହ ଚଉରାଳିସି ଓ ମନ୍ଦିର ହୁଣ୍ଡିରୁ ଦୁଇ ଲକ୍ଷ ଛୟାସି ହଜାର ସତୁରି ଟଙ୍କା, ଅସ୍ଥାୟୀ ମଣ୍ଡପରେ ମାଙ୍କ ଦର୍ଶନ ନିମନ୍ତେ ଟିକେଟ ବାବଦକୁ ଛଅ ଲକ୍ଷ ସତେଇଶି ହଜାର ପାଞ୍ଚ ଶହ,ମନ୍ଦିର ଟିକେଟ ବାବଦକୁ ଏକ ଲକ୍ଷ ପାଞ୍ଚ ହଜାର ଛଶହ ଶହ ଟଙ୍କା ମିଳିଛି । ସେହିପରି ଭୋଗ ବିକ୍ରି ବାବଦକୁ ଏକ ଲକ୍ଷ ଏକଷଠି ହଜାର, ଠାକୁରଙ୍କ ଫଟ ବିକ୍ରି ବାବଦକୁ ପଇଁତିରିଶି ହଜାର ଟଙ୍କା,ମୁଣ୍ଡନ ବାବଦକୁ ଏକ ଲକ୍ଷ ସତୁରି ହଜାର, ବାଇକ ଷ୍ଟାଣ୍ଡରୁ ଆଠ ହଜାର, ଚପଲ ଷ୍ଟାଣ୍ଡରୁ ତିନି ହଜାର ପାଞ୍ଚ ଶହ,ହାତ ଦାନ ବାବଦକୁ ତେପନ ହଜାର ସାତଶହ ଅଣସ୍ତୁରୀ ଟଙ୍କା ମିଳିଛି ।

# ଓଡ଼ିଶା ଛାତ୍ରଛାତ୍ରୀଙ୍କ ଚମତ୍କାର ପ୍ରଦର୍ଶନ ପାଇଁ ଆମେ ଗୌରବାନିତ୍ୱ: ଉଚ୍ଚଶିକ୍ଷା ମନ୍ତ୍ରୀ



**ଭୁବନେଶ୍ୱର :** ଟୋକିଓ ବୈଶ୍ୱିକ ବିତ୍ତ ଫୋରମ୍‌ରେ ଓଡ଼ିଶାର ପ୍ରତିନିଧିତ୍ୱ କରିଥିବା ଛାତ୍ରଛାତ୍ରୀମାନେ ଆଜି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଟୋକିଓରେ ଛାତ୍ରଛାତ୍ରୀମାନଙ୍କର ଚମତ୍କାର ପ୍ରଦର୍ଶନ ନିମନ୍ତେ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଆମ ଛାତ୍ରଛାତ୍ରୀଙ୍କ ସଫଳତାକୁ ନେଇ ଆମେ ଗର୍ବିତ । ବୈଶ୍ୱିକ ବିତ୍ତ ଫୋରମ୍ରେ ନିଜର ନବ ସୃଜନ ଓ ନୂତନ ଉଦ୍ୟମର ପ୍ରଦର୍ଶନ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଆମ ରାଜ୍ୟ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଛନ୍ତି । ଉଚ୍ଚଶିକ୍ଷାରେ ଜେନେରାଲ ଷ୍ଟ୍ରିମରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ଯେ କେବଳ ଡ଼ିଗ୍ରୀ ପାଇଁ ପାଠ ପଢୁଛନ୍ତି ତାହା ନୁହେଁ ବରଂ ନିଜର ସୃଜନଶୀଳତା ମାଧ୍ୟମରେ ଲୋକଙ୍କ ସମସ୍ୟାକୁ ସମାଧାନ କରିବାର ପ୍ରୟାସ କରୁଛନ୍ତି ଏବଂ ନୂତନ ପ୍ରକଳ୍ପକୁ ବୈଶ୍ୱିକ ବିତ୍ତ ଫୋରମ୍ରେ ପ୍ରଦର୍ଶିତ କରି ଆମ ସମସ୍ତଙ୍କୁ ଗୌରବାନିତ୍ୱ କରିଛନ୍ତି । ଏହା ସମସ୍ତ ଯୁବବର୍ଗଙ୍କୁ ନିଶ୍ଚିତ ରୂପେ ପ୍ରେରିତ କରିବ', ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ସୂଚନାଯୋଗ୍ୟ ଯେ, ଓଡ଼ିଶା ସରକାର ଏବଂ ସିଙ୍ଗାପୁର ଜାତୀୟ ବିଶ୍ୱ ବିଦ୍ୟାଳୟ – ଏସିଆନ ଇନଷ୍ଟିଚ୍ୟୁଟ ଅଫ୍ ଡ଼ିଜିଟାଲ ଫାଇନାନ୍ସ ଏବଂ ଗ୍ଲୋବାଲ ଫାଇନାନ୍ସ ଆଣ୍ଡ ଟେକନୋଲୋଜି ନେଟୱାର୍କର ମିଳିତ ସହାଭାଗିତରେ ଓଡ଼ିଶାର ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଫିନଟେକ୍ ଓ ଇନସ୍ୟୁରଟେକ୍ ସାର୍ଟିଫିକେଟ ପ୍ରୋଗାମ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ଯେଉଁଥିରେ ୧୯୫ଜଣ ଛାତ୍ରଛାତ୍ରୀ ବିଭିନ୍ନ କ୍ୟାପଷ୍ଟୋନ ପ୍ରକଳ୍ପ ଉପରେ କାମ କରିଥିଲେ । ସେଥି ମଧ୍ୟରୁ ପ୍ରଥମ ସ୍ଥାନ ହାସଲ କରିଥିବା ୭ ଜଣିଆ ଛାତ୍ରଛାତ୍ରୀଙ୍କ ଏକ ଟିମ୍ ନିଜର ଫିନଟେକ୍ ପ୍ରକଳ୍ପକୁ ଟୋକିଓ ବୈଶ୍ୱିକ ବିତ୍ତ ଫୋରମ୍‌ରେ ପ୍ରଦର୍ଶିତ କରିବା ପାଇଁ ଚୟନିତ ହୋଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଧାନସଭାରେ ...

ଛୁଆଙ୍କ ମାନସିକ ସ୍ୱାସ୍ଥ୍ୟ, ଶିଖିବାର କ୍ଷମତା ଓ ଡିଜିଟାଲ୍ ନିଶାକୁ ଦେଖି କଡ଼ା ନିୟମ ଆଣିବା ଜରୁରୀ ହୋଇ ପଡ଼ିଛି । ସରକାରଙ୍କ ଅନୁସାରେ, ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଓ ଅନିୟନ୍ତ୍ରିତ ସ୍କ୍ରିନ୍ ଟାଇମ୍ ଛୁଆଙ୍କ ବ୍ୟବହାର, ଧ୍ୟାନ କ୍ଷମତା ଓ ସୁରକ୍ଷା ଉପରେ ଗୁରୁତର ପ୍ରଭାବ ପକାଉଛି । ଆମର ଲକ୍ଷ୍ୟ ୧୬ ବର୍ଷରୁ କମ୍ ବୟସ୍କ ଛୁଆଙ୍କୁ ସୋସିଆଲ୍ ମିଡିଆର ବିପଜ୍ଜନକ ଓ ଅନୁଚିତ ପ୍ରଭାବ ଠାରୁ ଦୂରେଇ ରଖିବା । ମୋବାଇଲ୍ ଫୋନ୍ ବଢୁଥିବା ବ୍ୟବହାରର ପ୍ରଭାବିକୁ ରୋକିବା ପାଇଁ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା କହିଥିଲେ, ସରକାର ୧୬ ବର୍ଷରୁ କମ୍ ଯୁବବର୍ଗଙ୍କ ସୋସିଆଲ୍ ମିଡିଆ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇବେ । ଏନେଇ ସରକାର ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଠାରୁ ମତାମତ ମାଗିଥିଲେ । ଏହା ପୂର୍ବରୁ ସ୍ୱାସ୍ଥ୍ୟ ମନ୍ତ୍ରୀ ଦିନେଶ ଗୁଣ୍ଡୁ ରାଓ ଏବଂ ଆଇଟି ମନ୍ତ୍ରୀ ପ୍ରିୟଙ୍କା ଖଡ଼ଗେ ମଧ୍ୟ ସମାନ କଥା କହିଥିଲେ । ଯାହା ପରେ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି । ଅନଲାଇନ୍ ନିଶା, ଦୁରୂପଯୋଗ ଓ ଡିଜିଟାଲ କ୍ଷତିକୁ ନେଇ ଚିନ୍ତା ବଢୁଥିବା ବେଳେ ଆନ୍ଧ୍ରପ୍ରଦେଶ ସରକାର ଛୁଆଙ୍କ ସୋସିଆଲ୍ ମିଡିଆ ବ୍ୟବହାର ଉପରେ ବଡ଼ ପଦକ୍ଷେପ ନେବାକୁ ପ୍ରସ୍ତୁତି ଚଳାଇଛନ୍ତି । ରାଜ୍ୟ ମନ୍ତ୍ରୀ ନାରା ଲୋକେଶଙ୍କ ଅନୁସାରେ, ସୋସିଆଲ୍ ମିଡିଆ ଉପରେ ଭରସା ତୁଟୁଛି ଏବଂ ଛୁଆ ନିୟମିତ ବ୍ୟବହାରରେ ଫସି ଯାଉଛନ୍ତି । ଯେଉଁଥିପାଇଁ ସରକାର ଆଇନଗତ ବିକଳ୍ପ ନେଇ ଚର୍ଚ୍ଚା କରିବାକୁ ନିଷ୍ପତ୍ତି ନେଇଛନ୍ତି । ଲୋକେଶଙ୍କ ଅନୁସାରେ, ରାଜ୍ୟ ସରକାର ଏନେଇ ମେଟା, ଗୁଗଲ୍, ଏକ୍ସ ଏବଂ ସେୟାରଚାଟ ଭଳି ପ୍ରମୁଖ କମ୍ପାନୀକୁ ଆଲୋଚନା ପାଇଁ ଡାକିଛନ୍ତି । ଯେଉଁଠି ସର୍ବୋତ୍ତମ ପ୍ରଥା ଉପରେ ଚର୍ଚ୍ଚା କରି ପ୍ରଭାବୀ ମଡେଲ୍ ପ୍ରସ୍ତୁତ କରାଯିବ ।

### ଋଷୀ ଆମ ...

ସହାୟତା ମୋଦୀ ଜୀ ପ୍ରଦାନ କରୁଛନ୍ତି । ପି.ଏମ୍ କିଷାନ ଯୋଜନାରେ ଦରକାର ହେଉଥିବା ସମସ୍ତ ବାଧ୍ୟତାମୂଳକ ମାନଦଣ୍ଡ ଯଥା ଇ-କେୱାଇସି, ଜମିଜମାର ବିବରଣୀ, ଆଧାର -ବ୍ୟାଙ୍କ ଆକାଉଣ୍ଟ ଲିଙ୍କ୍, ଆଧାର ଅନୁଯାୟୀ ନାମ ସଂଶୋଧନ ଆଦି କାର୍ଯ୍ୟ ସମାପନ କରି ଏହି ଯୋଜନାର ସମସ୍ତ ସହାୟତା ଲାଭ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ଚାଷୀ ଭାଇ ଭଉଣୀଙ୍କୁ ଅନୁରୋଧ କରିଥିଲେ । ସେ କହିଥିଲେ ଯେ ପି.ଏମ୍ କିଷାନ୍ ସହିତ ଆମ ସରକାର ମଧ୍ୟ ରାଜ୍ୟରେ "ସିଏମ୍ କିଷାନ" ଯୋଜନାରେ ଯୋଗ୍ୟ ଚାଷୀ ଭାଇଭଉଣୀମାନଙ୍କୁ ଅନ୍ତର୍ଭୁକ୍ତ କରି ଦୁଇଟି କିସ୍ତିରେ ୪ ହଜାର ଟଙ୍କା ପ୍ରଦାନ କରୁଛନ୍ତି । ୬ ଲକ୍ଷରୁ ଅଧିକ ନୂତନ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି । ବର୍ତ୍ତମାନ ସୁଦ୍ଧା ସିଏମ୍ କିଷାନ ଯୋଜନା ଅଧୀନରେ ୫୧ ଲକ୍ଷ ୫୪ ହଜାର ହିତାଧିକାରୀଙ୍କୁ ମୋଟ ୨୯୯୧ କୋଟିରୁ ଅଧିକ ଟଙ୍କାର ସହାୟତାରାଶି ପ୍ରଦାନ କରାଯାଇଛି, ଯେଉଁଥିରେ ୩୨୩୬ ଜଣ ବିଶେଷ ଭାବେ ଅନୁନ୍ନତ ଜନଜାତି ଗୋଷ୍ଠୀ (ପିଭିଟିଜି) ର ଚାଷୀ ଏବଂ ୩୧ ହଜାର ୬୯୫ ଜଣ ସହରାଞ୍ଚଳର ଚାଷୀ ସାମିଲ ଅଛନ୍ତି ଓ ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ସିଏମ୍ କିଷାନ ଯୋଜନାର ହିତାଧିକାରୀମାନଙ୍କ ପିଲାମାନଙ୍କୁ କୃଷି ବିଦ୍ୟାନିଧି ଯୋଜନାରେ ରାଜ୍ୟ ଭିତରେ ଏବଂ ବାହାରେ ଥିବା ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ମାନଙ୍କରେ ଡାକ୍ତରୀ, ଇଞ୍ଜିନିୟରିଂ, କୃଷି ଏବଂ ଆନୁସଙ୍ଗିକ, ନର୍ସିଂ, ଡିପ୍ଲୋମା ଏବଂ ଆଇଟିଆଇ ଭଳି ବୃତ୍ତିଗତ ଏବଂ ବୈଷୟିକ ପାଠ୍ୟକ୍ରମ ଅଧ୍ୟୟନ କରିବା ପାଇଁ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି । ଏହା ଫଳରେ ସିଏମ୍ କିଷାନ ଯୋଜନା ହିତାଧିକାରୀ ପରିବାରର ଛାତ୍ରଛାତ୍ରୀ ମାନେ ବିଶେଷ ଭାବେ ଉପକୃତ ହେଉଛନ୍ତି । ୨୦୨୪-୨୫ ଶିକ୍ଷାବର୍ଷରେ ୧୩,୯୨୩ ଜଣ ଛାତ୍ରଛାତ୍ରୀ କୃଷି ବିଦ୍ୟା ନିଧି ଯୋଜନା ଅଧୀନରେ ୫୩.୬୭ କୋଟି ଟଙ୍କାର ଛାତ୍ରବୃତ୍ତି ସହାୟତା ପାଇଛନ୍ତି, ଯାହା ପୂର୍ବ ବର୍ଷ ତୁଳନାରେ ୫ ଗୁଣ ଅଧିକ ଥିଲା । ଚଳିତ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ କୃଷିବିଦ୍ୟାନିଧି ଯୋଜନାରେ ଆଜି ସୁଦ୍ଧା ୬୮ ହଜାର ୯୧୫ ଛାତ୍ରଛାତ୍ରୀ ଏହି ଛାତ୍ରବୃତ୍ତି ପାଇଁ ଆବେଦନ କରିଛନ୍ତି ଓ ଏଥିପାଇଁ ସେମାନଙ୍କୁ ୨୯୦ କୋଟି ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯିବ ଯାହାକି ଏକ ସର୍ବକାଳୀନ ରେକର୍ଡ ।

### ନିଲାମ ହୋଇପାରୁନି ...

୧୬୪ଟି ହାଇୱା ଓ ଟ୍ରାକ୍ଟର ଜବତ ହୋଇଥିବାବେଳେ ୩୧ଟି ଏଫଆଇଆର ରୁଜୁ ହୋଇଛି ଓ ୮୧.୪୫ ଲକ୍ଷ ଟଙ୍କା ଜୋରିମାନା ଆଦାୟ କରାଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲାରେ ୨୧ଟି ବାଲିଘାଟକୁ ନିଲାମ ଦିଆଯାଇଛି । ଆବଶ୍ୟକତା ଦୃଷ୍ଟିରୁ ଆଉ ୧୦ଟି ନୂତନ ଉତ୍ସକୁ ଚିହ୍ନଟ କରାଯାଇଛି । ଏହି ସର୍ଭେ ରିପୋର୍ଟକୁ ଅନ୍ତର୍ଭୁକ୍ତ କରିବା ପାଇଁ ଏସ୍ଇଆଇଏଏ (ଷ୍ଟେଟ ଏନ୍‌ଭାଇରୋନମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ ଅର୍ଥୋରିଟ୍)କୁ ଅନୁରୋଧ କରାଯାଇଛି । ହେଲେ ଏପର୍ଯ୍ୟନ୍ତ ଗୋଟିଏ ବି ବାଲିଘାଟ ନିଲାମ ହୋଇପାରିନି । ଅନ୍ୟପଟରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରକୁ ଦେଖିଲେ, ୨୦୨୪-୨୫ରେ ବାଲି ଘାଟରୁ ୧୧୨.୪୧ କୋଟି ଟଙ୍କାର ରାଜସ୍ୱ ଆସିଥିବାବେଳେ ଚୋରା କାରବାର ଉପରେ ୬୪.୦୪ କୋଟି ଟଙ୍କାର ଜୋରିମାନା ଆଦାୟ କରାଯାଇଛି । ୧୧,୨୨୩ ଚଢ଼ାଉ କରାଯାଇଛି, ୧୦,୪୦୫ ଗାଡ଼ି ଜବତ ହୋଇଛି ଓ ୧୧୦୧ଜଣଙ୍କୁ ଗିରଫ କରାଯାଇଛି । ବିଧାୟିକା ଉପାସନା ମହାପାତ୍ରଙ୍କୁ ମାର୍ଚ୍ଚ ୧୨ରେ ମିଳିଥିବା ଉତ୍ତରରେ ମନ୍ତ୍ରୀ ଦର୍ଶାଇଛନ୍ତି ଯେ, ଜିଲ୍ଲାସ୍ତରରେ ଖଣି ଅଧିକାରୀଙ୍କ ପାଖରେ ସ୍ୱତନ୍ତ୍ର ଭାବେ ଫୋର୍ସ ରହିବା ପାଇଁ ୫୭ଟି ସେକ୍ସନ୍ ଓଆଇଏସ୍ଏଫ୍ (ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟ୍ ଫୋର୍ସ୍) ନିୟୋଜନ କରିବାକୁ ଗୃହ ବିଭାଗକୁ ଅନୁରୋଧ କରାଯାଇଛି । ସେହିପରି ଓଏମ୍ଏମ୍ସି (ଓଡ଼ିଶା ମାଇନର ମିନେରାଲ କନସେସନ)-୨୦୧୬ ନିୟମକୁ ସଂଶୋଧନ କରି ଖଣି ବିଭାଗର ଅଧିକାରୀଙ୍କ ବ୍ୟତୀତ ଅତିରିକ୍ତ ତହସିଲଦାର, ପୋଲିସ୍ ସବ୍‌ଇନସ୍ପେକ୍ଟର ଓ ତାଙ୍କ ଉପରିସ୍ଥ ଅଧିକାରୀମାନଙ୍କୁ ସର୍ଚ୍ଚ ଆଣ୍ଡ ସିଜ୍ କରିବା ପାଇଁ କ୍ଷମତା ଦେବାକୁ ପଦକ୍ଷେପ ନିଆଯାଇଛି ।

### ମଧୁବାବୁ ଭତ୍ତା ...

୬୮୯ଜଣ ବ୍ୟକ୍ତି ଉଭୟ ମଧୁବାବୁ ପେନସନ ଓ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ପାଇବା ନିମନ୍ତେ ଆବେଦନ କରିଛନ୍ତି । ଏହି ଅବଧି ମଧ୍ୟରେ ୨ ଲକ୍ଷ ୨୭ହଜାର ୭୨୩ ଜଣ ଆବେଦନକାରୀଙ୍କ ଭତ୍ତା ମଞ୍ଜୁର କରାଯାଇଥିବାବେଳେ ୨ ଲକ୍ଷ ୪୧ ହଜାର ୦୬୭ ଜଣ ଅଯୋଗ୍ୟ ଆବେଦନକାରୀଙ୍କ ଆବେଦନକୁ ଖାରଜ କରାଯାଇଛି । ଏବେ ଅବଶିଷ୍ଟ ୫ ଲକ୍ଷ ୨୯ ହଜାର ୮୮୮ ଜଣ ଆବେଦନକାରୀଙ୍କ ଯୋଗ୍ୟତା ଯାଂଚ ପ୍ରକ୍ରିୟା ଜାରି ରହିଛି ଓ ସେମାନଙ୍କୁ ପେନସନ୍ (ମାସିକ ଭତ୍ତା) ପ୍ରଦାନ କରିବା ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚନା ଦେଇଛନ୍ତି । ମାସିକ ଭତ୍ତା ପାଇବା ନିମନ୍ତେ ଆବେଦନକାରୀଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ୧ଲକ୍ଷ ୦୪ ହଜାର ୭୧୮ ଜଣ ଥିବାବେଳେ ସେଠାରେ ୫୪୬୬୦ ଜଣଙ୍କ ଆବେଦନ ଏବେ ବି ବିଚାରଧୀନ ଅଛି । ସେହିପରି ମୟୂରଭଞ୍ଜ ଜିଲ୍ଲାରେ ୪୦୫୦୮ଜଣ ଓ କଟକରେ ୩୨୯୬୦ ଜଣ ଆବେଦନକାରୀ ଅପେକ୍ଷା ତାଲିକାରେ ରହିଛନ୍ତି । ମଧୁବାବୁ ପେନସନ ଯୋଜନାରେ ପ୍ରାୟ ୬ ଲକ୍ଷ ହିତାଧିକାରୀଙ୍କୁ ନୂତନ ଭାବେ ଅନ୍ତର୍ଭୁକ୍ତ କରିବା ପାଇଁ ଏକ ପ୍ରସ୍ତାବ ସରକାରଙ୍କ ବିଚାରଧୀନ ରହିଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚନା ଦେଇଛନ୍ତି ।

### ଅନ୍ତରୀଣ ସୁରକ୍ଷା ...

ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ମଙ୍ଗଳବାର ବିଜେଡିରୁ ଇସ୍ତଫା ଦେଇଥିବା ବେଳେ ବୁଧବାର ବିଜେପିରେ ସାମିଲ ହୋଇଛନ୍ତି । ସେ ତାଙ୍କ ସମର୍ଥକଙ୍କ ସହିତ ବିଜେପିରେ ସାମିଲ ହୋଇଛନ୍ତି । ବିଜେପିରେ ଯୋଗ ଦେବା ପରେ ବିଜେଡିକୁ ଟାର୍ଗେଟ କରି ସେ କହିଥିଲେ, ଯେଉଁ ଆଞ୍ଚଳିକ ଦଳ ଉତ୍ତରାଧିକାରୀ ବାଛି ପାରିବନି, ସେହି ଦଳ ତିଷ୍ଠିବନି । ଆଞ୍ଚଳିକ ଦଳ ସଫଳ ସେତେବେଳେ ହୁଏ ଯେତେବେଳେ ନିଜ ଉତ୍ତରାଧିକାରୀ ବାଛେ । ବିଜେଡିର ଉତ୍ତରାଧିକାରୀ ଯୋଜନା ନାହିଁ । ଏହା ସୁଶାସନ ଦେଇପାରିବନି । ସେ କହିଥିଲେ, କାଂଶୀରାମ ମାୟାବତୀଙ୍କୁ ନିଜ ଉତ୍ତରାଧିକାରୀ କରିଥିଲେ । ବିଏସ୍‌ପି ସଫଳ ହେଲା । ମୁଲାୟମ ସିଂହ ଯାଦବ ନିଜ ପୁଅ ଅଖିଳେଶଙ୍କୁ ଉତ୍ତରାଧିକାରୀ ବାଛିଥିଲେ । ଅଖିଳେଶ ମଧ୍ୟ ସମାଜବାଦୀ ପାର୍ଟିକୁ ଆଗେଇ ନେବାରେ ସଫଳ ହେଲେ । ତାମିଲନାଡୁରେ କରୁଣାନିଧି ଷ୍ଟାଲିନଙ୍କୁ ନିଜ ଉତ୍ତରାଧିକାରୀ କରିଥିଲେ । ଷ୍ଟାଲିନ୍ ମଧ୍ୟ ଡିଏମ୍‌କେ ପାର୍ଟିକୁ ଆଗେଇ ନେବାରେ ସଫଳ ହୋଇଛନ୍ତି । କିନ୍ତୁ ଏପରି ବି ଦଳ ଅଛନ୍ତି ଉତ୍ତରାଧିକାରୀ ନ ବାଛି ବିଫଳତାର ମୁହଁ ଦେଖିଛନ୍ତି । ପଞ୍ଜାବର ଅକାଳୀ ଓ ତାମିଲନାଡୁର ଏଆଇଏଡିଏମ୍‌କେକୁ ଉଦାହରଣ ଭାବେ ନିଆଯାଉ ।

### ପ୍ରକଳ୍ପଗୁଡ଼ିକୁ ...

ଖାଦ୍ୟ ପ୍ରକ୍ରିୟାକରଣ ପରି କମ ପାଣି ଆବଶ୍ୟକ ଥିବା ଆର୍ଥିକ ସହାୟତା ପାଇଁ ନୂତନ ପ୍ରକଳ୍ପ ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି । ଆରଆଇଡିଏଫ୍ ଅଧୀନରେ ବିଭିନ୍ନ ବିଭାଗ ତରଫରୁ କାର୍ଯ୍ୟକାରୀ ସଫଳ ପ୍ରକଳ୍ପ ଗୁଡ଼ିକ ସଂପର୍କରେ ଆଲୋଚନା ହୋଇଥିଲା । ଜଳ ସମ୍ପଦ ବିଭାଗ ଅଧୀନରେ ନୟାଗଡ଼ ଜିଲ୍ଲାର କୁସୁମୀ ଜଳସେଚନ ପ୍ରକଳ୍ପ ଏକ ପ୍ରମୁଖ ସଫଳତା, ଯାହା ଦ୍ୱାରା ୪୯ଟି ଗ୍ରାମର ପ୍ରାୟ ୧.୫ ଲକ୍ଷ ଲୋକ ଉପକୃତ ହେବେ । ଏଥି ସହିତ ବୌଦ୍ଧ ଜିଲ୍ଲାର କପାସିରା ଗୋଷ୍ଠୀ ଭିତ୍ତିକ ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଚାଷୀମାନଙ୍କୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି । ପୂର୍ତ୍ତ ବିଭାଗ ପକ୍ଷରୁ କୋରାପୁଟ ଜିଲ୍ଲାର ସୁଙ୍କି-ଆମ୍ବାଭାଲି-ଏକାଗୋଲୁରୁ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ମଧ୍ୟ ମାଲକାନଗିରି ଜିଲ୍ଲାରେ ଓରାଙ୍ଗି-ବାୟାପଦା ରାସ୍ତା ନିର୍ମାଣ କରି ଦୁର୍ଗମ ଅଞ୍ଚଳକୁ ଯୋଗାଯୋଗ ସୁବିଧା ପହଞ୍ଚାଇପାରିଛି । ଏଥିସହ ଗଞ୍ଜାମ ଜିଲ୍ଲାର ଋଷିକୂଲ୍ୟା ନଦୀ ଉପରେ ଏକ ବୃହତ୍ ସେତୁ ନିର୍ମାଣ କରାଯାଇ ୮୦୦୦ରୁ ଅଧିକ ଲୋକଙ୍କ ଯାତାୟାତ ସମସ୍ୟାର ସମାଧାନ କରାଯାଇଛି । ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ମେଗା ପାନୀୟ ଜଳ ପ୍ରକଳ୍ପ ଜରିଆରେ ହଜାର ହଜାର ପରିବାରକୁ ପାଇପ ଜଳ ଯୋଗାଣ ସୁବିଧା କରାଯାଇଛି । ସେହିପରି କୃଷି ବିଭାଗ ତରଫରୁ ଗଜପତି ଓ ରାୟଗଡ଼ ଜିଲ୍ଲାରେ ସୌର ଶକ୍ତି ଚାଳିତ ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଆଦିବାସୀ ଚାଷୀମାନଙ୍କ ଆର୍ଥିକ ଉନ୍ନତି ପାଇଁ ପଦକ୍ଷେପ ନିଆଯାଇଛି । ଉନ୍ନୟନ କମିଶନର ସଂପୃକ୍ତ ସମସ୍ତ ବିଭାଗୀୟ ସଚିବମାନଙ୍କୁ ପ୍ରତି ମାସରେ ଗ୍ରାମୀଣ ଭିତ୍ତିଭୂମି ବିକାଶ କାର୍ଯ୍ୟ ସମୀକ୍ଷା ବୈଠକ କରିବା ଏବଂ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ କାର୍ଯ୍ୟକ୍ଷମ ପ୍ରକଳ୍ପର ଚୂଡ଼ାନ୍ତ ରିପୋର୍ଟ ମଧ୍ୟ ତୁରନ୍ତ ପୋର୍ଟାଲରେ ଅପଲୋଡ୍ କରିବା ପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି । ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, କୃଷି ଓ କୃଷକ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଗ୍ରାମ୍ୟ ଉନ୍ନୟନ ବିଭାଗର କମିଶନର ତଥା ଶାସନ ସଚିବ ଯାମିନୀ ଷଡ଼ଙ୍ଗୀ, ଏମ୍ଏସ୍ଏମ୍ଇ ବିଭାଗର କମିଶନର ତଥା ଶାସନ ସଚିବ ରଶ୍ମିତା ପଣ୍ଡା, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ କମିଶନର ତଥା ଶାସନ ସଚିବ ପ୍ରେମଚନ୍ଦ୍ର ଚୌଧରୀ, ନାବାର୍ଡର ମୁଖ୍ୟ ସାଧାରଣ ପ୍ରବନ୍ଧକ (ସିଜିଏମ) ବିନୋଦ ଆର୍ଯ୍ୟାଙ୍କ ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗଦେଇଥିଲେ ।

### ଆଣ୍ଠେଇ ପଡ଼ିଲାଣି ...

ଜରିମାନା ନିର୍ଦ୍ଦେଶ ଦେଇଥିବା ଏବଂ ଆଗାମୀ ମଇ ୨୦୨୬ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଜିଲ୍ଲାପାଳ କଡ଼ା ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ଏହାସତ୍ତ୍ୱେ ବହୁ ସ୍ଥାନରେ ପାଣି ଟାଙ୍କି କାର୍ଯ୍ୟ ଅଧାରେ ରହିଛି । କିନ୍ତୁ ଏଲଆଣ୍ଡଟି ଠିକା କମ୍ପାନି ସରକାର ସହ ସ୍ଥାନୀୟ ଲୋକଙ୍କୁ ଠକି ଚାଲିଛି । କାରଣ ଦ୍ୱିତୀୟ ଅବଧି ସରିବାକୁ ଆଉ କାମ ଦିନ ରହିଥିବାରୁ ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆ ପଡ଼ି ରହିଥିବାରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସ୍ଥାନୀୟ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଲେ ଗ୍ରୀଷ୍ମ ଋତୁରେ ଜଳସଙ୍କଟ ହୋଇନ ଥାନ୍ତା ବୋଲି ସ୍ଥାନୀୟ ଅଞ୍ଚଳରେ ବୁଦ୍ଧିଜୀବୀ ମାନେ ଆଲୋଚନା କରୁଛନ୍ତି ।

### ଅଗ୍ନିଶମରେ ...

କୋଣାର୍କ ନିକଟସ୍ଥ ରାମଚଣ୍ଡୀ ଠାରେ ଜଳରୁ ଉଦ୍ଧାର ଏବଂ ପାଣି ତଳେ ସର୍ଚ୍ଚ ଅପରେସନ ପାଇଁ ଉତ୍ସର୍ଗୀକୃତ ପ୍ରଶିକ୍ଷଣ କେନ୍ଦ୍ରକୁ ଗତ ୨୦୨୫ ଡିସେମ୍ବରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି । ସର୍ଚ୍ଚ ଏବଂ ଉଦ୍ଧାର କାର୍ଯ୍ୟ ପାଇଁ 'କେ-୯' ଡଗ୍ ସ୍କ୍ୱାଡ୍ ଗଠନ କରାଯାଇଛି, ଯେଉଁଥିରେ ୧୦ଟି ପ୍ରଶିକ୍ଷିତ କୁକୁର ରାଜ୍ୟର ବିଭିନ୍ନ ସହରରେ ନିଯୁକ୍ତ ହୋଇଛନ୍ତି । ଅଗ୍ନିଶମ ସେବାକୁ ଅଧିକ ସକ୍ରିୟ, ଅଗ୍ନି ସୁରକ୍ଷା ଲାଇସେନ୍ସ ପ୍ରଦାନ ଏବଂ ପ୍ରତ୍ୟେକ କାର୍ଯ୍ୟ କଳାପକୁ ସହଜ, ସୁଗମ ଓ ତ୍ୱରିତ କରାଯିବା ନେଇ ଅଗ୍ନିଶମ ସେବା ପୋର୍ଟାଲ ୨.୦ କାର୍ଯ୍ୟକାରୀ ହୋଇଛି । ଲିଙ୍ଗଗତ ସମାନତା ରକ୍ଷା କରିବାକୁ 'ଫାୟାରମ୍ୟାନ' ପଦବୀକୁ 'ଫାୟାର ଫାଇଟର' ବା "ଅଗ୍ନିଯୋଦ୍ଧା" ଭାବେ ନାମିତ କରାଯାଇଛି । ଅଗ୍ନିଶମ ସେବା କର୍ମଚାରୀରୁ ସେମାନେ ଅଗ୍ନିଯୋଦ୍ଧା ଭଳି ସମ୍ମାନରେ ପଦବାଚ୍ୟ ହୋଇ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଛନ୍ତି । ଆଗାମୀ ଦିନରେ ମହିଳାମାନେ ମଧ୍ୟ ଅଗ୍ନିଶମ ସେବା କ୍ଷେତ୍ରରେ ନିଯୁକ୍ତି ପାଇବେ ବୋଲି ଅଗ୍ନିଶମ ସେବା ଡିଜି ଡଃ. ଷଡଙ୍ଗୀ ସୂଚନା ଦେଇଥିଲେ । ଜନ ସାଧାରଣଙ୍କ ସଚେତନତା ଓ ସୂଚନା ପାଇଁ ଅଗ୍ନିଶମ ସେବା ଶାଖା ପକ୍ଷରୁ ସାମାଜିକ ଗଣ ମାଧ୍ୟମ (ସୋସିଆଲ ମିଡିଆ) ବ୍ୟବହାର କରାଯାଉଛି । ୯୧୧ ଜଣ ନୂତନ ଅଗ୍ନିଯୋଦ୍ଧା ନିଯୁକ୍ତି ହୋଇ ସେମାନଙ୍କୁ ରାଜ୍ୟର ବିଭିନ୍ନ ସ୍ଥାନରେ ନିଯୁକ୍ତ କରାଯାଇଛି । ଖାଲିପଡ଼ିଥିବା ସମସ୍ତ ପଦବୀ ଶୀଘ୍ର ପୂରଣ ପାଇଁ ପଦକ୍ଷେପ ନିଆଯାଇଛି । ନାଗରିକ ସୁରକ୍ଷା (ସିଭିଲ ଡିଫେନ୍ସ) ସହାୟତାକୁ ଅଗ୍ନିଶମ ସେବା ସହ ସମନ୍ୱିତ କରିବା ପାଇଁ ପଦକ୍ଷେପ ନିଆଯାଇଛି । ଓଡ଼ିଶା ପର୍ଯ୍ୟଟନ ବିଭାଗ ସହିତ ସମ୍ମିଳିତ ଭାବେ ହୋଟେଲ ଓ ପର୍ଯ୍ୟଟନ ଶିଳ୍ପ ପାଇଁ ଲାଇଫ୍ ଗାର୍ଡମାନଙ୍କୁ ପ୍ରଶିକ୍ଷଣ ଓ ସାର୍ଟିଫିକେଟ୍ ଦେବା ନିମନ୍ତେ ଏକ ଏମଓୟୁ ସ୍ୱାକ୍ଷର କରାଯାଇଛି, ଯାହା ଦେଶରେ ପ୍ରଥମ ଉଦ୍ୟମ ଭାବେ ବିବେଚିତ ହୋଇଛି । ବ୍ୟବସାୟ କରିବାର ସହଜତାକୁ ଗୁରୁତ୍ୱ ଦେଇ ଅଗ୍ନି ସୁରକ୍ଷା ଅଡିଟ୍, ସ୍ୱୟଂକ୍ରିୟ ନବୀକରଣ ଓ ତୃତୀୟ ପକ୍ଷ ଯାଞ୍ଚ ପ୍ରଣାଳୀକୁ ମଧ୍ୟ କାର୍ଯ୍ୟକାରୀ କରାଯାଇଛି । ପ୍ରତ୍ୟେକ ଅଗ୍ନିଶମ କର୍ମଚାରୀଙ୍କୁ ବିଭିନ୍ନ କାର୍ଯ୍ୟ ସମେତ ନିର୍ଦ୍ଦିଷ୍ଟ ଗୋଟିଏ ବିଷୟରେ ଯଥା ସ୍କୁବା ଡାଇଭର, ପ୍ରାଥମିକ ଚିକିତ୍ସା, ସର୍ଚ୍ଚ ଏବଂ ଉଦ୍ଧାର, ଫାୟାର ଫାଇଟର ଟ୍ରେନର, ଜଙ୍ଗଲ ନିଆଁ ଲିଭାଇବା, ଦୁର୍ଘଟଣା ପ୍ରତିକ୍ରିୟା, କେ-୯., କମାଣ୍ଡ ସେଣ୍ଟର ବିଶେଷଜ୍ଞ ଆଦି କ୍ଷେତ୍ରରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇ ବିଶେଷଜ୍ଞ ବ୍ୟାଚ୍ ପ୍ରଦାନର ବ୍ୟବସ୍ଥା ଆରମ୍ଭ କରାଯାଇଛି, ଯାହାକି ଅଗ୍ନିସେବା ସଂପର୍କିତ କାର୍ଯ୍ୟରେ ଦକ୍ଷତା ଓ ଗୌରବ ବୃଦ୍ଧି କରିବ । ଅଗ୍ନିଶମ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଓ ଆଘାତ ପରେ ପୁନର୍ବାସ ପାଇଁ ଇଞ୍ଜୁରି ମ୍ୟାନେଜମେଣ୍ଟ, ରିକଭରି ଓ ରିହାବିଲିଟେସନ୍ ସେଣ୍ଟର ସ୍ଥାପନ କରାଯାଇଛି ।

# ଚଳନ୍ତି ଓ ପ୍ରତ୍ୟକ୍ଷ ଦେବୀ



# ଶ୍ରୀ ଅଗ୍ନି ଗଙ୍ଗାମ୍ମା

ଆନ୍ଧ୍ର ପ୍ରଦେଶ କୋରାପୁଟ ତଥା ରାୟଗଡା ଜିଲ୍ଲାର ସୀମାନ୍ତ ଅଞ୍ଚଳ କୋରାପୁଟ ଜିଲ୍ଲାର ବନ୍ଧୁଗାଁ ବ୍ଲକର ନୀଲାବାଡ଼ୀ ଗ୍ରାମରେ ଶ୍ରୀ ଅଗ୍ନି ଗଙ୍ଗାମ୍ମା ପୂଜା ପାଉଛନ୍ତି। ଯାହାଙ୍କ ମହିମା ଅପାର। ସେ ସଦାସର୍ବଦା ଭକ୍ତଙ୍କ ଝୋଲି ଭରିଦିଅନ୍ତି ଯେଉଁ ଭକ୍ତ ଭକ୍ତିର ମାଁଙ୍କ ଠାରେ ପୂଜାର୍ଚ୍ଚନା କରି ମନସ୍କାମନା ରଖନ୍ତି ତାହା ନିଶ୍ଚିତ ଭାବେ ପୂରଣ ହୁଏ। ଆଜି

ଅମୁଲ୍ୟ ନିଶଙ୍କ

ଆମେ ସେହି ମାଁଙ୍କ ବିଷୟରେ କହିବାକୁ ଯାଉଛୁ। ରାୟଗଡା ସହର ଠାରୁ ମାତ୍ର ୫୫କିଲୋମିଟର ଦୂରରେ ମାଁଙ୍କ ମନ୍ଦିର ଅବସ୍ଥିତ। ମାଁଙ୍କ ଦର୍ଶନ ନିମନ୍ତେ ବସ ରୁଟ ହିଁ ଏକ ମାତ୍ର ରାସ୍ତା। ଶ୍ରଦ୍ଧାଳୁ ଗଣ ମାଁଙ୍କ ଦର୍ଶନ ନିମନ୍ତେ ବସ, ମୋଟର ସାଇକେଲ, କାର, ଅଟୋ ଯୋଗେ ଯାଆନ୍ତି। ରାୟଗଡା କୋରାପୁଟ ଜାତୀୟ ରାଜପଥରେ ପ୍ରାୟ ୨୦କିଲୋମିଟର ଗଲା ପରେ ଫୁଲକନା ନାମକ ଏକ ଛକ ପଡେ। ସେହି ଛକ ଦେଇ ପାହାଡ଼ ପର୍ବତ ମାଳା ଅତିକ୍ରମ କରି କିମ୍ଭାରିପୁଟ ଦେଇ ନୀଲାବାଡ଼ୀରେ ପହଞ୍ଚି ମାଁଙ୍କ ଦର୍ଶନ କରିଥାନ୍ତି। ମାଁ କିପରି ସେହି ସ୍ଥାନରେ କିପରି ଭାବେ ଅଗ୍ନି ଗଙ୍ଗାମ୍ମା ରୂପେ ଆବିର୍ଭାବ ହେଲେ ତାହା ବାହୁ ରହସ୍ୟ ପୂର୍ଣ୍ଣ।

ପୂର୍ବ କାଳରେ ୧୭୧୩-୧୭୫୨ ଖ୍ରୀଷ୍ଟାବ୍ଦରେ ଓଡିଶା ରାଜ୍ୟର ଜୟପୁରରେ ମହାବୀର ଦ୍ୱିତୀୟ ବିଶ୍ୱମ୍ଭର ଦେବ ନାମକ ଏକ ରାଜା ରାଜୁତି କରୁଥିଲେ। ତାଙ୍କରି ଶାସନ କାଳରେ ପ୍ରଜାମାନେ ଅତି ସୁଖରେ କାଳ କାଟୁଥିଲେ। କିନ୍ତୁ ଭିଲ୍ଲ ଜାତିର ଲୋକେ ଭୟଙ୍କର ବନ୍ୟଜନ୍ତୁଙ୍କ ଶିକାର ହେଉଥିଲେ। ଏହି ଭିଲ୍ଲ ମାନେ ନିଜର ଜୀବନ ରକ୍ଷା ନିମନ୍ତେ ଦିନେ ରାଜ ଦରବାରରେ ରାଜସଭା ଚାଲୁଥିବା ସମୟରେ ରାଜାଙ୍କୁ ଦର୍ଶନ କରି ସେମାନେ କିପରି ଭୟଙ୍କର ବନ୍ୟଜନ୍ତୁଙ୍କ ଶିକାର ହୋଇ ନିଜର ଜୀବନ ତ୍ୟାଗ କରୁଛନ୍ତି ତାହା ରାଜାଙ୍କୁ ଜଣାଇଥିଲେ। ନିଜ ନିଜର ଜୀବନ ରକ୍ଷା ନିମନ୍ତେ ଗୁହାରି କରିଥିଲେ। ରାଜା ସେମାନଙ୍କ ଜୀବନ ରକ୍ଷା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ନିଜର ପ୍ରତିଶ୍ରୁତି ରକ୍ଷା ନିମନ୍ତେ ରାଜା ନିଜର ମନ୍ତ୍ରୀ, ସୈନ୍ୟ ପ୍ରହରୀଙ୍କ ସହ ଅରଣ୍ୟକୁ ଯାଇ ତିନି ଦିନ ଧରି ବାହୁ ଭୟଙ୍କର ବନ୍ୟଜନ୍ତୁକୁ ମାରି ଭିଲ୍ଲ ମାନଙ୍କ ଜୀବନ ରକ୍ଷା କରିଥିଲେ। ତୃତୀୟ ଦିନ ସନ୍ଧ୍ୟା ହେବାରୁ ଅରଣ୍ୟ ମଧ୍ୟରେ ତମ୍ବୁ ଟାଣି ରାତ୍ରି ବିଶ୍ରାମ କରି ସଖାଳୁ ରାଜଧାନୀ ଅଭିମୁଖେ ଯିବା ନିମନ୍ତେ ସ୍ଥିର କରି ରାତ୍ରୀ ତମ୍ବୁ ମଧ୍ୟରେ ରାଜା ନିଜର ପରିବାରଙ୍କ ସହିତ ବିଶ୍ରାମ ନିଅନ୍ତି। ବାହାରେ ପ୍ରହରୀ ମାନେ ପାଇଁତରା ମାରୁଥାନ୍ତି। ଠିକ ଏହି ସମୟରେ ଦୂରରୁ ଏକ ପକ୍ଷୀର ବିକଟାଳ ଶବ୍ଦ ଶୁଣାଗଲା। ସଂଗେ ସଂଗେ ସମଗ୍ର ଅରଣ୍ୟ ମଧ୍ୟରେ ପକ୍ଷୀର ରାବରେ ପ୍ରତିଧ୍ୱନିତ ହେବାରେ ଲାଗିଲା। ତାହା ସାଙ୍ଗକୁ ଶୃଗାଳ ମାନଙ୍କ ଭୟଙ୍କର ଶବ୍ଦ ଶୁଣାଗଲା। ଏହି ଭୀଷଣ ପବନ ସାଙ୍ଗକୁ ଝଡ଼ ବର୍ଷା ଆରମ୍ଭ ହେଲା। ପବନରେ ଛୋଟ ବଡ଼ ଗଛ ମନ ଉପୁଡିବାରେ ଲାଗିଲା। ଅରଣ୍ୟ ମଧ୍ୟରେ ରହୁଥିବା ସମସ୍ତ ଜୀବଜନ୍ତୁ ପକ୍ଷୀ ଗଣ ଏକ ବୃକ୍ଷ ମୂଳେ ଆଶ୍ରୟ ନେଇ ମୃତ୍ୟୁ ବରଣ କରିଲେ। ଏଣେ ଏଣେ ତମ୍ବୁ ପବନରେ ଉଡ଼ିଗଲା ଓ ସେହି ସ୍ଥାନରେ ମଶାଲ ନିର୍ବାପିତ ହେଲା ଘନ ଅନ୍ଧକାରରେ ପ୍ରହରୀ ମାନେ ଦିଗ ଜାଣି ନ ପାରି ଧାଇଁବାରେ ଲାଗିଲେ। ପ୍ରହରୀଙ୍କ ବିକଳ ଚିତ୍କାର ଶୁଣି ରାଜା ବାହାରକୁ ଆସି କିଛିକ୍ଷଣ ସ୍ତବ୍ଧ ହୋଇଗଲେ।ଓ ମନ୍ତ୍ରୀଙ୍କୁ ଡାକ ପକାଇଲେ ତମ୍ବୁ ଉଡିଯିବାରୁ ରାଜା ବଟ ବୃକ୍ଷର ଓହଳକୁ ଧରି ନିଜର ପ୍ରାଣ ରକ୍ଷା କରିଥିଲେ। କିନ୍ତୁ ପରିବାର ମନ୍ତ୍ରୀ ସୈନ୍ୟ ପ୍ରହରୀ କୁଆଡେ ଗଲେ କିଛି ଜଣା ଗଲାନାହିଁ। ରାଜା ଏହି ସମୟରେ ନିଜର ଇଷ୍ଟ ଦେବୀ ମାଁ ଦୁର୍ଗାଙ୍କୁ ବିକଳର ସହିତ ନିଜ ପରିବାର ରକ୍ଷା ନିମନ୍ତେ ପ୍ରାଥନା କରିଲେ। ମାଁଙ୍କ ପ୍ରତି ଭକ୍ତିରେ ହୃଦୟ ବିଗଳିତ ହେଲା। କିଛି ସମୟ ପରେ ରାଜା ଭୂମିରେ ପଡିଗଲେ। ଏହି ସମୟରେ ରାଜା ପ୍ରାଣମୂର୍ଚ୍ଛା ଅବସ୍ଥାରେ ପଡିଥାନ୍ତି। ବର୍ଷା ସମ୍ପୂର୍ଣ୍ଣ ରୂପେ କମିଯାଇ ଏକ ଅଦ୍ଭୁତ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରିବେଶ ମଧ୍ୟ ଶାନ୍ତ ଶୀତଳ ହୋଇଯାଇଥିଲା। ଠିକ ଏହି ସମୟରେ ଏକ ଦିବ୍ୟ ତେଜ ଦୃଶ୍ୟମାନ ହେଲା। ସେହି କାନ୍ତି ମଧ୍ୟରୁ ଏକ ଆଠ ବର୍ଷର ବାଳିକା ପ୍ରତ୍ୟକ୍ଷ ହେଲେ। ସେହି ବାଳିକା ଜଣକ ଅପୂର୍ବ ଶୋଭାରେ ଝଲସିଥୁଲେ। ସେ ନିଜର ପରିବାରଙ୍କ ସହିତ ଫଳ ମୂଳ ବାଉଁଶ ନଳୀରେ ପାଣି ଓ ହାଣ୍ଡିର ଅଗ୍ନି ଆଣି ରାଜାଙ୍କୁ ନିଆଁରେ ସେକ ଦେଇ ଶୋଷ ମେଣ୍ଟାଇବା ନିମନ୍ତେ ଜଳ ଦାନ କରିଥିଲେ। ରାଜନ ମୁଣ୍ଡରୁ ରକ୍ତ ସଫା କରିଦେଇଥିଲେ। ନିଜର କମଳ ହସ୍ତରେ ରାଜାଙ୍କୁ ଛୁଇଁ ନିଜର କେଶ ରାଶି ଦ୍ୱାରା ରାଜାଙ୍କର ମସ୍ତକ କୁଆଡେ କେଶରେ ସୁଶୋଭିତ କରିଥିଲେ। ମଧୁର ଫଳ ରାଜାଙ୍କୁ ଖାଇବାକୁ ଦେଇଥିଲେ। ଫଳ ଭକ୍ଷଣ କରି ରାଜା ଉଠି ପ୍ରକୃତିସ୍ଥ ହୋଇ ପ୍ରାଣଦାତ୍ରି ମାଁଙ୍କୁ ନିଜର ବିନମ୍ର ପ୍ରଣାମ ଜଣାଇଲେ। ରାଜା ବିନମ୍ରତାର ସହିତ ହାତ ଯୋଡି ମାଁ ଏଭଳି ବିପଦ ସମୟରେ ମୋର ରକ୍ଷା ପାଇଁ ଆସିଛ ମୁଁ ତୁମ କୁଆଡେ ନିତ୍ୟ ପୂଜା କରିବା ପାଇଁ ମୋତେ ମୋର ପରିବାର କୁଆଡେ ସୁଯୋଗ ଦେବା ଲାଗି ବର ପ୍ରାର୍ଥନା କରିଥିଲେ। ମା ମୋର ରାଜ୍ୟର ଯେକୌଣସି ସ୍ଥାନରେ ତୁମର ଇଛାରେ ନିବାସ କରିବା ପାଇଁ ମୋର ଅନୁରୋଧ। ଏହା ଶୁଣି ବାଳିକା ସହସ୍ୟ ବଦନରେ କନ୍ଦମୂଳ ଫଳ ରାଜାଙ୍କ ହସ୍ତରେ ଅର୍ପଣ କଲେ। ଏହାପରେ ରାଜା କହିଲେ ମାଆ ମୋର ପରିବାର ମନ୍ତ୍ରୀ ସୈନ୍ୟ ଗଣ କୁଆଡେ ଗଲେ ବର୍ତ୍ତମାନ ମୁଁ ଏକାକୀ ମୁଁ ରାଜ୍ୟକୁ ଫେରି କଣ କରିବି ଏହା ବାଳିକା ସ୍ମିତହାସ୍ୟର ସହିତ ବାମ ଆଙ୍ଗୁଳି ଦ୍ୱାରା ନିର୍ଦ୍ଦେଶ କରୁଥିବା ଦିଗରୁ ରାଜାଙ୍କ ପରିବାର ମନ୍ତ୍ରୀ ସହିତ ପ୍ରତ୍ୟାବର୍ତ୍ତନ କରୁଥିବାର ଦେଖାଗଲା। କିଛି ମୁହୂର୍ତ୍ତରେ ରାଜ ପରିବାର ଓ ମନ୍ତ୍ରୀ ରାଜାଙ୍କ ନିକଟରେ ଉପସ୍ଥିତ ହେଲେ। ରାଜା ସେମାନଙ୍କୁ ରାଜା କନ୍ଦମୂଳ ଫଳ ପ୍ରଦାନ କରିଲେ। ଖାଇବା ପାଇଁ ମନ୍ତ୍ରୀ ରାଜାଙ୍କୁ ପଚାରିଲେ। କନ୍ଦମୂଳ ଫଳ ଅଗ୍ନି କେଉଁଠାରୁ ଆସିଲା ବୋଲି ପ୍ରଶ୍ନ କରିଥିଲେ। ଏହି ମାନଙ୍କୁ ଦେଖି ଦୃଶ୍ୟମନ ବାଳିକା ଅଦୃଶ୍ୟ ହୋଇଗଲେ। ପରେ ବୁଝିପାରିଲେ ରାଜା ବାଳିକାକୁ ସାଷ୍ଟାଙ୍ଗ ପ୍ରଣାମ କରି କହିଲେ ମାଆ ତୁମେ ଆମକୁ ଶୀତରୁ





ରକ୍ଷା ପାଇଁ ଅଗ୍ନି ତୃଶା ନିବାରଣ ପାଇଁ ଗଙ୍ଗା ଓ କ୍ଷୁଦାନିବାରଣ ପାଇଁ ମାଆ ପରି ଫଳମୂଳ ପ୍ରଦାନ କରି ଆମକୁ ପୁନର୍ଜନ୍ମ ଦେଇଛ। ତେଣୁକରି ଅଗ୍ନି +ଗଙ୍ଗା +ଆମା ମିଶାଇ ତୁମର ନାମ ଆଜିଠାରୁ ଅଗ୍ନିଗଙ୍ଗାମାଆ ନାମରେ ଭକ୍ତ ପ୍ରତିଦିନ ସ୍ମରଣ କରି ପୂଜା କରିବେ। ସେତେବେଳେ ରାଜା ଅରଣ୍ୟ ବାସୀଙ୍କୁ ଡାକି ମାଆଙ୍କ ମହିମା ବିଷୟରେ ବର୍ଣନା କରିଲେ। କଳସରେ ପାଣି ରଖି ମାଆଙ୍କ ପୂଜା ପାଇଁ ଆଦେଶ ଦେଲେ। ଆଜି ସେହି ଅରଣ୍ୟ ପ୍ରଦେଶ ଗୁଣୁପୁର ଗୁଡ଼ାରୀ ରୂପେ ଲୋକମୁଖରେ କଥିତ ଫାଲାଗୁନ ମାସ ଅମାବାସ୍ୟା ପରେ ଦ୍ୱିତୀୟ ସମବାର ଠାରୁ ମାଆଙ୍କ ନବ ଦିନ ବ୍ୟାପି ଯାତ୍ରା ଅନୁଷ୍ଠିତ ହେବ ବୋଲି ରାଜା ବିଧାନ କଲେ। ମାଁଙ୍କ ପଛରେ ରାଜା ପରିବାର ମନ୍ତ୍ରୀ ଚାଲିଲେ ବଣ ଜଙ୍ଗର ପାହାଡ଼ ନଦୀ ନାଳ ଅତିକ୍ରମ କରି ଚାଲିଲେ। ଏହି ସମୟରେ ସେମାନେ ଭୋକ ଶୋସ ଭୁଲିଗଲେ। ଇତି ମଧ୍ୟରେ ଏକ ରମଣୀୟ ପୁଷ୍ପଲତା ଶୋଭିତ ଏକ ସ୍ଥାନ ଦେଖାଗଲା। ମାଁଙ୍କୁ ସେହି ପୁଷ୍ପରାଶିର ଅପୂର୍ବ ଶୋଭାରେ ମଣ୍ଡିତ କରାଗଲା। ସେହି ସ୍ଥାନକୁ ରାଜା ମନ୍ତ୍ରୀଙ୍କ ସହିତ ବିଚାର କରି ଫୁଲକୋନା ନାମରେ ନାମିତ କରିଲେ। ଯାହାକି ରାୟଗଡାରୁ କୋରାପୁଟ ଯିବା ସମୟରେ ପଡୁଛି। ସେହିଠାରୁ ମାଙ୍କ ପଛେ ପଛେ ରାଜା ପରିବାର ଚାଲିଲେ। ରାଜାଙ୍କୁ ଦେଖି ଏକ କୁମ୍ଭାର ଗୋଟିଏ ପୁଟି ମାଣରେ ଫୁଲ ଭର୍ତ୍ତି କରି ରାଜାଙ୍କୁ ଉପହାର ଦେବା ନିମନ୍ତେ ଆସିଲା। ତାକୁ ଦେଖି ରାଜା କୁମ୍ଭକାରକୁ କହିଲେ ଯେ ଘୋଡା ଉପରେ ବସିଥିବା ମାଁ ଅଗ୍ନିଗଙ୍ଗାମା ଆମକୁ ରକ୍ଷା କରି ପୁନର୍ଜନ୍ମ ଦେଇଛନ୍ତି। ସେହି କୁମ୍ଭାରକୁ ଘୋଡା ଦେଖାଯାଉଛି କିନ୍ତୁ ମାଁ ଦୃଶ୍ୟ ମନ ହେଉନଥିଲେ। ତଥାପି ସେହି କୁମ୍ଭାର ସେହି ଘୋଡାକୁ ପୂଜା କଲେ। କିନ୍ତୁ ସେହି ଫୁଲଟି ମାଁଙ୍କ ଉପରେ ପଡିଲା। ଏହା ଦେଖି ରାଜା କୁମ୍ଭାର ପୁଟିରେ ଫୁଲ ଆଣିଥିବାରୁ ସେହି ସ୍ଥାନକୁ ରାଜା କୁମ୍ଭାରୀପୁଟ ନାମ ରଖିଥିଲେ। ତାହା ପରେ ପରେ ଆଗେ ମା ପଛରେ ରାଜା ପରିବାର ଚାଲିଥାନ୍ତି। ବାହୁ ସମୟ ଚାଲିଲା ପରେ ଏକ ଛୋଟ ପଲି ଗ୍ରାମ ନିକଟରେ ପହଂଚିଥିଲେ। ସେଠାରେ ଥିବା ଏକ ଫାଶୀ ଗଛ ପାଖରେ ମାଁ ଅଦୃଶ୍ୟ ହୋଇଗଲେ। ରାଜା ଆଶ୍ଚର୍ଯ୍ୟ ହୋଇ ସେହି ଫାଶୀ ଗଛ ମୂଳରେ ଏକ ମୂର୍ତ୍ତି ଦେଖିବାକୁ ପାଇଥିଲେ। ରାଜା ତୁରନ୍ତ ସୈନ୍ୟ ପଠାଇ ନିକଟରେ ଥିବା ଗ୍ରାମବାସୀଙ୍କ ଡାକିଥିଲେ ଓ କହିଥିଲେ ଏହା ହେଉଛି ମା ଙ୍କ ପ୍ରିୟ ସ୍ଥାନ ବୋଲି ଗା ଲୋକଙ୍କୁ ବୁଝାଇ ଥିଲେ। ମାଙ୍କ ପରିଚୟ ଦେଇ କହିଲେ ଏହି ମୂର୍ତ୍ତି ହେଉଛନ୍ତି ମା ଅଗ୍ନିଗଙ୍ଗାମାଁ। ଯେ କି ଆମକୁ ବିପଦରୁ ଉଦ୍ଧାର କରିଛନ୍ତି। ସେ ଏଣିକି ଏହି ସ୍ଥାନରେ ପୂଜା ପାଇବେ। ପ୍ରତ୍ୟେକ ବର୍ଷ ଏହିଠାରେ ଯାତ୍ରା ଅନୁଷ୍ଠିତ ହେବ। ଆଦିମ ଜନଜାତି ମଧ୍ୟରୁ ଜଣକୁ ପୂଜାରୀ ଓ ଗାଦବା ଜାତିର ଲୋକଙ୍କୁ ବେଶ ହୋଇ ମାଁଙ୍କର ମନରଞ୍ଜନ କରିବା ତଥା ହାଡ଼ି ଜାତିର ଜଣକୁ ମାଁଙ୍କର ଉପସ୍ଥିତ ଗ୍ରାମରେ ଜଣାଇବା ପାଇଁ ଆଦେଶ ଦେଇଥିଲେ। ଫାଲଗୁନ ମାସ ଅମାବାସ୍ୟା ପରେ ଠାରୁ ଦ୍ୱିତୀୟ ସମବାର ଦିନ ଠାରୁ ମାଙ୍କ ନବ ଦିନ ବ୍ୟାପି ଯାତ୍ରା ଅନୁଷ୍ଠିତ ହେବ ବୋଲି ରାଜା ଘୋଷଣା କଲେ। ଆଜି ଠାରୁ ପ୍ରତ୍ୟେକ ବର୍ଷ ଏହି ଦିନରେ ମାଙ୍କ ସାତ ଦିନ ବ୍ୟାପି ଯାତ୍ରା ହେବ ବୋଲି ସ୍ଥିର ହେଲା। କିନ୍ତୁ ହାଡ଼ି ଆସି ନବ ଦିନ ପର୍ଯ୍ୟନ୍ତ ଯାତ୍ରା କରିବା ପାଇଁ ବାଉଁଶରେ ମଶାଲ ତିଆରି କଲେ ନ ଦିନ ପର୍ଯ୍ୟନ୍ତ ଯାତ୍ରା ଅନୁଷ୍ଠିତ ହେଲା। ଯାତ୍ରା ଶେଷ ହେବା ପରେ ରାଜା ସେହି ସ୍ଥାନରୁ ବିଦାୟ ନେଲେ। ଶେଷ ପର୍ବ ଦିନ ଅଗ୍ନି ଖଣ୍ଡ (ନିଲାକୁ) ଗାମୁଛାରେ ବାନ୍ଧି ଗଣ୍ଠି ପକାଇ ଧାରଣ କରିବାରୁ ସେହି ସ୍ଥାନକୁ ରାଜା ନୀଲାବାଡ଼ୀ ନାମରେ ନାମିତ କରିଲେ। ଏହି ମନ୍ଦିରରେ ଅଗ୍ନିଗଙ୍ଗାମାଁ, ଜଳଗଙ୍ଗା ଓ ପାତାଳଗଙ୍ଗା ପୂଜା ପାଇଥାନ୍ତି। ଏଠାର ବିଶେଷତ୍ୱ ଏହା କି ଯେ ମାଙ୍କୁ କେବଳ ସ୍ତ୍ରୀ ଲୋକ ହିଁ ଦୈନିକ ପୂଜା କରିଥାନ୍ତି। ବର୍ଷକୁ ଯାତ୍ରା ସମୟରେ ଓଡିଶା ତଥା ଆନ୍ଧ୍ର ପ୍ରଦେଶରୁ ଲକ୍ଷାଧିକ ଭକ୍ତ ସମାଗମ ହୋଇଥାନ୍ତି। ଆମ କମିଟି ପକ୍ଷରୁ ଏହି ମନ୍ଦିରର ଉନତି ସାଙ୍ଗକୁ ବିଶ୍ରାମ କକ୍ଷ ନିର୍ମାଣ ସହିତ ମନ୍ଦିରକୁ ରାସ୍ତା ନିର୍ମାଣ କରାଯାଇଛି। ଯାତ୍ରା ସମୟରେ ଭକ୍ତଙ୍କ ଠାରୁ ଯେଉଁ ଅର୍ଥ ଆଦାୟ ହୋଇଥାଏ ସେଥିରେ ମନ୍ଦିରର ଉନ୍ନତି କରାଯାଉଛି ବୋଲି କମିଟି ସମ୍ପାଦକ ଜି ରବିଶଙ୍କର ସଭାପତି ବି ସତ୍ୟମ ଓ ଉପସଭାପତି ସାହୁକର କହିଛନ୍ତି। ଲକ୍ଷାଧିକ ଭକ୍ତ ନିଜ ନିଜର ମାନସିକ ଧରି ଏହି ଠାକୁ ଆସନ୍ତି। ମାନସିକ ପୂରଣ ହେଲେ କିଏ ତ ମୁଣ୍ଡନ କରୁଛି କିଏ ଛେଳି ମାରୁଛି ଯେଉଁ ଭକ୍ତ ଯେପରି ଭାବେ ମାଙ୍କ ଡାକେ ମା ତାହାରି ଡାକ ଶୁଣନ୍ତି। ନିସନ୍ତାନ ସନ୍ତାନ ପାଏ। ଯାହାର ବିବାହ ଅଟକି ଥାଏ ତାହାର ବିବାହ କାର୍ଯ୍ୟ ସମାପନ ହୋଇଥାଏ।







### ଅସ୍ତିତ୍ୱ ଖୋଜୁଛି ଡାବୁଗାଁର ଅଙ୍ଗୀ ନଦୀ

# ବିପର୍ଯ୍ୟୟ ପାଇଁ ପ୍ରକୃତି ନା ମଣିଷ ଦାୟୀ



**ନବରଙ୍ଗପୁର :** ଡାବୁଗାଁ ଅଞ୍ଚଳର କିଛି ପ୍ରମୁଖ ନଦୀ ମଧ୍ୟରୁ ଅଙ୍ଗୀ ନଦୀ ଅନ୍ୟତମ। ଏହି ନଦୀ ଛେପଟି ଆମ ଅଞ୍ଚଳର ଏକ ପାହାଡ଼ କୋଣରୁ ବାହାରିଛି ଓଏହି ନଦୀ ନବରଙ୍ଗପୁର ପ୍ରମୁଖ ନଦୀ ଇନ୍ଦ୍ରାବତୀ ନଦୀରେ ମିଶୁଛି ଓଏହା କେବଳ ଗୋଟିଏ ନଦୀନୁହଁ, ଏହା ଡାବୁଗାଁ ଅଞ୍ଚଳର ଲୋକଙ୍କ ପାଇଁ ଜୀବନ ଜୀବିକା କହିଲେ ଭୁଲ ହେବନାହିଁ। ଏହି ଅଙ୍ଗୀ ନଦୀ କାହାପାଇଁ ନଦୀ ହୋଇପାରେ, କିନ୍ତୁ ଏହା ଡାବୁଗାଁ ବାସୀଙ୍କ ପାଇଁ ଜୀବନ ରେଖା କହିଲେ ଭୁଲ ହେବନାହିଁ। ଏହି ନଦୀ ଉପରେ କୃଷି, ମତ୍ସ୍ୟଜୀବୀ, ଜୀବଜନ୍ତୁ, ପାନୀୟ ଜଳ ନିର୍ଭର କରନ୍ତି। ଏବେ କିଛି ବର୍ଷ ହେବ ଜଳସ୍ତର କମିଯାଇ ଛୋଟିଆ ନାଳ ଭଳି ଦୃଶ୍ୟମାନ ହେଉଛି। କେବଳ ଏତିକି ନୁହେଁ ଅଙ୍ଗୀ ନଦୀ ଧୀରେ ଧୀରେ ନିଜର ଅସ୍ତିତ୍ୱ ହରାଇବାକୁ ବସିଲାଣି ବୋଲି ପରିବେଶବିତ୍ ମାନେ ମତ ପ୍ରକାଶ କଲେଣି। ଦିନେ ଲୋକଙ୍କୁ ଜୀବନ ଦେଉଥିବା ବେଳେ ବର୍ତ୍ତମାନ ନିଜ ଜୀବନ ବଞ୍ଚାଇବା ଅଛ ରହ ସଂଘର୍ଷ କରୁଥିବାର ନଦୀକୁ ଦେଖିଲେ ଜଣାପଡୁଛି ଓ ଦିନକୁ ଦିନ ଜଳସ୍ତର କମିଯିବାରୁ ନଦୀ ମଝିରେ ଲଟା ବୁଦା ଓ ଗଛ ଉଠିଯାଇଛି। ବାଲି ମାଫିଆ ଲୋଲୁପଦୃଷ୍ଟି ଓ ଖଣି, ରାଜସ୍ୱ, ବନ ବିଭଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ବେଆଇନ ଭାବରେ ବାଲି ଉତ୍ତୋଳନ ହେଉଥିବାରୁ ଏଭଳି ଅସ୍ତିତ୍ୱ ହରାଇ ବସିଛି କହିଲେ ଭୁଲ ହେବନାହିଁ। ବାଲି ନଦୀର ପାଣିକୁ ଭିଡି ଧରିଥାଏ। ବାଲି ନଦୀରୁ କି ବାଲିପଠାରୁ ନିୟମିତ ଭାବେ ଉଠା ହେଉଥିବାରୁ ଜଳସ୍ରୋତ କମିକମି ଯାଉଥିବାରୁ ଅଙ୍ଗୀ ନଦୀ ନିଜର ଅସ୍ତିତ୍ୱ ହରାଇଛି। ବର୍ଜ୍ୟବସ୍ତୁ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ, ଦିନକକୁ ଦିନ ବାଲି ଖନନ ଦ୍ୱାରା ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲ ନଦୀକୂଳିଆ ଲୋକେ ମତବ୍ୟକ୍ତ କରିଛନ୍ତି। ଏମିତିକି ଛେପଟି ଆମ ନିକଟ ପାହାଡ଼ ଉପରେ ବଡ଼ ବଡ଼ ଗଛ କଟା ଓ ବନାଗ୍ନି ଦ୍ୱାରା ନଷ୍ଟ ହେଉଥିବାରୁ ନଦୀର ଜଳସ୍ତର କମିବା ମଧ୍ୟ ଗୋଟିଏ କାରଣ ହୋଇଥାଇ ପରେ ବୋଲି ପରିବେଶବିତ ମାନେ ମତ ପ୍ରକାଶ କରିଛନ୍ତି। କେବଳ ବର୍ଷା ଋତୁରେ ହିଁ କୂଳର ହାତୀମୁଣ୍ଡା ଚେକଡେମ ମାଧ୍ୟମରେ ପ୍ରାୟ ଦୁଇ ହଜାର ଜେମିକୁ ପାଣି ଯୋଗାଇବା ପାଇଁ ନିର୍ମାଣ ହୋଇଛି। ପ୍ରଶାସନିକ ଓ ମନ୍ତ୍ରୀସ୍ତରିୟ ଆଲୋଚନା ମାଧ୍ୟମରେ ସମାଧାନ କରିବା ସହ ଦାୟିତ୍ୱ ହୀନତା କାର୍ଯ୍ୟ କରୁଥିବା ଅଧିକାରୀଙ୍କ ବରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବିହେଉଛି। ଖାସ କରି ଏଥି ପ୍ରତି ରାଜସ୍ୱ ବିଭାଗ, ମାଇନ୍ସ ବିଭାଗ ଏବଂ ବନ ବିଭାଗ ପ୍ରତ୍ୟେକ୍ଷରେ ନହେଲେ ବି ପରୋକ୍ଷରେ ଦାୟୀ ଅଟନ୍ତ।




N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286


### ରାଜ୍ୟରେ ରନ୍ଧନ ଗ୍ୟାସ୍ ଓ ଇନ୍ଧନ ତୈଳର ଉପଲବ୍ଧତା ନେଇ ବିଭିନ୍ନ ତୈଳ କମ୍ପାନୀର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା

# ଆତଙ୍କିତ ନ ହେବାକୁ ମନ୍ତ୍ରୀଙ୍କ ପରାମର୍ଶ



**ଭୁବନେଶ୍ୱର :** ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ରାଜ୍ୟରେ ରନ୍ଧନ ଗ୍ୟାସ୍ (ଏଲ୍ ପିଜି) ଏବଂ ପେଟ୍ରୋଲ ଓ ଡିଜେଲର ଉପଲବ୍ଧତା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକସଭା ଭବନସ୍ଥିତ ଅନ୍ନପୂର୍ଣ୍ଣା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ଓଡ଼ିଶା ରାଜ୍ୟ ଖାଦ୍ୟ ନିଗମର ପରିଚାଳନା ନିର୍ଦ୍ଦେଶକ କେ .ସୁଦର୍ଶନ ଚକ୍ରବର୍ତ୍ତୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ବରିଷ୍ଠ ଅଧିକାରୀବୃନ୍ଦଙ୍କ ସମେତ ରନ୍ଧନଗ୍ୟାସ୍ (ଏଲ.ପି.ଜି) ଓ ଇନ୍ଧନ ତୈଳ ମାର୍କେଟିଂ କରୁଥିବା ଆଇଓସିଏଲ, ବିପିସିଏଲ, ଏଚପିସିଏଲ, ରିଲାଏନ୍ସ, ଗେଲ୍ ଆଦି କମ୍ପାନୀର କର୍ତ୍ତୃପକ୍ଷମାନେ ଉପସ୍ଥିତ ଥିଲେ। ରାଜ୍ୟରେ ଯଥେଷ୍ଟ ପରିମାଣର ରନ୍ଧନ ଗ୍ୟାସ୍ (ଏଲ୍.ପି.ଜି) ଉପଲବ୍ଧ ରହିଛି ଏବଂ ଜନସାଧାରଣଙ୍କୁ ଏଥି ନେଇ ଚିନ୍ତିତ ନ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ଏଲ୍. ପି.ଜି ବିତରକ ଓ ରିଟେଲ୍ ଆଉଟ୍ ଲେଟକୁ ବିତରଣ ପ୍ରକ୍ରିୟା ଓ ଯୋଗାଣ ଶୃଙ୍ଖଳ ବ୍ୟବସ୍ଥା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଖାଉଟିମାନେ ଯେପରି ରନ୍ଧନ ଗ୍ୟାସ , ପେଟ୍ରୋଲ, ଡିଜେଲ ଯୋଗାଣ ନେଇ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥି ପ୍ରତି ସଜାଗ ରହିବାକୁ ମାନ୍ୟବର ମନ୍ତ୍ରୀ ଶ୍ରୀ ପାତ୍ର ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଓ ଖାଉଟିମାନଙ୍କ ସୁବିଧା ନିମନ୍ତେ ପଦକ୍ଷେପ ନେବା ସହ ଜିଲ୍ଲାପାଳମାନେ ପ୍ରତିଦିନ ରିପୋର୍ଟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମଧ୍ୟ ପ୍ରାଚ୍ୟର ସ୍ଥିତିକୁ ନେଇ ରାଜ୍ୟବାସୀ ଆତଙ୍କିତ ନ ହୋଇ ସତର୍କ ଓ ସଜାଗ ରହିବାକୁ ମାନ୍ୟବର ମନ୍ତ୍ରୀ ଶ୍ରୀ ପାତ୍ର ପରାମର୍ଶ ଦେବା ସହ ବଜାରରେ ଏଲ୍ ପି ଜି କଳାବଜାରୀ ରୋକିବାକୁ ଚଢ଼ଉ ପାଇଁ ବିଭାଗୀୟ ଅଧିକାରୀ ନିଯୋଜିତ ଅଛନ୍ତି ଏବଂ କଳାବଜାରୀର ଖବର ମିଳିଲେ ଦୃଢ଼ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସିଂ କହିଛନ୍ତି ଯେ ରାଜ୍ୟରେ ଦୈନିକ ଆବଶ୍ୟକ ପଡୁଥିବା ରନ୍ଧନ ଗ୍ୟାସ୍ ଏବଂ ଏହାର ଉପଲବ୍ଧତା ନେଇ ଆଶ୍ୟକୀୟ ତଥ୍ୟ ରହିବ। ଏ ନେଇ ପ୍ରତି ଜିଲ୍ଲାର ଜିଲ୍ଲାପାଳ ଦୈନିକ ତଥ୍ୟ ଦେବେ। କଟକ ବଡ ମେଡିକାଲ ପରି ସମ୍ବେଦନଶୀଳ ସରକାରୀ ଅନୁଷ୍ଠାନ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକରେ ମାର୍କେଟିଙ୍ଗ ଅଫିସରମାନେ ସ୍ଥିତି ଅନୁଧ୍ୟାନ କରିବେ। ରାଜ୍ୟର ଘରୋଇ ଉପଭୋକ୍ତା ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେ ନେଇ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

### ଓଡ଼ିଶାରେ ମହିଳା ନେତୃତ୍ୱର ନୂଆ ଅଧ୍ୟାୟ

# ପ୍ରଥମ ସୁଭଦ୍ରା ଶକ୍ତି ନେତୃତ୍ୱ ସମ୍ମିଳନୀ’ ମାଧ୍ୟମରେ ୬୭୬ ମହିଳା ନେତ୍ରୀ ସଶକ୍ତ




**ଭୁବନେଶ୍ୱର :** ମିଶନ ଶକ୍ତି ବିଭାଗ ପକ୍ଷରୁ ପ୍ରଥମ ଥର ପାଇଁ ଆୟୋଜିତ କୋଣାର୍କ ଠାରେ ଛ ଦିନିଆ ‘ସୁଭଦ୍ରା ଶକ୍ତି ନେତୃତ୍ୱ ସମ୍ମିଳନୀ’ ସଫଳତାର ସହିତ ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କୁ ସମ୍ବୋଧିତ କରିବା ସହ ବିକଶିତ ଓଡ଼ିଶା ଗଠନରେ ସେମାନଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମିଶନ ଶକ୍ତି କେବଳ ଏକ ସରକାରୀ କାର୍ଯ୍ୟକ୍ରମ ହୋଇ ରହିନାହିଁ, ବରଂ ଏହା ଓଡ଼ିଶାରେ ଏକ ଶକ୍ତିଶାଳୀ ମହିଳା-ନେତୃତ୍ୱାଧୀନ ରୂପାନ୍ତରଣ ଆନ୍ଦୋଳନରେ ପରିଣତ ହୋଇଛି। ଏହି ସମ୍ମିଳନୀ ମାଧ୍ୟମରେ ମହିଳାମାନଙ୍କୁ ନେତୃତ୍ୱ, ଭାବନାତ୍ମକ ବୁଦ୍ଧିମତା, ଦକ୍ଷତା ବିକାଶ ଏବଂ ଷ୍ଟାର୍ଟ-ଅପ୍ ସୁଯୋଗ ବିଷୟରେ ପ୍ରଶିକ୍ଷଣ ଦିଆଯାଇଛି, ଯାହା ଆଗାମୀ ଦିନରେ ଓଡ଼ିଶାକୁ ଏକ ନୂଆ ଦିଗଦର୍ଶନ ଦେବ। ସୂଚନା ଯୋଗ୍ୟ ଯେ ମିଶନ ଶକ୍ତି ଇତିହାସରେ ପ୍ରଥମ କରି ୩୩୮ଟି ବ୍ଲକ୍ ସ୍ତରୀୟ ମହାସଂଘର ୬୭୬ ଜଣ ସଭାପତି ଓ ସମ୍ପାଦିକା ଏବଂ ସମୁଦାୟ ୬୭୬ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଏହି ସମ୍ମିଳନୀ ୭ ମାର୍ଚ୍ଚ ରେ ଶୁଭାରମ୍ଭ ହୋଇଥିଲା। ଏସ୍ଏଚ୍ଜି ଗୁଡ଼ିକୁ କ୍ଷୁଦ୍ର ବ୍ୟବସାୟରେ ପରିଣତ କରିବା ସହ ସେମାନଙ୍କୁ ଆର୍ଥିକ ଓ ଡିଜିଟାଲ୍ କ୍ଷେତ୍ରରେ ସଶକ୍ତ କରିବା ପାଇଁ ସରକାର ସଂକଳ୍ପବଦ୍ଧ, ବୋଲି ଅଧିକାରୀମାନେ ମତ ରଖିଛନ୍ତି। ଏହି ଉଦଯାପନୀ କାର୍ଯ୍ୟକ୍ରମରେ ମିଶନ ଶକ୍ତି କମିଶନର-ତଥା-ଶାସନ ସଚିବ ମାନସୀ ନିମ୍ଭାଲ, ନିର୍ଦ୍ଦେଶିକା ଡକ୍ଟର ମୋନିକା ପ୍ରିୟଦର୍ଶିନୀଙ୍କ ସହ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ଶେଷ ଦିବସରେ ଝାରସୁଗୁଡା, ନୂଆପଡା, ସୁନ୍ଦରଗଡ଼, ଦେଓଗଡ଼, ସୁବର୍ଣ୍ଣପୁର, ବଲାଙ୍ଗିର ଓ ମୟୂରଭଞ୍ଜ ଜିଲ୍ଲାର ୧୭୪ ଜଣ ପ୍ରତିନିଧି ଯୋଗଦେଇ ନିଜର ଅନୁଭୂତି ସାଉଁଟିଥିଲେ। ଏହି ସମ୍ମିଳନୀ ଓଡ଼ିଶାର ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

# ଏପ୍ରିଲ ୨ରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ

**ଭୁବନେଶ୍ୱର :** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ବିଦ୍ୟାଳୟଗୁଡ଼ିକରେ ଏପ୍ରିଲ ୨ରେ ଶିଶୁବାଟିକା ପିଲାଙ୍କ ପାଇଁ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ କରାଯିବ। ଏହି କାର୍ଯ୍ୟକ୍ରମରେ ଶିଶୁଙ୍କ ସହ ଅଭିଭାବକ, ନିର୍ବାଚିତ ପ୍ରତିନିଧି, ଅଧିକାରୀ ଏବଂ ସାମାଜିକ ସଙ୍ଗଠନ କର୍ମକର୍ତ୍ତାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ବିଭାଗ ପକ୍ଷରୁ ନିମନ୍ତ୍ରଣପତ୍ର ବାଣ୍ଟିବା ସହ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସ ସମସ୍ତ ଜିଲାପାଳ ଓ ଜିଲା ମାଜିଷ୍ଟ୍ରେଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏପ୍ରିଲ ୬, ୭ ଓ ୮ରେ ବିଦ୍ୟାଳୟସ୍ତରରେ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ନେଇ କାର୍ଯ୍ୟକ୍ରମ କରାଯିବ।






# ଘର ପାଇଲେ ୧୦ ବସ୍ତିର ୩୦୩ ପରିବାର

**ଭୁବନେଶ୍ୱର :** ରାଜଧାନୀ ଭୁବନେଶ୍ୱରକୁ ବସ୍ତିମୁକ୍ତ କରି ବିକଶିତ ସହରର ସ୍ୱପ୍ନ ଦେଖୁଛନ୍ତି ରାଜ୍ୟ ସରକାର। ଏହି ଯୋଜନା କ୍ରମରେ ଉଚ୍ଛେଦ ବସ୍ତିବାସିନ୍ଦାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ(ସହରାଞ୍ଚଳ) ଆଫୋର୍ଡେବଲ୍ ହାଉସିଂ ପ୍ରକଳ୍ପରେ ଘର ଯୋଗାଇ ଦିଆଯାଉଛି। ବିଏମ୍ସି ପକ୍ଷରୁ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ୧୦ ବସ୍ତିର ୩୦୩ଟି ପରିବାରକୁ ଘର ବାଣ୍ଟିଛନ୍ତି। ଏହି ଅବସରରେ ମନ୍ତ୍ରୀ ଡା. ମହାପାତ୍ର କହିଛନ୍ତି, ସମଗ୍ର ରାଜ୍ୟ ବସ୍ତିମୁକ୍ତ ହେବ। ୩୦୩ଜଣ ହିତାଧିକାରୀଙ୍କୁ ଚନ୍ଦ୍ରଶେଖରପୁର ବୁଦ୍ଧବିହାର ଆବାସିକ ପ୍ରକଳ୍ପ, ନୀଳମାଧବ ଆବାସିକ ପ୍ରକଳ୍ପ ଓ ସୁବୁଦ୍ଧିପୁର ଆବାସିକ ପ୍ରକଳ୍ପରେ ଘର ଦିଆଯାଇଛି। କାର୍ଯ୍ୟକ୍ରମରେ ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ଏକାମ୍ର ବିଧାୟକ ବାବୁ ସିଂ, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଂଜୁଲତା କହଁର, ବିଏମ୍ସି କମିସନର ଚଞ୍ଚଳ ରାଣା, ସ୍ଲମ ସେଟଲମେଣ୍ଟ ଷ୍ଟାଣ୍ଡିଂ କମିଟିର ଅଧକ୍ଷା ମହାମାୟା ସ୍ୱାଇଁ, ଅତିରିକ୍ତ କମିସନର ରତ୍ନାକର ସାହୁ ଓ କୈଳାସ ଚନ୍ଦ୍ର ଦାସ ମଞ୍ଚାସୀନ ଥିଲେ। ମେୟର ଶ୍ରୀମତୀ ଦାସ କହିଛନ୍ତି, ଲଟେରି ମାଧ୍ୟମରେ ଗୃହ ଆବଣ୍ଟନ କରିବା ଅର୍ଥ ହେଉଛି ଆବଣ୍ଟନରେ ସ୍ୱଚ୍ଛତା ରକ୍ଷା କରିବା। ଭୁବନେଶ୍ୱରରେ ନିଜ ନିଜର ସ୍ୱପ୍ନର ଘର ପାଇଥିବାରୁ ହିତାଧିକାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଏହି ପ୍ରକ୍ରିୟା ଜାରି ରହିବ ବୋଲି କହିଥିଲେ। ଏଥିପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଥିବାରୁ କୃତଜ୍ଞତା ଜଣାଇଥିଲେ। କମିସନର ଶ୍ରୀ ରାଣା କହିଥିଲେ, କୌଣସି ହିତାଧିକାରୀ ପାଇଥିବା ଘର ଭଡ଼ାରେ ଦେବେ ନାହିଁ। ଘରଭଡ଼ା ଦେଇଥିବା ହିତାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିସନର ସତର୍କ କରାଇଛନ୍ତି। ଡେପୁଟି କମିସନର୍ ଅଜୟ କୁମାର ମହାନ୍ତି ଓ ସହକାରୀ କମିସନର୍ ସତ୍ୟଜିତ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଆଦିବାସୀ ଓ ପଛୁଆ ବର୍ଗଙ୍କ ଉନ୍ନତି ପାଇଁ ୬୬୪୯ କୋଟିରୁ ଊର୍ଦ୍ଧ୍ୱ ବଜେଟ୍



**ଭୁବନେଶ୍ୱର :** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପାଇଁ ୨୦୨୬–୨୭ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନା କରିଛନ୍ତି ମାନ୍ୟବର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଏହି ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ଗଣ୍ଡ ଆଦିବାସୀ, ଅନୁସୂଚିତ ଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗର ଶିକ୍ଷା, ଜୀବିକା ଓ ସାମାଜିକ ଉନ୍ନତିକୁ ଲକ୍ଷ୍ୟରେ ରଖି ବଜେଟ୍ ପ୍ରସ୍ତୁତ ହୋଇଥିବା ମତ ପ୍ରକାଶ କରିଛନ୍ତି। ଏହି ଅବସରରେ ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି, ଏହି ବର୍ଷ ବିଭାଗ ପାଇଁ ସର୍ବମୋଟ ୬୬୪୯ କୋଟି ୩୩ ଲକ୍ଷ ୧୨ ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏଥିରେ ୫୪୦୦ କୋଟି ଟଙ୍କା କାର୍ଯ୍ୟକ୍ରମ ବ୍ୟୟ ଓ ୧୨୪୯ କୋଟିରୁ ଅଧିକ ପ୍ରଶାସନିକ ବ୍ୟୟ ଅନ୍ତର୍ଭୁକ୍ତ ରହିଛି। ଗତ ବର୍ଷର ବଜେଟ ତୁଳନାରେ ଏହା ପ୍ରାୟ ୩ ପ୍ରତିଶତ ବୃଦ୍ଧି ପାଇଛି। ବଜେଟର କାର୍ଯ୍ୟକ୍ରମ ବ୍ୟୟ ମଧ୍ୟରୁ ୩୬୧୦ କୋଟି ଟଙ୍କା ରାଜ୍ୟ ସ୍ତରୀୟ ଯୋଜନା, ୧୯୦ କୋଟି ଟଙ୍କା କେନ୍ଦ୍ରସ୍ତରୀୟ ଯୋଜନା ଓ ୧୬୦୦ କୋଟି ଟଙ୍କା କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ ବରାଦ କରାଯାଇଛି। ଏହି ଯୋଜନାଗୁଡ଼ିକ ମୁଖ୍ୟତଃ ଶିକ୍ଷା, ଆଦିବାସୀ ଓ ଅନୁସୂଚିତ ଜାତିଙ୍କ କଲ୍ୟାଣ, ସଂଖ୍ୟାଲଘୁ ଓ ପଛୁଆ ବର୍ଗର ସାମାଜିକ ଓ ଆର୍ଥିକ ଉନ୍ନତିକୁ ଲକ୍ଷ୍ୟ କରି ପ୍ରସ୍ତୁତ କରାଯାଇଛି। ଶିକ୍ଷା କ୍ଷେତ୍ରରେ ସରକାର ଛାତ୍ରଛାତ୍ରୀଙ୍କୁ ବିଶେଷ ଗୁରୁତ୍ୱ ଦେଇଛନ୍ତି। ପ୍ରାୟ ୨୩ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ ପାଇଁ ୨୦୯୪ କୋଟି ଟଙ୍କାର ବ୍ୟୟ ପ୍ରସ୍ତାବ ରହିଛି। ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଓ କେନ୍ଦ୍ରୀୟ ଛାତ୍ରବୃତ୍ତି ଯୋଜନା ମାଧ୍ୟମରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ପଛୁଆ ବର୍ଗର ଛାତ୍ରଛାତ୍ରୀମାନେ ଏହାର ଲାଭ ପାଇବେ। ଏହାସହିତ ପ୍ରାକ୍-ମାଟ୍ରିକ୍ ଛାତ୍ରବୃତ୍ତିର ରାଶି ବୃଦ୍ଧି କରାଯାଇ ଖାଦ୍ୟ ଓ ଆବଶ୍ୟକୀୟ ସାମଗ୍ରୀ ପାଇଁ ଛାତ୍ରଛାତ୍ରୀମାନଙ୍କୁ ଅଧିକ ସହାୟତା ଯୋଗାଯାଉଛି। ରାଜ୍ୟରେ ଆଦିବାସୀ ଓ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ଶିକ୍ଷାର ଉନ୍ନତି ପାଇଁ ବର୍ତ୍ତମାନ ୧୭୬୫ଟି ବିଦ୍ୟାଳୟ କାର୍ଯ୍ୟ କରୁଛି, ଯାହାମଧ୍ୟରୁ ୧୬୧୫ଟି ଆବାସିକ ଓ ୧୫୦ଟି ଅଣଆବାସିକ ବିଦ୍ୟାଳୟ ଅଟେ। ଏହି ବିଦ୍ୟାଳୟଗୁଡ଼ିକରେ ପ୍ରାୟ ୪ ଲକ୍ଷ ୩୮ ହଜାର ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଏହାସହିତ ରାଜ୍ୟରେ ମୋଟ ୫୯୬୭ଟି ଛାତ୍ରାବାସ ଚାଲୁ ଅଛି ଯେଉଁଠାରେ ପ୍ରାୟ ୫ ଲକ୍ଷ ୫୨ ହଜାର ଛାତ୍ରଛାତ୍ରୀ ରହି ପଢୁଛନ୍ତି। ଛାତ୍ରଛାତ୍ରୀଙ୍କ ଖାଦ୍ୟ, ପାଠ୍ୟ ଉପକରଣ ଓ ଅନ୍ୟାନ୍ୟ ସୁବିଧା ପାଇଁ ବଜେଟରେ ଅତିରିକ୍ତ ଅର୍ଥ ବରାଦ କରାଯାଇଛି। ଡ୍ରପ୍ଆଉଟ୍ ହାର କମେଇବା ପାଇଁ ସରକାର “ସହିଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା” ରେ ନବମ ଶ୍ରେଣୀ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଇବା ପରେ ଜନଜାତି ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି। ଏହି ଯୋଜନା ପାଇଁ ବଜେଟରେ ୧୫୪ କୋଟି ଟଙ୍କା ବରାଦ କରାଯାଇଛି। ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ “ଅନ୍ୱେଷା ଯୋଜନା” ଅଧୀନରେ ୧୭ଟି ଜିଲ୍ଲାର ୧୬୩ଟି ବେସରକାରୀ ବିଦ୍ୟାଳୟରେ ପ୍ରାୟ ୨୦,୪୭୩ ଛାତ୍ରଛାତ୍ରୀ ପଢୁଛନ୍ତି । ଏହି ଯୋଜନା ପାଇଁ ୧୫୮ କୋଟି ଟଙ୍କା ବ୍ୟୟ ପ୍ରସ୍ତାବ ରହିଛି। ଏହାସହିତ “ଆକାଂକ୍ଷା ଯୋଜନା” ଅଧୀନରେ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପଢୁଥିବା ଛାତ୍ରଛାତ୍ରୀଙ୍କୁ ମାଗଣା ଆବାସିକ ସୁବିଧା ଦିଆଯାଉଛି। ଆଦିବାସୀ ଅଞ୍ଚଳର ସମଗ୍ର ଉନ୍ନତି ପାଇଁ “ଧରତି ଆବା ଜନଜାତି ଗ୍ରାମ ଉନ୍ନତି ଅଭିଯାନ” ମାଧ୍ୟମରେ ରାଜ୍ୟର ୨୭ଟି ଜିଲ୍ଲାର ୨୩୪ଟି ବ୍ଲକ ଓ ୭୬୬୭ଟି ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହା ମାଧ୍ୟମରେ ୧୦ ଲକ୍ଷରୁ ଅଧିକ ଜନଜାତି ପରିବାର ଉପକୃତ ହେବେ। ଏହି ଯୋଜନା ପାଇଁ ୩୨୫ କୋଟିରୁ ଅଧିକ ଟଙ୍କା ବରାଦ କରାଯାଇଛି। ସେହିପରି “ପିଏମ ଜନମନ” କାର୍ଯ୍ୟକ୍ରମ ମାଧ୍ୟମରେ ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ଜୀବିକାରେ ସୁଧାର ଆଣିବାକୁ ଲକ୍ଷ୍ୟ ରହିଛି। ରାଜ୍ୟର ୧୪ଟି ଜିଲ୍ଲାର ୧୭୫୧ଟି ଗ୍ରାମରେ ଏହା କାର୍ଯ୍ୟକାରୀ ହେଉଛି। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ମାଧ୍ୟମରେ ଆଦିବାସୀ ପରିବାରମାନଙ୍କୁ କୃଷି, ପ୍ରାଣୀସମ୍ପଦ, ମାଛଚାଷ ଓ ଲଘୁ ଉଦ୍ୟୋଗ ମାଧ୍ୟମରେ ଜୀବିକା ବିକାଶ ପାଇଁ ସହାୟତା ଦିଆଯାଉଛି। ସାମାଜିକ ନ୍ୟାୟକୁ ସୁଦୃଢ଼ କରିବା ପାଇଁ ଅନୁସୂଚିତ ଜାତି ସହ ବିବାହକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ସରକାର ପ୍ରତି ଦମ୍ପତିକୁ ୨ ଲକ୍ଷ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଏଥିପାଇଁ “ସୁମଙ୍ଗଳ” ନାମକ ଅନଲାଇନ ପୋର୍ଟାଲ ଆରମ୍ଭ କରାଯାଇଛି। ଶିକ୍ଷାର ଗୁଣାତ୍ମକ ଉନ୍ନତି, ଛାତ୍ରଛାତ୍ରୀଙ୍କ ପାଇଁ ଅଧିକ ସୁବିଧା ଓ ଆଦିବାସୀ ଅଞ୍ଚଳର ସମଗ୍ର ବିକାଶକୁ ଲକ୍ଷ୍ୟ କରି ଏହି ବଜେଟ୍ ପ୍ରସ୍ତୁତ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ଏହାଦ୍ୱାରା ରାଜ୍ୟର ଆଦିବାସୀ ଓ ପଛୁଆ ବର୍ଗଙ୍କ ଆର୍ଥିକ ଓ ସାମାଜିକ ସଶକ୍ତିକରଣ ହେବା ସହିତ ସମାବେଶୀ ଉନ୍ନତିର ଲକ୍ଷ୍ୟ ସାଧନରେ ଏହା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**